# ଅହମଦିୟତର
# ବାର୍ତ୍ତା

ହଜରତ ମିର୍ଜା ବଶିରୁଦ୍ଦିନ ମହମୁଦ ଅହମଦ[ରଅ]
(ଅହମଦିୟା ମୁସଲିମ ସମ୍ପ୍ରଦାୟର ଦ୍ୱିତୀୟ ଖଲିଫା)

# ଅହମଦିୟତର ବାର୍ତ୍ତା


ମୂଳ ଉର୍ଦ୍ଦୁ : **'ଅହମଦିୟତ୍ କା ପୈଗାମ'**

ଲେଖକ : **ହଜରତ ମିର୍ଜା ବଶିରୁଦ୍ଦିନ ମହମୁଦ ଅହମଦ**[ରଅ]
ଅହମଦିୟା ମୁସଲିମ ସମ୍ପ୍ରଦାୟର ଦ୍ୱିତୀୟ ଖଲିଫା

ଓଡିଆରେ ଅନୁବାଦ: **ଟିକାୟତ୍ ଅଲ୍ଲୀ ମୁହମ୍ମଦ,** ଏମ୍.ଏ.(ଓଡିଆ)

ପୁସ୍ତକ ସମୀକ୍ଷା : ଇଂ. ରୌଶନ୍ ଖାନ୍, ଅଧ୍ୟକ୍ଷ, ରିଭ୍ୟୁ କମିଟି, ଓଡିଶା

ପ୍ରକାଶକ : ନଜାରତ ନଶରୋ ଇଶାଅତ୍, ସଦର ଅଞ୍ଜୁମନ ଅହମଦିୟା,
କାଦିୟାନ, ଜିଲ୍ଲା: ଗୁରୁଦାସ୍ପୁର, ପଞ୍ଜାବ (ଭାରତ)

ପ୍ରକାଶନ ବର୍ଷ : 2019, ପ୍ରଥମ ଓଡିଆ ସଂସ୍କରଣ (ମୁଦ୍ରଣ ସଂଖ୍ୟା 1000)

ମୁଦ୍ରକ : ଫଜଲେ ଉମର୍ ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିୟାନ (ଭାରତ) 143516


## AHMADIYYAT RA VARTAA

**(Answer to the Question 'What is Ahmadiyyat?')**


*Author* : **Hadhrat Mirza Bashiruddin Mahmood Ahmad**[ra]
Second Khalifa of Ahmadiyya Muslim Jama'at

*Translated to Odia* : **Tikayat Ali Muhammad**, M.A. (Odia)

*Published by* : NAZARAT NASHR-O-ISHA'AT, *Qadian*
*Dist.Gurdaspur, Punjab (India) - 143516*

*Year of Publication*: 2019 First Edition in Odia (1000 copies)

*Printed at* : Fazle Umar Printing Press, Qadian (India)



*No part of this translation and commenrtary may be reproduced in any form without prior permission from the Publisher, except for the quotation of brief passages in criticism.*

# ଭୂମିକା

ଅହମଦୀୟା ଜମାଅତର ବିରୁଦ୍ଧାଚରଣ ଗୋଷ୍ଠୀ ସାଧାରଣ ମୁସଲମାନମାନଙ୍କୁ ଏହି ବିଭ୍ରାନ୍ତିକର ଧାରଣାର ବଶବର୍ତ୍ତୀ କରାଇଛନ୍ତି ଯେ ଅହମଦିୟତ ଇସଲାମ ଠାରୁ ଅଲଗା କୌଣସି ନୂତନ ଧର୍ମ । ଏହା ମଧ୍ୟ ଅଭିଯୋଗ କରାଯାଉଛି ଯେ (ଈଶ୍ୱର କ୍ଷମା କରନ୍ତୁ) ଅହମଦିୟା ସମ୍ପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ[ଅସ] କୁଆଡେ ନିଜକୁ ହଜରତ ମୁହମ୍ମଦ ରସୁଲୁଲ୍ଲାଃ[ସଅ]ଙ୍କ ମୁକାବିଲାରେ କୌଣସି ସମାନ୍ତର ଅବତାର ହୋଇଥିବାର ଦାବି କରି 'ଖତ୍‌ମେ ନବୁଓ୍ୱତ'(ମୁହମ୍ମଦ[ସଅ] ଶ୍ରେଷ୍ଠ ନବୀ ହେବା)କୁ ଅସ୍ୱୀକାର କରିଛନ୍ତି । ଅହମଦିମାନଙ୍କ କଲିମା (ଇସଲାମ ମୂଳମନ୍ତ୍ର) ଭିନ୍ନ । ଅହମଦି ଜିହାଦ ବିରୋଧୀ ଓ ଇସଲାମର ବିଦ୍ରୋହାତ୍ମକ କାର୍ଯ୍ୟକଳାପରେ ଲିପ୍ତ ଅଛନ୍ତି ଇତ୍ୟାଦି ଇତ୍ୟାଦି । କିନ୍ତୁ ଦେଖିବାକୁ ଗଲେ ଏଥିରୁ କୌଣସି ଗୋଟିଏ ହେଲେ କଥା ଠିକ ନୁହେଁ । ସମସ୍ତ ଅଭିଯୋଗ କପୋଳ କଳ୍ପିତ, ଅଯୌକ୍ତିକ, ସଂପୂର୍ଣ୍ଣ ଭିତ୍ତିହୀନ ଏବଂ ଏଥିରେ କୌଣସି ସତ୍ୟତା ନାହିଁ । ବରଂ ହଜରତ ମିର୍ଜା ଗୁଲାମ ଅହମଦ କାଦିୟାନୀ ଜଣେ ନୈଷ୍ଠିକ ମୁସଲିମ ସନ୍ଥ ଥିଲେ, ଯେକି ହଜରତ ମୁହମ୍ମଦ[ସଅ]ଙ୍କର ଜଣେ ସତ୍ୟନିଷ୍ଠ ପ୍ରେମିକ ଓ ପରମ ଅନୁରାଗୀ ଥିଲେ । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଜମାଅତ ସମ୍ପ୍ରତି ବିଶ୍ୱ ସ୍ତରରେ ବାସ୍ତବ ଇସଲାମର ପୃଷ୍ଠପୋଷକତା କରୁଛି ଏବଂ ଇସଲାମକୁ ଉଚ୍ଚ ଖ୍ୟାତିସଂପନ୍ନ ଓ ଲବ୍‌ଧ ପ୍ରତିଷ୍ଠିତ କରାଇବା ହେଉଛି ଏହାର ପ୍ରଧାନ ଲକ୍ଷ୍ୟ । ସମଗ୍ର ବିଶ୍ୱରେ ଇସଲାମର ବିଜୟ ବାନା ଉଡାଇବା ପାଇଁ ଏହା ଅହର୍ନିଶି ପ୍ରୟାସରତ । ତେବେ ପୁସ୍ତିକାଟିରେ ସେସବୁ ଭ୍ରମଧାରଣାକୁ ସଂକ୍ଷିପ୍ତ ଓ ବଳିଷ୍ଠ ପ୍ରମାଣ ଦ୍ୱାରା ଦୃଢ ଖଣ୍ଡନ କରି ପ୍ରତିଶ୍ରୁତ ମସିହ ହଜରତ ଅହମଦ[ଅସ]ଙ୍କର ଦ୍ୱିତୀୟ ଉତ୍ତରାଧିକାରୀ ମହାମାନ୍ୟ ଖଲିଫା ହଜରତ ମିର୍ଜା ବଶିରୁଦ୍ଦିନ ମହମୁଦ ଅହମଦ[ରଅ] ଅତ୍ୟନ୍ତ ସରଳ ଓ ବୋଧଗମ୍ୟ ଭାଷାରେ ଅହମଦୀୟା ସମ୍ପ୍ରଦାୟର ବିଶ୍ୱବ୍ୟାପୀ ପ୍ରଚାର କାର୍ଯ୍ୟକ୍ରମ ସମ୍ବନ୍ଧରେ ସ୍ପଷ୍ଟ ରୂପେ ବର୍ଣ୍ଣନା କରିଛନ୍ତି । ତତ୍‌ସହିତ ଅନ୍ୟ ସମସ୍ତ ମୁସଲିମ ସମ୍ପ୍ରଦାୟ ଠାରୁ ଏହାକୁ ପୃଥକ ରଖାଯିବାର କାରଣ କ'ଣ ତାହା ମଧ୍ୟ ଦର୍ଶାଇଛନ୍ତି । ଯାହା ଫଳରେ ଏହି ବିଷୟକୁ ଗମ୍ଭୀର ସହକାରେ ନେଉଥିବା ମୁସଲମାନମାନେ ତଥା ସତ୍ୟାନ୍ୱେଷୀ ଧର୍ମପ୍ରାଣ ବ୍ୟକ୍ତିମାନଙ୍କ ସକାଶେ ଅହମଦିୟତ୍‌ର ଆଭିମୁଖ୍ୟ ଓ ସିଦ୍ଧାନ୍ତକୁ ଉପଲବ୍ଧି କରି ସତ୍ୟତା ପର୍ଯ୍ୟନ୍ତ ପହଞ୍ଚାଇବାରେ ଏହି ପୁସ୍ତିକା ଯଥେଷ୍ଟ

ସହାୟକ ସିଦ୍ଧ ହେବ । ଏହି ପୁସ୍ତିକାର ଉର୍ଦ୍ଦୁ ଶୀର୍ଷକ 'ଅହମଦିୟତ୍ କା ପୈଗାମ' ହୋଇଥିବା ବେଳେ ଏହାର ଇଂରାଜୀ ନାମ What is Ahmadiyyat ରଖାଯାଇଛି । ଏହାର ଓଡିଆ ଅନୁବାଦ ଶ୍ରୀଯୁକ୍ତ ଟିକାୟତ ଅଲି, ଏମ୍.ଏ କରିଛନ୍ତି ଏବଂ ଏହାର ପରିମାର୍ଜନା ତଥା ସମୀକ୍ଷା କାର୍ଯ୍ୟ ଜନାବ ଇଂ. ରୌଶନ ଖାନ୍ଙ୍କ ଦ୍ୱାରା ସମ୍ପାଦିତ ହୋଇଛି । ଏଥିରେ ତାଙ୍କୁ ସହଯୋଗ କରିଛନ୍ତି ଜନାବ ମଞ୍ଜୁର ଅହମଦ ନଦିମ୍ ସାହେବ, ଭଦ୍ରକ ।

ଅଲ୍ଲାଃତାଲା ଏହି ପୁସ୍ତିକାକୁ ପୁଣ୍ୟାତ୍ମା ଓ ଧର୍ମପ୍ରାଣ ବ୍ୟକ୍ତିଙ୍କ ପାଇଁ ସତ୍‌ପଥ ଦେଖାଇବାରେ ଉତ୍କୃଷ୍ଟ ମାଧ୍ୟମ କରାନ୍ତୁ । ଆମିନ୍ ।

**ହାଫିଜ ମଖଦୁମ୍ ଶରିଫ**
ନାଜର୍ ନଶରୋ ଇଶାଅତ କାଦିୟାନ
କେନ୍ଦ୍ରୀୟ ପ୍ରସାରଣ ଓ ପ୍ରକାଶନ ନିର୍ଦ୍ଦେଶାଳୟ

# ସୂଚୀପତ୍ର


| | ବିଷୟ | ପୃଷ୍ଠା |
|---|---|---|
| ୧. | ଅହମଦିୟତ କୌଣସି ନୂତନ ଧର୍ମ ନୁହେଁ | ୧ |
| | **ଅହମଦିମାନଙ୍କ ସମ୍ବନ୍ଧରେ ରହିଥିବା କେତେକ ସନ୍ଦେହର ଦୂରୀକରଣ** | ୮ |
| ୨ | ଖତ୍‌ମେ ନବୁଓ୍ୱତ ସମ୍ବନ୍ଧରେ ଅହମଦିମାନଙ୍କ ସିଦ୍ଧାନ୍ତ | ୮ |
| ୩ | ଦେବଦୂତଙ୍କ ସମ୍ବନ୍ଧରେ ଅହମଦିମାନଙ୍କ ସିଦ୍ଧାନ୍ତ | ୧୧ |
| ୪ | ମୋକ୍ଷପ୍ରାପ୍ତି ସମ୍ବନ୍ଧରେ ଅହମଦିମାନଙ୍କ ସିଦ୍ଧାନ୍ତ | ୧୩ |
| ୫ | ହଦିସ ସମ୍ବନ୍ଧରେ ଅହମଦିମାନଙ୍କ ସିଦ୍ଧାନ୍ତ | ୧୬ |
| ୬ | ତକଦୀର ବା ଭାଗ୍ୟନିର୍ଣ୍ଣୟ ତତ୍ତ୍ୱ | ୧୯ |
| ୭ | ଜିହାଦ ବା ଧର୍ମଯୁଦ୍ଧର ବାସ୍ତବିକତା | ୨୧ |
| ୮ | ଏକ ନୂତନ ଜମାଅତ ପ୍ରତିଷ୍ଠା କରିବାର ଅଭିପ୍ରାୟ | ୨୪ |
| ୯ | ଅହମଦୀୟା ଜମାଅତର କାର୍ଯ୍ୟକ୍ରମ | ୩୪ |
| ୧୦ | ଏକ ନୂତନ ସମ୍ପ୍ରଦାୟ ଦ୍ୱାରା ଅହମଦୀମାନଙ୍କୁ ଅନ୍ୟ ଜମାଅତ ଠାରୁ ପୃଥକ ରଖାଯିବାର କାରଣ | ୩୬ |
| ୧୧ | ଆଧାତ୍ମିକ ଦୃଷ୍ଟିକୋଣରୁ ଉତ୍ତର | ୩୯ |

# ମର୍ଯ୍ୟାଦାସୂଚକ ଉକ୍ତି

ସଅ - (ସ୍ୱଲ୍ଲଲ୍ଲାଃ ଅଲୈହେ ଓ୍ୱସଲ୍ଲମ୍) ଅର୍ଥାତ୍ 'ତାହାଙ୍କ ଉପରେ ଅଲ୍ଲାଃଙ୍କ ଶାନ୍ତି ଓ ଆଶିଷ ବୃଷ୍ଟି ହେଉ' । ଏହା ସର୍ବଦା 'ହଜରତ ମୁହମ୍ମଦ', (ଅର୍ଥାତ୍ 'ଦିବ୍ୟ ଅବତାର', 'ନବୀଶ୍ରେଷ୍ଠ' ବା 'ରସୁଲୁଲ୍ଲାଃ')ଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ଅସ - (ଆଲୈଃସଲାତୁ ଓ୍ୱସ୍‌ସଲାମ୍) ଅର୍ଥାତ୍ 'ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ' । ଏହା ସମସ୍ତ ଅବତାର, ନବୀ, ବାର୍ତ୍ତାବହ ବା ପୟଗମ୍ବରଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ରଅ - (ରଜିଅଲ୍ଲାଃ ତା' ଲା ଅନ୍‌ହୁ / ଅନ୍‌ହା) ଅର୍ଥାତ୍ 'ଅଲ୍ଲାଃ ତାଙ୍କ ଉପରେ ପ୍ରସନ୍ନ ହୁଅନ୍ତୁ' । ନବୀମାନଙ୍କ ଉତ୍ତରାଧୀକାରୀ (ଖଲିଫା), ଧର୍ମପତ୍ନୀ ସମୂହ, ସହଚର, ପ୍ରଭୁପ୍ରିୟ ବ୍ୟକ୍ତିତ୍ୱ କ୍ଷେତ୍ରରେ ପ୍ରୟୋଗ କରାଯାଏ । ଅବଶ୍ୟ ପୁରୁଷଙ୍କ କ୍ଷେତ୍ରରେ 'ଅନ୍‌ହୁ' ଓ ମହିଳାଙ୍କ କ୍ଷେତ୍ରରେ 'ଅନ୍‌ହା' ବ୍ୟବହୃତ ହୁଏ ।

ରଉ - (ରହମହୁଲ୍ଲାହୁତା'ଲା) ଅର୍ଥାତ୍ 'ଈଶ୍ୱରଙ୍କ କରୁଣା ତାଙ୍କ ପ୍ରତି ସଦୈବ ଉନ୍ନୀତ ହେଉ ।' ଏହା ମଧ୍ୟ ମୁସଲିମ ଆଧ୍ୟାତ୍ମିକବାଦୀ ସନ୍ଥ ତଥା ଖଲିଫାଙ୍କ ନାମ ସହିତ ଉଚ୍ଚାରଣ କରିବାକୁ ହୁଏ ।

ଅବ - (ଅୟଦହୁଲ୍ଲାହୁ ତା'ଲା ବେନସରିହିଲ୍ ଅଜୀଜ୍) ଅର୍ଥାତ ଈଶ୍ୱର ତାଙ୍କର ସାହାଯ୍ୟକାରୀ ହୁଅନ୍ତୁ । ଏହା ଏକ ଆଶୀର୍ବାଦ ସୂଚକ ଉକ୍ତି, ଯାହା କେବଳ ବର୍ତ୍ତମାନ ଜୀବିତ ଥିବା ଖଲିଫା ଓ ସର୍ବୋଚ୍ଚ ଧର୍ମଗୁରୁ ବା ଧର୍ମାତ୍ମାଙ୍କ ନାମ ସହିତ ବ୍ୟବହୃତ ହୁଏ ।

ଉପରୋକ୍ତ ସମସ୍ତ ମର୍ଯ୍ୟାଦା ସୂଚକ ସଂକେତ ସଂପୃକ୍ତ ମହାପୁରୁଷମାନଙ୍କ ନାମ ଉଚ୍ଚାରଣ କଲାବେଳେ ତାଙ୍କ ସମ୍ମାନାର୍ଥେ ସେହି ନାମ ସହିତ ଏହାକୁ ଉଚ୍ଚାରଣ କରିବାକୁ ହୁଏ ।

بِسۡمِ اللّٰہِ الرَّحۡمٰنِ الرَّحِیۡمِ

# ଅହମଦିୟତ୍‌ର ବାର୍ତ୍ତା

ଅହମଦିୟତ କଣ ଓ ଏହି ସମ୍ପ୍ରଦାୟ ପ୍ରତିଷ୍ଠା କରାଯିବାର ଆଭିମୁଖ୍ୟ କ'ଣ ?ଏହା ଏପରି ଏକ ପ୍ରଶ୍ନ ଯାହା ଜାଣିଥିବା ଓ ନ ଜାଣିଥିବା ବ୍ୟକ୍ତିଙ୍କ ହୃଦୟରେ ଗଭୀର ରେଖାପାତ କରିଥାଏ ।

ବିଶ୍ୱବ୍ୟାପ୍ତ ଅହମଦୀୟା ସମ୍ପ୍ରଦାୟର ସର୍ବୋଚ୍ଚ ଆଧ୍ୟାତ୍ମିକ ଗୁରୁ, ପୁଣ୍ୟଶ୍ଳୋକ ହଜରତ ମିର୍ଜା ବଶିରୁଦ୍ଦିନ୍ ମହମୁଦ ଅହମଦ ସାହେବ ଖଲିଫତୁଲ୍ ମସିହ ଦ୍ୱିତୀୟ[ରଅ]ଙ୍କ ଦ୍ୱାରା ଏହି ପ୍ରଶ୍ନର ଉତ୍ତର ଦିଆଯାଇଛି ଯେ ଅହମଦିୟତ୍ କ'ଣ ?  ଜମାଅତ ଅହମଦୀୟା ସିୟାଲକୋଟଙ୍କର ଅନୁରୋଧ କ୍ରମେ ଏହି ପ୍ରଶ୍ନର ଉତ୍ତର ସ୍ୱରୂପ ଏହାର ମୂଳ ବିଷୟବସ୍ତୁକୁ ତାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି, ଯାହା ଏକ ସାରଗର୍ଭକ ବକ୍ତବ୍ୟ ମାଧ୍ୟମରେ ଏହି ପୁସ୍ତିକାରେ ସ୍ଥାନ ପାଇଛି  ।

ଏହି ବକ୍ତୃତାର ବିଷୟବସ୍ତୁ ଅସଲରେ ଏହି ପ୍ରଶ୍ନକୁ କେନ୍ଦ୍ର କରି ଏଠାରେ ଉଲ୍ଲେଖ କରାଯାଉଛି । ଏହା ଅହମଦିୟତ ପ୍ରତି ଅନେକ ମାତ୍ରାରେ ଭୁଲ ବୁଝାମଣା ମୂଳକ ତଥ୍ୟକୁ ଦୂର କରିଦେଇଛି । ଯେତେବେଳେ କି ସେମାନେ କେବଳ ପବିତ୍ର କୁରଆନ ଉପରେ ବିଶ୍ୱାସ ରଖିଥାନ୍ତି ଓ ଏହାର ଶିକ୍ଷା ଅନୁସାରେ ପରିଚାଳିତ ହୁଅନ୍ତି । ସେମାନେ ନିଜର ପ୍ରବଳ ଆଗ୍ରହ, ନିଷ୍ଠା ଓ ତ୍ୟାଗ ଦେଖାଇ ପବିତ୍ର ଅବତାରଙ୍କ ଜୀବନ ଦୃଷ୍ଟାନ୍ତ ଭିତ୍ତିରେ ନିଜକୁ ସମର୍ପିତ କରାଇଥାନ୍ତି । ସେମାନେ କେବଳ ଇସଲାମର ପ୍ରଚାର ଓ ପ୍ରସାର ନିମନ୍ତେ କାର୍ଯ୍ୟ କରନ୍ତି । ତେବେ ପ୍ରଶ୍ନ ଉଠୁଛି ଯେ କାହିଁକି ଅହମଦୀମାନେ ଏକ ସ୍ୱତନ୍ତ୍ର ସମ୍ପ୍ରଦାୟ ବା ଜମାଅତ୍ ଗଠନ କଲେ ? ଏହାର ଉତ୍ତର କେବଳ ଏତିକି ହେବ ଯେ ଅହମଦୀମାନେ ବିଶ୍ୱର ବିଭିନ୍ନ ଭାଗର ମୁସଲମାନମାନଙ୍କ ମଧ୍ୟରେ ଏକତାର ଭାବ ସୃଷ୍ଟି କରି ଏକ ନିଃସ୍ୱାର୍ଥପର ଧାର୍ମିକ ଗୋଷ୍ଠୀ ମାଧ୍ୟମରେ ସେମାନଙ୍କୁ ଏକତ୍ରିତ କରିଛନ୍ତି । ଏହା ଦ୍ୱାରା ଆଧୁନିକ ବିଶ୍ୱରେ ଇସଲାମର ସ୍ୱର୍ଗୀୟ ବିଜୟ ପାଇଁ ଏମାନଙ୍କୁ ନୂତନ ଜୀବନ ପ୍ରଦାନ କରାଯାଇ ପାରିବ,  ଯାହାର ଏବେ ବହୁତ ଆବଶ୍ୟକତା ରହିଛି   ।

**ମିର୍ଜା ଓ୍ୱସିମ୍ ଅହମଦ**

ଭୂତପୂର୍ବ ନାଜର ଦାଓ୍ୱତ ଓ ତବଲିଗ୍ କାଦିୟାନ୍

بِسۡمِ اللّٰہِ الرَّحۡمٰنِ الرَّحِیۡمِ
نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

ଅନେକ ଲୋକ ସ୍ୱଳ୍ପଜ୍ଞାନ ବଶତଃ ଏହି ପ୍ରଶ୍ନ ପ୍ରାୟତଃ ପଚାରନ୍ତି । ସେମାନଙ୍କ ପ୍ରସଙ୍ଗଗୁଡ଼ିକ ନୂଆ ନୂଆ ଢଙ୍ଗରେ ଉପସ୍ଥାପନ କରାଯାଇଥାଏ ଯାହା ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥାଏ । କିନ୍ତୁ ଆଦୌ ଜ୍ଞାନ ନଥିବା ଯେଉଁ ବ୍ୟକ୍ତି ଏହି ପ୍ରଶ୍ନ ପଚାରିଥାଆନ୍ତି, ସେମାନେ ନିଜର ଉତ୍ତର ନିଜେ ହିଁ ବାହାର କରନ୍ତି କିମ୍ବା ଅନ୍ୟମାନଙ୍କ ଠାରୁ ଶୁଣି ବିଶ୍ୱାସ କରିନିଅନ୍ତି । ତେଣୁ ପ୍ରଥମେ ଯେଉଁମାନେ ଅହମଦିୟତ ସମ୍ବନ୍ଧରେ ସମ୍ୟକ ଜ୍ଞାନ ରଖିଥାଆନ୍ତି, ସେମାନଙ୍କ ମନରେ ରହିଥିବା ଭ୍ରାନ୍ତ ଧାରଣାକୁ ଦୂର କରିବାକୁ ମୁଁ ଉଚିତ୍ ମନେ କରୁଛି ।

# ଅହମଦିୟତ କୌଣସି ନୂତନ ଧର୍ମ ନୁହେଁ

ଏହି ଲୋକମାନଙ୍କ ଧାରଣାରେ **'ଲାଇଲାହା ଇଲ୍ଲଲ୍ଲାହୋ ମୁହମ୍ମଦୁର୍ ରସୁଲୁଲ୍ଲା'** ଅର୍ଥାତ 'ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ ଏବଂ ମୁହମ୍ମଦ ଅଲ୍ଲାଃଙ୍କ ରସୁଲ ଓ ବାର୍ତ୍ତାବହ' ମୁସଲିମମାନଙ୍କ ଏହି ସିଦ୍ଧାନ୍ତ ଯାହା ଇସଲାମ ଧର୍ମର ମୂଳମନ୍ତ୍ର, ତାହା ଉପରେ ଅହମଦିମାନେ ବିଶ୍ୱାସ ରଖନ୍ତି ନାହିଁ । ତେଣୁ ସେମାନଙ୍କ ଧାରଣାରେ ଅହମଦିୟତ୍ ଏକ ନୂତନ ଧର୍ମ । ଯାହା ଫଳରେ ସେମାନେ ଏହି ଭୂଲ ବ୍ୟାଖାର ବଶବର୍ତ୍ତୀ ହୋଇଛନ୍ତି ।

ଏହା ମଧ୍ୟ ହୋଇପାରେ, ସେମାନେ ସ୍ୱେଚ୍ଛାକୃତ ଭାବରେ ଏହି ମତଭେଦ ଯୋଗୁଁ ପଥଭ୍ରଷ୍ଟ ହୋଇ ଅହମଦିୟତକୁ ଏକ ନୂତନ ଧର୍ମ ବୋଲି ବିବେଚନା କରନ୍ତି । ସେମାନଙ୍କର ସନ୍ଦେହ ଯେ ଏକ ନୂତନ ଧର୍ମଗତ କଲିମା ଥିବ, ଯାହାକୁ ଅହମଦୀମାନେ ନିଶ୍ଚିତ ରୂପେ ସୃଷ୍ଟି କରିଥିବେ । ତେଣୁ ସେମାନଙ୍କ ଧାରଣାରେ ଅହମଦୀମାନେ ମୁସଲିମ କଲିମାକୁ ବେଖାତିର କରି ନିଜସ୍ୱ କଲିମା ଆପଣାଇଛନ୍ତି ।

କିନ୍ତୁ ବାସ୍ତବ କଥା ହେଉଛି, ଅହମଦିୟତ୍ ଏକ ନୂତନ ଧର୍ମ ନୁହେଁ । ମୋ ଦୃଷ୍ଟିରେ ଇସ୍‌ଲାମ ବ୍ୟତୀତ କଲିମାର ପ୍ରଚଳନ ଅନ୍ୟ କୌଣସି ଧର୍ମରେ ନାହିଁ, ଯାହାର ସେମାନଙ୍କ ପାଇଁ ପ୍ରୟୋଜନୀୟ ବ୍ୟବସ୍ଥା ମଧ୍ୟ ନାହିଁ । ନିଃସନ୍ଦେହ ଇସଲାମର ପବିତ୍ର ଗ୍ରନ୍ଥ, ପବିତ୍ର ଅବତାର ଓ ତାଙ୍କର ବାର୍ତ୍ତା କଲିମାର ମୂଳମନ୍ତ୍ର ଦ୍ୱାରା ପ୍ରଖ୍ୟାତ ହୋଇଥାଏ, ଯାହା ଏକ ସର୍ବବ୍ୟାପକ ବାର୍ତ୍ତା । ପୁନଶ୍ଚ ଇସଲାମ

ଏହାର କଳିମା ଓ ଏହାର ସତ୍ୟତା ପାଇଁ ସୁବିଦିତ । ଯଦିଓ ଅନ୍ୟ ଧର୍ମର ନିଜସ୍ୱ ପୁସ୍ତକ ଅଛି, କିନ୍ତୁ କୌଣସି ପୁସ୍ତକ ଈଶ୍ୱରଙ୍କ ଅବିକଳ ବାଣୀକୁ ଉପସ୍ଥାପନ କରିଥିବାର ଦେଖାଯାଏ ନାହିଁ । ସେହି ଧର୍ମଶାସ୍ତ୍ରର ବିଷୟବସ୍ତୁ ପ୍ରାସଙ୍ଗୀକ ହୋଇପାରେ ଓ ତାହା ଅନୁଗାମୀଙ୍କ ଦ୍ୱାରା ଏହାର ଶ୍ରେଷ୍ଠତ୍ୱ ପାଇଁ ପବିତ୍ର ସ୍ଥାନ ଗ୍ରହଣ କରିପାରେ । ତତ୍‌ସହିତ ଏହାର ଆଦେଶ ଓ ଅଧ୍ୟାଦେଶ ଐଶ୍ୱରିକ ହୋଇପାରେ । ଅଦ୍ୟାବଧି ଯାହାର ପାଠ ଐଶ୍ୱରିକ ନହୋଇ ତାହାର ବିଷୟବସ୍ତୁ ସାଂସାରିକ ହୋଇ ପାରିଥାଏ । କିନ୍ତୁ ତାହା ଦିବ୍ୟବାଣୀ କୁହାଯାଉଥିବା ତତ୍ତ୍ୱକୁ ଦର୍ଶାଇପାରେ ନାହିଁ । କିନ୍ତୁ ଇସଲାମର ପବିତ୍ର ପୁସ୍ତକ ଅନ୍ୟଠାରୁ ସଂପୂର୍ଣ୍ଣ ଭିନ୍ନ । ଏହାର ଐଶ୍ୱରିକ ନାମ ହେଉଛି 'କଲାମୁଲ୍ଲାହ୍' ଅର୍ଥାତ ଈଶ୍ୱରଙ୍କ ବାଣୀ । ତାହା କେବଳ ଏହାର ବିଷୟବସ୍ତୁ ନୁହେଁ, ବରଂ ଯାହାର ପ୍ରତିଟି ଶବ୍ଦରେ ଓ ପ୍ରତ୍ୟେକ ପଙ୍‌କ୍ତିରେ ଈଶ୍ୱରଙ୍କ ପ୍ରକଟିତ ସତ୍ୟବାଣୀ ଲିପିବଦ୍ଧ ହୋଇଛି । ଏଥି ମଧ୍ୟରେ ମୋସେସ୍‌ଙ୍କ ପୁସ୍ତକରେ ଅବତୀର୍ଣ୍ଣ ହୋଇଥିବା ବାଣୀର ତାତ୍ତ୍ୱିକ ବିଷୟ ଓ ଯୀଶୁଖ୍ରୀଷ୍ଟ ଯେଉଁ ଧର୍ମ ସମ୍ବନ୍ଧୀୟ ବକ୍ତବ୍ୟ ପ୍ରଦାନ କରିଥିଲେ, ତାହା ମଧ୍ୟ ପ୍ରଦର୍ଶିତ ହୋଇଛି । କିନ୍ତୁ ମୋସେସ୍ ଓ ଯୀଶୁ ଯାହା କିଛି ସ୍ୱର୍ଗରୁ ଦିବ୍ୟ ପ୍ରକଟନ ଲାଭ କରିଥିଲେ, ସେମାନେ ନିଜସ୍ୱ ବକ୍ତବ୍ୟ ମାଧ୍ୟମରେ ସେହି ବାଣୀକୁ ବ୍ୟବହାର କରି ଉପସ୍ଥାପନ କରିଥିଲେ । ବାଇବେଲର ପୁରାତନ ଓ ନୂତନ ସମାଚାରରେ ଉଲ୍ଲେଖ ହୋଇଥିବା ତତ୍ତ୍ୱର ସାଧାରଣ ଉପସ୍ଥାପନ ଶୈଳୀରେ ତାହାର ସାରତତ୍ତ୍ୱ ଐଶ୍ୱରିକ ଜ୍ଞାନ ଧାରଣ କରିଥିବା ବିଷୟ ଉପରେ କୌଣସି ଆଶଙ୍କା ପ୍ରକାଶ ପାଏ ନାହିଁ । କିନ୍ତୁ ସେହି ପଙ୍‌କ୍ତି ଯେଉଁ ଶବ୍ଦରେ ବର୍ଣ୍ଣନା କରାଯାଇଛି, ସେଗୁଡ଼ିକ ଅନାବଶ୍ୟକ । ଏହି ତଥ୍ୟକୁ ଖ୍ରୀଷ୍ଟ ଧର୍ମଗ୍ରନ୍ଥ ବାଇବେଲର ନୂତନ ଓ ପୁରାତନ ସମାଚାର ତଥା କୁରଆନ ବାଣୀ ଆଧାରିତ ପ୍ରସଙ୍ଗ ମଧ୍ୟରୁ ଯେ କୌଣସି ପାଠକ ଦ୍ୱାରା ସତ୍ୟ ବୋଲି ସ୍ୱୀକାର କରାଯାଇ ପାରିବ । ଅନ୍ୟ ପକ୍ଷରେ ପବିତ୍ର କୁରଆନର ଦୃଷ୍ଟିକୋଣ ସଂପୂର୍ଣ୍ଣ ଭିନ୍ନ । ତାହା କେବଳ ବିଷୟବସ୍ତୁ ଉପରେ ନୁହେଁ, ବରଂ ଏହାର ଦୈବୀ ପ୍ରକଟିତ ପଙ୍‌କ୍ତି ସତ୍ୟକୁ ସଂପୂର୍ଣ୍ଣ ଭେଦ କରିଛି । ମୁଁ କହୁଛି, ଚାଲ ଏହି ତିନିଗୋଟି ପୁସ୍ତକ ଉପରେ ଜଣକ ଦ୍ୱାରା ନିରପେକ୍ଷ ଭାବରେ ପରୀକ୍ଷା କରାଇବା, ଯେଉଁ ପରୀକ୍ଷକ କୌଣସି ପ୍ରକଟିତ ବ୍ୟକ୍ତିଙ୍କ ଚରିତ୍ରରେ ବିଶ୍ୱାସ ରଖେ ନାହିଁ । ତେବେ ସେହି ପାଠକ ଥରେ ହେଲେ ବି ଏକଥା ପାଇବେ ନାହିଁ ଯେ ବାଇବେଲର ନୂତନ ଓ ପୁରାତନ ନିୟମର ଲେଖକ ସେମାନଙ୍କ ପୁସ୍ତକରେ ପ୍ରକଟିତ ଗୁଣରେ ବିଶ୍ୱାସ ଆଣିଛନ୍ତି ।

କିନ୍ତୁ ତାଙ୍କ ଶବ୍ଦରୁ ପ୍ରକାଶିତ ଗୁଣ ସେହି ବାକ୍ୟ ଆବଶ୍ୟକ କରେ ନାହିଁ । ଯାହା ହେଉ ତା'ର ଅନୁଧ୍ୟାନର ଫଳାଫଳ କୁରଆନକୁ ସଂପୂର୍ଣ୍ଣ ଅଲଗା କରିବ । ସେ କହିବ ଯେ କୁରଆନର ଲିପି କେବଳ ବିଷୟବସ୍ତୁକୁ ସମ୍ମାନ ଦିଏ ତାହା ନୁହେଁ, ବରଂ ଯେଉଁ ଶବ୍ଦ ବିନ୍ୟାସ ଦ୍ୱାରା ତତ୍ତ୍ୱ ସବୁକୁ ବୁଝାଇ ଦିଆଯାଇଛି, ସେସବୁ ଈଶ୍ୱର ପ୍ରେରିତ ଓ ଦୈବୀ ପ୍ରକଟିତ । ତେଣୁ କୁରଆନ୍ କେବଳ ଏକ 'କିତାବ' (ପୁସ୍ତକ) ନୁହେଁ, ବରଂ ଅଲ୍ଲାହ୍‌ଙ୍କ 'କଲାମ' (ବାକ୍ୟ) । ଏହି ବ୍ୟାଖ୍ୟାନ ଖ୍ରୀଷ୍ଟିୟାନ ଧର୍ମଗ୍ରନ୍ଥ ପୁରାତନ ଓ ନୂତନ ସମାଚର ମଧ୍ୟରେ ଦାବି କରାଯାଇ ନାହିଁ । ନା କୁରଆନ ଏହି ଟେଷ୍ଟାମେଣ୍ଟଗୁଡ଼ିକୁ ଈଶ୍ୱରଙ୍କ ବାଣୀ ଭାବରେ ବର୍ଣ୍ଣନା କରୁଛି । ତେଣୁ ଅନ୍ୟ ଧର୍ମର ପୁସ୍ତକ ଈଶ୍ୱରଙ୍କର ପୁସ୍ତକ କୁହାଯାଇପାରେ, କିନ୍ତୁ ତାଙ୍କ ଆଡୁ ଅବତୀର୍ଣ୍ଣ ହୋଇଥିବା ବକ୍ତବ୍ୟ ନୁହେଁ । ମୁସଲିମଙ୍କ ପବିତ୍ର ପୁସ୍ତକ କେବଳ ଅଲ୍ଲାହ୍‌ଙ୍କ ପୁସ୍ତକ ଓ ତାଙ୍କର ଦିବ୍ୟ ବାକ୍ୟ ମଧ୍ୟ । ସେହି ଆଧାରରେ ମୁସଲିମମାନେ ଅନ୍ୟ ଧର୍ମାବଲମ୍ବୀମାନଙ୍କ ଠାରୁ ଭିନ୍ନ । ତେଣୁ ପବିତ୍ର କୁରଆନ୍ ହେଉଛି ଈଶ୍ୱରଙ୍କ ପ୍ରତ୍ୟକ୍ଷ ଐଶିବାଣୀ ଓ ଈଶ୍ୱରଙ୍କ ବିଧାନଗତ ପୁସ୍ତକ ।

ସେହିପରି ଧରାପୃଷ୍ଠରେ ସମସ୍ତ ଧର୍ମର ଅୟମାରମ୍ଭ ଜଣେ ଅବତାରଙ୍କ ଅସ୍ତିତ୍ୱ ରୂପେ ଧରାପୃଷ୍ଠରେ ହୋଇଥିଲା । କିନ୍ତୁ ଇସଲାମର ପବିତ୍ର ଅବତାରଙ୍କ ବ୍ୟତୀତ କୌଣସି ଅବତାର ଏପରି ଆସି ନାହାନ୍ତି ଯେ କି ବିଶ୍ୱର ସମସ୍ତ ମାନବଜାତିଙ୍କୁ ଆଧ୍ୟାତ୍ମିକ ଜ୍ଞାନ ଓ ବିସ୍ତାର ପୂର୍ବକ ମାନବୀୟ ଉଦାହରଣ ପ୍ରଦାନ କରିବା ପାଇଁ ଶିକ୍ଷା ଦେଇଛନ୍ତି । ତେଣୁ ଇସଲାମର ପବିତ୍ର ଅବତାର ଉପସ୍ଥାପନ ଦୃଷ୍ଟିକୋଣରୁ ଅନ୍ୟ ଅବତାରମାନଙ୍କ ଠାରୁ ଭିନ୍ନ । ଇତିହାସର କ୍ରମାନ୍ୱୟରେ ଖ୍ରୀଷ୍ଟଧର୍ମକୁ ବିଚାର କଲେ ଜଣାପଡ଼ିବ ଯେ ଏହା ଇସଲାମର ଅତି ନିକଟତମ ଧର୍ମ, ଯାହା ଯୀଶୁଙ୍କୁ ଈଶ୍ୱରଙ୍କ ପୁତ୍ର ଭାବେ ଅଭିହିତ କରିଛି । କିନ୍ତୁ ଈଶ୍ୱରଙ୍କ ପୁତ୍ର କଦାପି ମନୁଷ୍ୟ ହୋଇ ପାରିବ ନାହିଁ । ତାଙ୍କୁ ମନୁଷ୍ୟ ଜାତି ପାଇଁ ଉଦାହରଣ ରୂପେ ଗ୍ରହଣ କରାଯାଇ ପାରିବ ନାହିଁ । କାରଣ ମନୁଷ୍ୟ କେବଳ ମନୁଷ୍ୟର ଉଦାହରଣକୁ ଅନୁସରଣ କରିପାରିବ । ପୁରାତନ ସମାଚାରର ଲେଖକ ମୋସେସ୍‌ଙ୍କୁ କେବେ ଅନ୍ୟର ଆଦର୍ଶ ଭାବେ ଉପସ୍ଥାପନ କରି ନାହାନ୍ତି , ନା ପୁରାତନ ଓ ନୂତନ ନିୟମ ତାଙ୍କର ମହାନ ଗୁରୁ ମୋସେସ୍ ଓ ଯୀଶୁଙ୍କୁ ଧର୍ମଜ୍ଞାନ ବ୍ୟାଖ୍ୟାକାରୀ ଭାବେ ଉପସ୍ଥାପନ କରିଥିଲେ । କିନ୍ତୁ ଏହା ସପକ୍ଷରେ ଦୃଢ଼ ଯୁକ୍ତି ବାଢିଥିବା ପବିତ୍ର କୁରଆନ ଇସଲାମ ଧର୍ମର ପ୍ରତିଷ୍ଠାତାଙ୍କ ଦାବିକୁ ଅତି ପ୍ରାଞ୍ଜଳ କରି ବୁଝାଇ

ଦେଇଛି, ଯାହା ପାଇଁ କୁରଆନ ଦିବ୍ୟ ବାର୍ତ୍ତାବହଙ୍କ ଜୀବନାଦର୍ଶକୁ ଏହିପରି ବର୍ଣ୍ଣନା କରିଛି:

وَيُعَلِّمُكُمُ الْكِتَابَ وَالْحِكْمَةَ

**ଓ୍ୱ ୟୁଅଲ୍ ଲିମୁକୁମୁଲ୍ କିତାବା ଓ୍ୱଲ୍ ହିକମା**

ଅର୍ଥାତ 'ତୁମମାନଙ୍କୁ ପବିତ୍ର କରାଉଛନ୍ତି ଏବଂ ତୁମମାନଙ୍କୁ ଗ୍ରନ୍ଥ ଓ ତତ୍ତ୍ୱ ଶିଖାଉଛନ୍ତି ' (ଅଲ ବକରା 2:152)

ଏବଂ ସେହିପରି ଯାହା ତୁମେମାନେ ଆଗରୁ ଜାଣି ନଥିଲ, ତାହା ତୁମମାନଙ୍କୁ ଶିଖାଉଛନ୍ତି । ସେଥିପାଇଁ କୁହାଯିବ ଯେ ଇସଲାମ ଏକ ଉତ୍କୃଷ୍ଟ ଧର୍ମ । କାରଣ ଏହାର ଅବତାର ସମସ୍ତ ମାନବଜାତି ପାଇଁ ଆଦର୍ଶ । ସେହି କାରଣରୁ କଦାପି ନବୀ ଶିରୋମଣି ଅଲ୍ଲାଃଙ୍କ ବାର୍ତ୍ତାକୁ ଗ୍ରହଣ କରାଇବା ପାଇଁ ବଳ ପ୍ରୟୋଗ ଦ୍ୱାରା ବାଧ୍ୟ କରି ନଥିଲେ । ସେ କେବଳ ତର୍କ ଦ୍ୱାରା ବୁଝାଇବା ତଥା ହୃଦୟଙ୍ଗମ କରାଇବା ପାଇଁ ପ୍ରବର୍ତ୍ତାଉଥିଲେ । ସେ ଇସଲାମର ଶିକ୍ଷା ଓ ତାର ସର୍ବବ୍ୟାପକ ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟର ପ୍ରସଙ୍ଗକୁ ଅତ୍ୟନ୍ତ ଆଗ୍ରହ ଓ ବିଶ୍ୱାସର ସହିତ ପ୍ରଚାର କରୁଥିଲେ । ଇସଲାମ ତା'ର ବିଶ୍ୱବ୍ୟାପକ ଶିକ୍ଷା ପାଇଁ ସୁପରିଚିତ । ଏହି ଶିକ୍ଷା ମାନବୀୟ ସ୍ୱଭାବରେ ପ୍ରୟୋଗାତ୍ମକ ରୂପେ ବ୍ୟବହାର କରାଯାଇ ପାରିବ । ଉଚ୍ଚ କିମ୍ବା ନିଚ, ଧନୀ କିମ୍ବା ଗରିବ, ପୁରୁଷ କିମ୍ବା ନାରୀ, ପ୍ରାଚ୍ୟ ବା ପାଶ୍ଚାତ୍ୟବାସୀ ସମସ୍ତଙ୍କ ପାଇଁ ପ୍ରତ୍ୟେକ ପରିସ୍ଥିତିରେ ଏହି ଶିକ୍ଷାର ବିନିଯୋଗ ହୋଇ ପାରୁଛି । ଆପଣ ସବଳ ବା ଦୁର୍ବଳ, ଶାସକ ବା ଶାସିତ, ମାଲିକ ବା କ୍ରୀତଦାସ, ସ୍ୱାମୀ ବା ସ୍ତ୍ରୀ, ଅଭିଭାବକ ବା ସନ୍ତାନ, କ୍ରେତା ବା ବିକ୍ରେତା, ପଡୋଶି ବା ସହଯାତ୍ରୀ ହୋଇଥାନ୍ତୁ । ଇସଲାମ ଆପଣଙ୍କୁ ସବୁ କ୍ଷେତ୍ରରେ ଉତ୍ତମ ନୈତିକ ଶିକ୍ଷା ପ୍ରଦାନ କରିଥାଏ । ମନୁଷ୍ୟର ପ୍ରତ୍ୟେକ ପରିସ୍ଥିତିରେ ଇସଲାମର ବାର୍ତ୍ତା ପହଞ୍ଚିଥାଏ । ଏକ ଶାନ୍ତି ଓ ସମୃଦ୍ଧିର ବାର୍ତ୍ତା ଯାହା ମନୁଷ୍ୟ ଜୀବନର ପ୍ରତ୍ୟେକ ଭାଗରେ କୌଣସି ବାଛବିଚାର କରି ନଥାଏ । ଏହା ଭୂତ ଭବିଷ୍ୟତ ସମସ୍ତଙ୍କୁ ସମ୍ବୋଧିତ କରି ଆସୁଛି । ଯିଏ ଥରେ ଚାଲି ଯାଇଛନ୍ତି ଓ ପରବର୍ତ୍ତୀ ସମୟରେ ଯେଉଁମାନେ ଏହି ଧରାପୃଷ୍ଠକୁ ଆସିବେ, ଇସଲାମର ବାର୍ତ୍ତା ଯୋଗୁଁ ଯୁଗେ ଯୁଗେ ତାଙ୍କର ସ୍ୱଭାବରେ ଅଲ୍ଲାଃଙ୍କ ଗୁଣ ପ୍ରତିଫଳିତ ହେଉଥିବ ।

ସର୍ବତ୍ର ବିଦ୍ୟମାନ ସେହି ଅଦୃଶ୍ୟ ସତ୍ତା ଅଲ୍ଲାଃ ସବୁ ଦେଖୁଛନ୍ତି । ସୁଦୂର ଆକାଶର ତାରକାକୁ ଓ ନିମ୍ନରେ ଥିବା ବାଲୁକାକୁ ମଧ୍ୟ । ସେହିପରି ଇସଲାମର

ଶିକ୍ଷା ଧନୀଙ୍କ ଠାରୁ ଅଧିକ ଧନଶାଳୀ ଓ ଦରିଦ୍ର ଠାରୁ ଅଧିକ ଦାରିଦ୍ର୍ୟ ପର୍ଯ୍ୟନ୍ତ ସମସ୍ତଙ୍କର ଆବଶ୍ୟକତାକୁ ଦୃଷ୍ଟି ସମ୍ମୁଖରେ ରଖିଥାଏ । ଇସଲାମ ପୂର୍ବବର୍ତ୍ତୀ ଶିକ୍ଷାର ପ୍ରତିଛବି ନୁହେଁ । କାରଣ ଯାହା ପୂର୍ବରୁ ବିତିଯାଇଛି ଏହା ତାହାର ପୁନରାବୃତ୍ତି କରେନାହିଁ । ଏହା ଅତୀତର ଅସଂପୂର୍ଣ୍ଣ ଆଧ୍ୟାତ୍ମିକ ଅଗ୍ରଗତିକୁ ସଂପୂର୍ଣ୍ଣ କରାଏ । ଏହା ଏକ ବିଷୟବସ୍ତୁର ନିର୍ଣ୍ଣୟାତ୍ମକ ଓ ବକ୍ତବ୍ୟ ସାର । ତେଣୁ ଏହା ବିଶ୍ୱ ବ୍ରହ୍ମାଣ୍ଡର ଅନ୍ତର୍ନିହିତ ପ୍ରଦୀପ । ପ୍ରକୃତରେ ପୃଥିବୀରେ ଯେତେ ପ୍ରକାରର ଧର୍ମ ଅଛି, ତନ୍ମଧ୍ୟରେ ଇସଲାମ ଅନ୍ୟତମ । ଏହା ସାଧାରଣ ତଥାକଥିତ ଧର୍ମମାନଙ୍କ ଭିତରୁ ଏକ ଧର୍ମ ନୁହେଁ । କିନ୍ତୁ ଏହି ଧର୍ମ କେବଳ ନିଜ କର୍ମର ପରିଚୟ ପାଇଁ ଏକ ଆଧ୍ୟାତ୍ମିକ ସମ୍ପ୍ରଦାୟ ବୋଲାଇବ । ଉଦାହରଣତଃ କୋଇଲା ଓ ହୀରାର ରାସାୟନିକ ପ୍ରକ୍ରିୟା ସମାନ । କିନ୍ତୁ କୋଇଲା, କୋଇଲାର ପରିଚୟ ଦିଏ ଏବଂ ହୀରା ପଥରରୁ ହୀରା ତା'ର ପରିଚୟ ପାଏ । ମାର୍ବଲ୍ ଓ ମୋଟା ବାଲିଗୋଡ଼ିର ରାସାୟନିକ ପ୍ରକ୍ରିୟା ସମାନ । କିନ୍ତୁ ସେମାନେ ପରସ୍ପର ଠାରୁ ଭିନ୍ନ । ଲୋକମାନେ ଭୁଲବଶତଃ ଭାବି ନିଅନ୍ତି ଯେହେତୁ ଇସଲାମର କଲିମା ଅଛି, ତେଣୁ ସବୁ ଧର୍ମରେ କଲିମା ଅବଶ୍ୟ ଥିବ-କିନ୍ତୁ ଏହି କଥାରେ ସତ୍ୟତା ନାହିଁ । ଏହା ଦେଖିବାକୁ ମିଳୁଛି ଯେ ଯେଉଁମାନେ ନକଲି କଲିମା ଆବିଷ୍କାର କରି ଏହାକୁ ସେମାନଙ୍କର ଜଣାଶୁଣା ଧର୍ମଗୁରୁଙ୍କ ପ୍ରତି ସମର୍ପଣ କରିଥିଲେ ଓ ଏହାକୁ ଅନୁମୋଦନ କରିଥିଲେ, ସେମାନେ କେବେହେଲେ କୁରଆନ ପଢ଼ିବାର ସୁଯୋଗ ପାଇ ନଥିବେ କିମ୍ବା ଏହାର ଶିକ୍ଷା ଉପରେ ଚିନ୍ତା କରି ନଥିବେ । ଏହା ସତ୍ତ୍ୱେ ମୁସଲିମ ଏହାର ପ୍ରୋସାହନକୁ ବନ୍ଦ କରି ନାହିଁ । ଯେପରି କୁହାଯାଇଛି;

لَا اِلٰهَ اِلَّا اللّٰهُ اِبْرَاهِيْمُ خَلِيْلُ اللّٰهِ-

**"ଲାଇଲାହା ଇଲ୍ଲଲ୍ଲାହୁ ଇବ୍ରାହିମୁ ଖଲିଲୁଲ୍ଲାଃ;"**

ଅର୍ଥାତ 'ନାହିଁ କେହି ଅଲ୍ଲାଃଙ୍କ ବ୍ୟତୀତ ଉପାସନାର ଯୋଗ୍ୟ ଓ ଇବ୍ରାହିମ ଅଲ୍ଲାଃଙ୍କ ବନ୍ଧୁ ମାତ୍ର' ।

لَا اِلٰهَ اِلَّا اللّٰهُ مُوْسٰى كَلِيْمُ اللّٰهِ

**"ଲାଇଲାହା ଇଲ୍ଲଲ୍ଲାହୁ ମୁସା କଲିମୁଲ୍ଲାଃ;"**

ଅର୍ଥାତ 'ନାହିଁ କେହି ଅଲ୍ଲାଃଙ୍କ ବ୍ୟତୀତ ଉପାସନାର ଯୋଗ୍ୟ ଓ ମୁସା ଅଲ୍ଲାଃଙ୍କ ସହିତ ବାର୍ତ୍ତାଳାପକାରୀ ।'

لَا اِلٰهَ اِلَّا اللّٰهُ عِيۡسٰى رُوۡحُ اللّٰهِ

**"ଲାଇଲାହା ଇଲ୍ଲଲ୍ଲାହୁ ଇସା ରୁହୁଲ୍ଲାଃ;"**

ଅର୍ଥାତ 'ନାହିଁ କେହି ଅଲ୍ଲାଃଙ୍କ ବ୍ୟତୀତ ଉପାସନାର ଯୋଗ୍ୟ ଓ ଇସା ଅଧର୍ମଗ୍ରସ୍ତ ମୃତାବସ୍ଥାରେ ଥିବା ଲୋକମାନଙ୍କୁ ଧର୍ମୀୟ ଆତ୍ମା ପ୍ରଦାନକାରୀ ।'

ତେବେ ଉପରୋକ୍ତ କଲିମାଗୁଡ଼ିକ ସଂପୂର୍ଣ୍ଣ ମନଗଢା । କୁହାଯାଇପାରେ ଯେ ଏହି କଲିମାଗୁଡ଼ିକ ଅବ୍ରାହମ, ମୁସା ଓ ଯୀଶୁଙ୍କ ପାଇଁ ଧାର୍ମୀକ ରୀତିନୀତି ସହିତ ମିଶିଯାଇଛି । କିନ୍ତୁ ଏହା କେବଳ କଳ୍ପନା ଜନିତ ପରିତୃପ୍ତିର ପ୍ରକାଶ ପାଇଁ ଉଦ୍ଦିଷ୍ଟ, ଯାହା ସେହି ପୁରାତନ ଧର୍ମର କଲିମା ନୁହେଁ । ନା ତାହା କୌଣସି ସମାଚାରରେ ବର୍ଣ୍ଣିତ ଅଛି, ନା ସେମାନଙ୍କ ଗ୍ରନ୍ଥରେ ଲେଖାଯାଇଛି । ମୁସଲିମମାନେ ଅନେକ କିଛି ଭୁଲି ଥାଆନ୍ତୁ ପଛକେ କ'ଣ ସେମାନଙ୍କର କଲିମାକୁ କେବେ ଭୁଲି ପାରିବେ ? ତାହେଲେ ଏହା କିପରି କୁହାଯାଇ ପାରିବ ଯେ ଖ୍ରୀଷ୍ଟିୟାନ ଓ ଇହୁଦିମାନେ ସେମାନଙ୍କର କଲିମା ଭୁଲି ଯାଇଛନ୍ତି ? ଯଦି ସେମାନେ ଭୁଲି ଯାଇଛନ୍ତି, ଅଥବା ତାଙ୍କ କଲିମା ଶାସ୍ତ୍ର ମଧ୍ୟରୁ ଅନ୍ତର୍ଦ୍ଧାନ ହୋଇଯାଇଛି, ତେବେ ମୁସଲମାନମାନଙ୍କୁ ଏହି କଲିମା କିଏ ବତାଇଛି ? ଏହା ସତ୍ୟ ଯେ ଇସଲାମର ଅବତାର ମୁହମ୍ମଦ[ସଅ]ଙ୍କ ବ୍ୟତୀତ କୌଣସି ଅବତାରଙ୍କର କଲିମା ନଥିଲା କି ସେମାନେ ପଢାଇ ନାହାନ୍ତି, ଯାହାକି ଇସଲାମର ପବିତ୍ର ଅବତାରଙ୍କ ଏକ ବୈଶିଷ୍ଟ୍ୟ । ଏହି ଧରାପୃଷ୍ଠକୁ ଆସିଥିବା ସମସ୍ତ ଅବତାରମାନଙ୍କ ଠାରୁ ସେ ଉତ୍କୃଷ୍ଟ ବିବେଚିତ ହୋଇଛନ୍ତି । ଏହି କାରଣରୁ ଯେ ସେ ହିଁ ଏକା ତାଙ୍କ ଅନୁଗାମୀମାନଙ୍କୁ କଲିମା ପଢାଇଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ କଥା ସର୍ବଗୁଣରେ ପରିପୂର୍ଣ୍ଣ ଓ ଇସଲାମୀୟ କଲିମାରେ ପବିତ୍ର ବାର୍ତ୍ତାବହଙ୍କୁ ବିଶ୍ୱାସ କରିବା ହିଁ ଅଲ୍ଲାଃଙ୍କୁ ବିଶ୍ୱାସ କରିବାର ଯୋଗସୂତ୍ର ସ୍ଥାପନ କରିଥାଏ । ଅଲ୍ଲାଃ ଚୀରସ୍ଥାୟୀ ଓ ଅପରିବର୍ତ୍ତନୀୟ । ତାଙ୍କୁ ବିଶ୍ୱାସ କରିବା ହେଉଛି ସ୍ଥାୟୀତ୍ୱକୁ ବିଶ୍ୱାସ କରିବା ଓ ଏହି ସତ୍ୟକୁ ବର୍ଣ୍ଣନା କରିବା କଷ୍ଟସାଧ । ପୂର୍ବବର୍ତ୍ତୀ ଅବତାରମାନଙ୍କ ବାର୍ତ୍ତା ସେମାନଙ୍କ ସମୟ ପାଇଁ ଉଦ୍ଦିଷ୍ଟ ଥିଲା ତେଣୁ ସେମାନେ ସେମାନଙ୍କର ନାମ ଈଶ୍ୱରଙ୍କ ସହିତ ଯୋଡ଼ି ନଥିଲେ । ଦିବ୍ୟ ଅବତାର ମୁହମ୍ମଦ[ସଅ]ଙ୍କର ବାର୍ତ୍ତା ସବୁ ସମୟ ପାଇଁ ଶାଶ୍ୱତ । ତେଣୁ ତାଙ୍କ ସ୍ଥାନ ଚିରକାଳ ପାଇଁ କେହି ଅଧିକାର କରି ପାରିବେ ନାହିଁ । ଇସଲାମର କଲିମାରେ ମୁହମ୍ମଦ[ସଅ]ଙ୍କ ନାମ ଓ ପଦମର୍ଯ୍ୟାଦା ଏକେଶ୍ୱରବାଦର ଘୋଷଣା ସହିତ ଜଡ଼ିତ ରହିଛି । ଯାହାକି ଅଲ୍ଲାଃ ଏକ ଓ ଚିରସ୍ଥାୟୀ ଓ ମୁହମ୍ମଦ[ସଅ] ଅଲ୍ଲାଃଙ୍କର ପବିତ୍ର ବାର୍ତ୍ତାବହ

ବୋଲି ଗ୍ରହଣ କରେ । ଏହି ଦୁଇଟି ବିଷୟ ସତ୍ୟତାରେ ପରିପୂର୍ଣ୍ଣ ଓ ପରସ୍ପର ପରିପୂରକ । ମୁସାଙ୍କ ଅନୁଗାମୀ, ଯୀଶୁଙ୍କ ଅନୁଗାମୀ ଓ ଅବ୍ରାହମଙ୍କ ଅନୁଗାମୀଙ୍କୁ କେବେବି  କଲିମା ପଢା ଯାଇନଥିଲା । ସେମାନେ ପ୍ରଭୁଙ୍କ ଠାରୁ କେବେ ସେହି ବିଶେଷ ଗୁଣ ପାଇ ନଥିଲେ ।  କିନ୍ତୁ ମୁସଲିମ ଅଜ୍ଞାନତାକୁ ପଛରେ ପକାଇ ଅନ୍ୟ ଶିକ୍ଷାର ବିଶେଷ ଗୁଣ ପାଇଁ ଆଗକୁ ବଢିଯାଆନ୍ତି । ଏହା ଏକ ଉତ୍କୃଷ୍ଟ ଗୁଣ, ଯାହାକି ଇସଲାମରୁ ହିଁ ଆସିଥାଏ । ତେବେ କାହିଁକି ମୁସଲିମମାନେ କଲିମା ଆଣିଲେ ଏବଂ ଇସଲାମର ଏହି ଉତ୍କୃଷ୍ଟ ତତ୍ତ୍ୱକୁ ଅନ୍ୟମାନଙ୍କୁ ବାଣ୍ଟିଲେ, ଯାହା କେବଳ ଇସଲାମ ଠାରୁ ହିଁ ଆସିଥାଏ ?

ଅନ୍ତତଃ ଏହା କହିବାର ଆବଶ୍ୟକତା ପଡୁ ନାହିଁ ଯେ ପ୍ରତ୍ୟେକ ଧର୍ମରେ କଲିମା ରହିବା ଜରୁରୀ ନୁହେଁ । ତଥାପି ଯଦି ଏହାର ଆବଶ୍ୟକତା ଥାଆନ୍ତା ତେବେ ଅହମଦିୟତର କୌଣସି ନୂତନ କଲିମା ହୋଇପାରିବ ନାହିଁ । କାରଣ ଅହମଦିୟତ ଏକ ନୂତନ ଧର୍ମ ନୁହେଁ । ପ୍ରକୃତରେ ଏହା ଇସଲାମର ଅନ୍ୟ ନାମ ଓ କହିବାକୁ ଗଲେ ବାସ୍ତବ ଇସଲାମ । ଏହାର କଲିମା ଇସଲାମର କଲିମା, ଯେଉଁ କଲିମାକୁ ପବିତ୍ର ଅବତାର ମୁହମ୍ମଦ[ସଅ] ପ୍ରଣୟନ କରିଥିଲେ । ତାହା ହେଉଛି:

لَآ اِلٰهَ اِلَّا اللّٰهُ مُحَمَّدٌ رَّسُوْلُ اللّٰهِ

**ଲା ଇଲାହା ଇଲ୍ଲଲ୍ଲାହୁ ମୁହମ୍ମଦୁର୍ ରସୁଲୁଲ୍ଲାଃ**

"ଅଲ୍ଲାଃଙ୍କ ବ୍ୟତୀତ କେହି ଉପାସ୍ୟ ନୁହନ୍ତି ଓ ମୁହମ୍ମଦ ତାଙ୍କର ପ୍ରେରିତ ଦୂତ ବା ରସୁଲ୍"। ଏହି ମୂଳମନ୍ତ୍ର ଉପରେ ଅହମଦୀ ବିଶ୍ୱାସ କରେ । ଅହମଦୀମାନେ ଏକେଶ୍ୱରବାଦରେ ବିଶ୍ୱାସ ରଖନ୍ତି, ଯିଏ ସମସ୍ତ ବିଶ୍ୱ ଜଗତର ସୃଷ୍ଟିକର୍ତ୍ତା ଓ ପାଳନକର୍ତ୍ତା । ଅଲ୍ଲାଃଙ୍କର କେହି ସମକକ୍ଷ ନାହାନ୍ତି । ସେ ସକଳ ଶକ୍ତିର ଆଧାର । ସେ ହିଁ ଅନନ୍ତ ଦୟାସାଗର, ବାରମ୍ବାର କ୍ଷମା ପ୍ରଦାନକାରୀ ଓ ମାଗିବା ପୂର୍ବରୁ ଅଯାଚିତ ପଣେ ଦାତା । ସେ ସମସ୍ତ ଜଗତର ଉଦ୍ଧାରକର୍ତ୍ତା । ତାଙ୍କ ଉଦାରତା ଓ ଅନୁଗ୍ରହଶୀଳତା ତାଙ୍କର ପୁରସ୍କାର ହୋଇଥାଏ । ସେ ଆମ ପ୍ରଭୁ, ତାଙ୍କର ନିୟନ୍ତ୍ରଣରେ ସମସ୍ତ ଜଗତ ପରିଚାଳିତ । ତାଙ୍କର ସକଳ ପ୍ରଶଂସା ଓ ଅନୁପମ ନାମ ସବୁ ପବିତ୍ର କୁରଆନରେ ଉଲ୍ଲେଖିତ । କୁରଆନ ଏହାର ପ୍ରମାଣ ଦେଇଛି ଯେ ଅଲ୍ଲାଃ ସମସ୍ତ ଦୋଷ ତ୍ରୁଟିରୁ ମୁକ୍ତ । ତେଣୁ ଅହମଦୀମାନେ ମୁହମ୍ମଦ[ସଅ] ପିତା ଅବଦୁଲ୍ଲା, ପିତାମହ ଅବଦୁଲ ମୁତଲିବ୍‌ଙ୍କୁ ବିଶ୍ୱାସ କରନ୍ତି । କୁରୈଶ୍ ମକ୍କାବାସୀଙ୍କ ପାଇଁ ସେ ଏକ ଦିବ୍ୟ ବାର୍ତ୍ତାବହ ତଥା ଅଲ୍ଲାଃ ମନୁଷ୍ୟମାନଙ୍କ ପାଇଁ ଦେଇଥିବା

ଚୂଡ଼ାନ୍ତ ନିୟମର ପ୍ରଣେତା ଓ ବିଧାନ ବାହକ ହୋଇ ଆରବ ତଥା ଅନ୍ୟ ସମସ୍ତଙ୍କ ପାଇଁ ଆସିଛନ୍ତି । କଳା ହେଉ ବା ଗୋରା ଅଥବା ଶ୍ୟାମଳ ସେହି ଅବତାର ସମସ୍ତ ଦେଶ ଓ ସମସ୍ତ ଲୋକଙ୍କ ପାଇଁ ତଥା ସମସ୍ତ ଜଗତ ପାଇଁ ଆବିର୍ଭୁତ ହୋଇଛନ୍ତି । ମୁହମ୍ମଦ[ସଅ] ଅଲ୍ଲାଃଙ୍କର ଐଶିବାଣୀ ପାଇବା ମାତ୍ରେ ଅବତାର ହୋଇ ଆସିଲେ ଓ ଯେ ପର୍ଯ୍ୟନ୍ତ ମଣିଷ ସମାଜ ଧରାପୃଷ୍ଠରେ ଜୀବିତ ରହିଥିବେ ସେ ସର୍ବବ୍ୟାପୀ ଅବତାର ହୋଇ ରହିଥିବେ, ତାଙ୍କ ଶିକ୍ଷା ସାର୍ବଜନୀନ ଓ ମନୁଷ୍ୟ ସମାଜର ଅନୁସରଣ ପାଇଁ ଅଭିପ୍ରେତ । ତାଙ୍କ ପରେ କେହି ମନୁଷ୍ୟ ତାଙ୍କ ସ୍ଥାନ ଅଧିକାର କରିପାରିବେ ନାହିଁ । ଯେଉଁମାନେ ମୁହମ୍ମଦ[ସଅ]ଙ୍କ ବାର୍ତ୍ତାକୁ ବୁଝନ୍ତି ଅଥଚ ବିଶ୍ୱାସ କରନ୍ତି ନାହିଁ ସେ ଅଲ୍ଲାଃଙ୍କ ଶାସ୍ତିରୁ ମୁକ୍ତି ପାଇପାରିବେ ନାହିଁ । ଯେଉଁମାନେ ତାଙ୍କର ଦାବୀ ସବୁ ଶୁଣିଛନ୍ତି ଓ ସେ ଦାବୀର ଆମୂଳଚୂଳ ମାନି ବିଶ୍ୱାସ କରୁଛନ୍ତି, ଏହି ପବିତ୍ର ଶିକ୍ଷାର ପଦଚିହ୍ନରେ ତାଙ୍କୁ ବିଶ୍ୱାସ କରିବା ବିନା ସେମାନେ ଧର୍ମ ପରିବର୍ତ୍ତନ ପ୍ରତି ମନ ବଳାଇ ପାରିବେ ନାହିଁ ।

# ଅହମଦୀମାନଙ୍କ ସମ୍ବନ୍ଧରେ ରହିଥିବା କେତେକ ସନ୍ଦେହର ଦୂରୀକରଣ

## ଖତ୍‌ମେ ନବୁଓ୍ୱତ ସମ୍ବନ୍ଧରେ ଅହମଦୀମାନଙ୍କ ସିଦ୍ଧାନ୍ତ

ଯେଉଁମାନେ ଅହମଦିୟତ ବିଷୟରେ ସମ୍ୟକ ଜାଣିଛନ୍ତି ଓ ଏହା ମଧ୍ୟ କୁହନ୍ତି ଯେ ଅହମଦୀମାନେ ମୁସଲିମମାନଙ୍କର ରହିଥିବା 'ଖତ୍‌ମେ ନବୁଓତ୍' ଅର୍ଥାତ ହଜରତ ମୁହମ୍ମଦ[ସଅ] ଶେଷ ଅବତାର ହେବା ମତବାଦ ସମ୍ବନ୍ଧରେ ବିଶ୍ୱାସ ରଖନ୍ତି ନାହିଁ ଏବଂ ସେମାନଙ୍କ ଚିନ୍ତାଧାରା ହେଉଛି ଯେ ଅହମଦୀମାନେ ହଜରତ ମୁହମ୍ମଦ[ସଅ]ଙ୍କୁ 'ଖାତମନ୍ ନବୀୟିନ' ବା ଅନ୍ତିମ ଅବତାର ଭାବେ ଗ୍ରହଣ କରନ୍ତି ନାହିଁ । କୁରଆନର ଅନୁମୋଦିତ ତଥ୍ୟକୁ ଅଧ୍ୟୟନ କଲେ ଏହି ଆରୋପ ଅସତ୍ୟ ହେବ । ପରିଶେଷରେ ଏହାର ପରିଣାମ ଏପରି ହେବ ଯେ ଏହା ସେମାନଙ୍କର

ଏକ ଭ୍ରମ ଧାରଣା ଓ ଏକ ମିଥ୍ୟା ସୂଚନା ବ୍ୟତୀତ ଅନ୍ୟ କିଛି ନୁହେଁ । କାରଣ ଅହମଦୀମାନେ ହିଁ ପ୍ରକୃତ ମୁସଲିମ । ତାଙ୍କର କଲିମା ହେଉଛି ଇସଲାମର ପ୍ରଣୀତ କଲିମା । ସେ କିପରି 'ଖତମେ ନବୁଓତ୍' ଅଥବା ହଜରତ ମୁହମ୍ମଦ[ସଅ]ଙ୍କର ଇସଲାମରେ ସର୍ବୋଚ୍ଚ ପଦ ମର୍ଯ୍ୟାଦା ସ୍ୱରୂପ ଖାତମନ୍ ନବୀୟିନର ତାତ୍ପର୍ଯ୍ୟକୁ ପରିହାର କରିପାରିବେ ? ଏହା ପବିତ୍ର କୁରଆନ ସ୍ପଷ୍ଟ ରୂପେ ବର୍ଣ୍ଣନା କରିଛି :

مَا كَانَ مُحَمَّدٌ اَبَآ اَحَدٍ مِّنْ رِّجَالِكُمْ وَلٰكِنْ رَّسُوْلَ اللّٰهِ وَخَاتَمَ النَّبِيّٖنَ

ଅର୍ଥାତ 'ମୁହମ୍ମଦ ତୁମମାନଙ୍କ ମଧ୍ୟରୁ କୌଣସି ପୁରୁଷର ପିତା ନଥିଲେ କି ନାହାନ୍ତି । କିନ୍ତୁ ସେ ଅଲ୍ଲାଃଙ୍କ ବାର୍ତ୍ତାବହ, ବରଂ (ଏହା ଠାରୁ ବଳି) ସେ ବାର୍ତ୍ତାବହ ମାନଙ୍କର ମୋହର ଅଟନ୍ତି ।' (ଅଲ ଅହଜାବ୍ 33:41)

ଏହି ପଙ୍କ୍ତି ସ୍ପଷ୍ଟ ଶବ୍ଦରେ ଓ ଦୃଢତାର ସହିତ ଏହା ପ୍ରମାଣ କରେ ଯେ ହଜରତ ମୁହମ୍ମଦ[ସଅ] ତୁମମାନଙ୍କ ମଧ୍ୟରୁ ନା କୌଣସି ଯୁବ ବୟସ୍କ ପୁରୁଷଙ୍କ ପିତା ହୋଇଛନ୍ତି ନା ହେବେ, ବରଂ ସେ ଏହି ସବୁ ତତ୍ତ୍ୱରୁ ଊର୍ଦ୍ଧ୍ୱରେ । କିନ୍ତୁ ସେ ଅଲ୍ଲାଃଙ୍କ ବାର୍ତ୍ତାବହ ଓ ସମସ୍ତ ବାର୍ତ୍ତାବହମାନଙ୍କ ମଧ୍ୟରେ ଶ୍ରେଷ୍ଠ ବିବେଚିତ ହୋଇଥିବାର ମୋହର ଆଖ୍ୟା ପାଇଛନ୍ତି । ଯେଉଁମାନେ ପବିତ୍ର କୁରଆନକୁ ବିଶ୍ୱାସ କରନ୍ତି, ସେମାନେ କଦାପି ଏହି ଉକ୍ତିକୁ ଏଡ଼ାଇ ଦେଇ ପାରିବେ ନାହିଁ ଓ ଏହାର ଅର୍ଥକୁ ଅମାନ୍ୟ ମଧ୍ୟ କରିପାରିବେ ନାହିଁ । କୁରଆନକୁ ବିଶ୍ୱାସ କରି ଅହମଦୀ କେବେ ବି ପବିତ୍ର ଅବତାର ମୁହମ୍ମଦ[ସଅ]ଙ୍କୁ ଖାତମନ୍ ନବୀୟିନ ଅସ୍ୱୀକାର କରିବା ଅସମ୍ଭବ । କିନ୍ତୁ କେବଳ ଗୋଟିଏ ଅସମାହିତ ଓ ଜଟିଳ ତତ୍ତ୍ୱ 'ଖାତମନ୍ ନବୀୟିନ'ର ପ୍ରକୃତ ଅର୍ଥ ସହିତ ଜଡ଼ିତ ରହିଛି । ସାଧାରଣତଃ ମୁସଲିମମାନେ ଏହାକୁ ଅନର୍ଥ ଓ କଦର୍ଥ କରି ଅଡି ଧରି ବସିଛନ୍ତି, କିନ୍ତୁ ଅହମଦୀ ତାହାକୁ କେବେ ସ୍ୱୀକାର କରେ ନାହିଁ । ଅହମଦୀମାନେ କୁହନ୍ତି ଯେ ଖାତମନ୍ ନବୀୟିନ ବାକ୍ୟାଂଶର ଅର୍ଥ ଆଜିକାଲି ଦିବ୍ୟ ବାର୍ତ୍ତାବହଙ୍କୁ ଯେ କେବଳ ଅପମାନିତ କରୁଛି ତାହା ନୁହେଁ, ବରଂ ଏହା ତାଙ୍କୁ ଉଚ୍ଚ ସ୍ଥାନ ମଣ୍ଡିତ କରିବାରେ ବିଫଳ କରାଉଛି । ଖାତମନ୍ ନବୀୟିନର ପ୍ରକୃତ ଅର୍ଥକୁ ଅହମଦୀମାନେ ଆରବି ଭାଷାକୋଷ ଅନୁଯାୟୀ ଗ୍ରହଣ କରିଛନ୍ତି । ହଜରତ ଆଇଶା[ରଅ], ଯେ କି ଅବତାର ଶ୍ରେଷ୍ଠଙ୍କ ଶିକ୍ଷିତା ଧର୍ମପତ୍ନୀ ଏବଂ ସେହି ପରି ହଜରତ ଅଲ୍ଲୀ[ରଅ] ତଥା ପବିତ୍ର ବାର୍ତ୍ତାବହଙ୍କ ଅନ୍ୟ ସହଯୋଗୀମାନେ ମଧ୍ୟ ଏହାର ପ୍ରକୃତ ଅର୍ଥଗତ ଶିକ୍ଷାକୁ ପ୍ରଦାନ କରିଥିଲେ । ଯଦ୍ୱାରା ଏହା ପ୍ରକୃତ ଅର୍ଥରେ ବାର୍ତ୍ତାବହ

ମୁହମ୍ମଦ[ସଅ]ଙ୍କୁ ସର୍ବୋଚ୍ଚ ଐଶ୍ୱରିକ ସ୍ଥାନରେ ମଣ୍ଡିତ କରିଛି । ଏହା ଛଡା ଅନ୍ୟ କୌଣସି ଉପାୟ ମଧ୍ୟ ନଥିଲା । ଅବତାରଙ୍କ ଐଶ୍ୱରିକ ପ୍ରତିଷ୍ଠା ବା ଖ୍ୟାତିର ମାପଦଣ୍ଡ ଏଥିରୁ ମିଳିଲା ଯେ ଅବତାର ମହିମ ସମସ୍ତ ଜନସାଧାରଣଙ୍କ ଠାରୁ ସର୍ବୋଚ୍ଚ ପ୍ରତିଷ୍ଠା ଅର୍ଜନ କରିବାରେ ଅଗ୍ରଣୀ ଥିଲେ । ଯେହେତୁ ମାନବ ସମାଜର ଭବ ସ୍ରୋତରେ ସେ ନିଜର ପ୍ରାଧାନ୍ୟ ବିସ୍ତାର କରିଥିଲେ, ତେଣୁ ଅହମଦୀ ପବିତ୍ର କୁରଆନରେ  ବାର୍ତ୍ତାବହଙ୍କ ମୋହର ବା 'ଖାତମନ୍ ନବୀୟିନ'ର  ଶିକ୍ଷାକୁ ଏଡ଼ାଇ ପାରିବ ନାହିଁ କିମ୍ବା ନ୍ୟୁନ କରି ପାରିବ ନାହିଁ । ଅହମଦୀମାନେ ଭାବନ୍ତି ଏହି ଶିକ୍ଷା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ, କିନ୍ତୁ ବର୍ତ୍ତମାନ ଚିନ୍ତା କରନ୍ତୁ ଯେ ଏହାର ଅର୍ଥକୁ କିପରି ଭୁଲ ଦୃଷ୍ଟିକୋଣରେ ଦେଖାଯାଉଛି । 'ଖାତମନ୍ ନବୀୟିନ'ର ବ୍ୟାଖ୍ୟା ମୂଳକ ସିଦ୍ଧାନ୍ତକୁ ଅମାନ୍ୟ କରିବା ହେଉଛି ଅଲ୍ଲାଃଙ୍କ ଅବଜ୍ଞାକାରୀ ବା କାଫିରର ପରିଚୟ ଦେବା । ଅହମଦୀ ଯିଏ ନିଜକୁ ବାସ୍ତବ ମୁସଲମାନ ହୋଇଥିବାର ଦାବୀ କରୁଛି ଓ ମାନୁଛି ଯେ ସମସ୍ତ ମାନବ ସମାଜ ପାଇଁ ଇସଲାମ ଧର୍ମରେ କୌଣସି ସିଦ୍ଧାନ୍ତ ମୂଳକ ପରିବର୍ତ୍ତନ ହେବ ନାହିଁ ଓ ଏହା ହିଁ କେବଳ ଏକମାତ୍ର ମାର୍ଗ । ତେଣୁ ଅହମଦୀ କଦାପି ଅବଜ୍ଞାକାରୀ ବା କାଫିର ହେବାକୁ ପସନ୍ଦ କରିବ ନାହିଁ ।

ଅହମଦୀଙ୍କ ପ୍ରତି ଆରୋପିତ କେତେକ ସାଧାରଣ ଭ୍ରମ ଧାରଣା ମଧ୍ୟରୁ ଗୋଟିଏ ହେଉଛି, ସେମାନେ କୁରଆନ ଶିକ୍ଷାର ମୂଳରୁ ଶେଷ ପର୍ଯ୍ୟନ୍ତ ମାନନ୍ତି ନାହିଁ । ଯଦିବା ସେମାନେ କୀୟଦଂଶ ଗ୍ରହଣ କରନ୍ତି ତ ଅନ୍ୟ କେତେକ ଅଂଶକୁ ଗ୍ରହଣ କରନ୍ତି ନାହିଁ । ମୋର (ଦ୍ୱିତୀୟ ଖଲିଫା ମହୋଦୟ) କ୍ୱଏଟା ରହଣି ଭିତରେ ଅନେକ ଅତିଥି ମୋତେ ଏହି ବିଷୟରେ ଅବଗତ କରାଇଲେ ଯେ ସେମାନେ ବହୁ ମୌଲବିଙ୍କ ଠାରୁ ଶୁଣି ଆସୁଛନ୍ତି ଯେ ଅହମଦୀମାନେ ସଂପୂର୍ଣ୍ଣ କୁରଆନକୁ ମାନନ୍ତି ନାହିଁ । ଏପରି ମିଥ୍ୟାରୋପ ଅହମଦୀ ପ୍ରତିପକ୍ଷଙ୍କ ପାଇଁ ଏକ ମନଗଢା ରୀତିରେ ପରିଣତ ହୋଇଯାଇଛି । ଅହମଦୀ ଦୃଢ ବିଶ୍ୱାସ କରେ ଯେ ପବିତ୍ର କୁରଆନରେ କାଣିଚାଏ ହେଲେ ବି କୌଣସି ପରିବର୍ତ୍ତନ ହୋଇ ପାରିବ ନାହିଁ । ତାହା ସଦା ଅକ୍ଷୁର୍ଣ୍ଣ ଓ ସର୍ବଦା ଅଲ୍ଲାଃଙ୍କର ଦିବ୍ୟବାଣୀ ସମ୍ବଳିତ ପୁସ୍ତକ ହୋଇ ରହିବ । ପ୍ରଥମ ଭାଗର ପ୍ରଥମ ପଙ୍‌କ୍ତି ଠାରୁ ଶେଷ ଭାଗର ଶେଷ ପଙ୍‌କ୍ତି ପର୍ଯ୍ୟନ୍ତ ଏହା ହେଉଛି ଅଲ୍ଲାଃଙ୍କ ବାଣୀ । ପ୍ରତ୍ୟେକ ବିନ୍ଦୁ ବିସର୍ଗ, ଅକ୍ଷର ତଥା ଶବ୍ଦ କଣିକା ନିଶ୍ଚିତ ରୂପେ ଅବିକଳ ଭାବେ ଅଲ୍ଲାଃଙ୍କ ଠାରୁ ପ୍ରକଟିତ ହୋଇଛି । ପ୍ରତ୍ୟେକ ତତ୍ତ୍ୱ ଅନ୍ୟଟିକୁ

ସମର୍ଥନ କରେ ଓ ଏହାର ପ୍ରତ୍ୟେକ ଭାଗ ଅବଶ୍ୟ ପାଳନୀୟ, ଯାହା ଅଲ୍ଲାଃଙ୍କ ବାଣୀ ରୂପେ ନିଜର ମହତ୍ୱ ପ୍ରତିପାଦନ କରେ ।

## ଦେବଦୂତଙ୍କ ସମ୍ବନ୍ଧରେ ଅହମଦୀମାନଙ୍କ ସିଦ୍ଧାନ୍ତ

କେତେକ ଲୋକ ଅନ୍ୟ ଏକ ଭ୍ରାନ୍ତ ଧାରଣାରେ କବଳିତ । ସେମାନଙ୍କ ଧାରଣାରେ ଅହମଦୀମାନେ ଦେବଦୂତ ଓ ଶୈତାନର ଅସ୍ତିତ୍ୱ ଉପରେ ବିଶ୍ୱାସ କରନ୍ତି ନାହିଁ, ଯାହାକି ଆରେକ ମନଗଢା କଥା । ପବିତ୍ର କୁରଆନରେ ବହୁ ସଂଖ୍ୟକ ଫରିସ୍ତା (ଦେବଦୂତ) ଓ ଶୈତାନ (ଦୁଷ୍ଟଶକ୍ତି)ଙ୍କ ଭିନ୍ନ ଭିନ୍ନ କାର୍ଯ୍ୟକୁ ବ୍ୟାଖ୍ୟା କରାଯାଇଛି । କୁରଆନ ଶିକ୍ଷାରେ ପ୍ରଦାନ କରାଯାଇ ଥିବା ବିଶ୍ୱାସ ଓ ଆସ୍ଥା ମୂଳକ ଧାରଣାକୁ ଅହମଦୀମାନଙ୍କ ଦ୍ୱାରା ବିଶ୍ୱାସ ନ କରାଯିବା ଏକ ଅସମ୍ଭବ ବ୍ୟାପାର । ଅଲ୍ଲାଃଙ୍କର ଅଶେଷ କୃପାରୁ ଆମେମାନେ ତାଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ କରୁ ଓ ସଂପୂର୍ଣ୍ଣ ରୂପେ ଦେବଦୂତମାନଙ୍କ ଉପସ୍ଥିତି ଉପରେ ବିଶ୍ୱାସ କରୁ । ସେମାନଙ୍କ ଆଶୀଷବାହକ ରୂପେ କାର୍ଯ୍ୟ ଦକ୍ଷତା ଉପରେ ଆମର ଅଭିଜ୍ଞତା ଅଛି, ଯାହା ଦେବଦୂତମାନେ ଆଣିଥିଲେ । ଏମାନେ ସ୍ଥାୟୀ ଭାବରେ ନିରନ୍ତର ବାର୍ତ୍ତା ବିନିମୟ କାର୍ଯ୍ୟ ସମ୍ପାଦନ କରିଥାନ୍ତି, ଯଦ୍ୱାରା ସ୍ୱର୍ଗୀୟ ସତ୍ତାମାନଙ୍କ ସହିତ ଆମେମାନେ ଅନେକ ପ୍ରକାର ଯୋଗାଯୋଗ ସ୍ଥାପନା କରିଥାଉ ଏବଂ ଏମାନଙ୍କ ଆବାହନରେ ଆଧାତ୍ମିକ ଜ୍ଞାନ ମଧ୍ୟ ଆହାରଣ କରିଥାଉ ।

ମୁଁ ନିଜେ ଏହି ମାର୍ଗରେ ବହୁତ କିଛି ଅର୍ଜନ କରିଛି । ମୁଁ ଏକ ଦେବଦୂତ (ଫରିସ୍ତା)ଙ୍କ ମାଧ୍ୟମରେ କୁରଆନର ପ୍ରଥମ ଅଧ୍ୟାୟ 'ସୁରଃ ଫାତିହା'ର ମାର୍ମିକ ଅର୍ଥ ଉପରେ ଶିକ୍ଷା ଲାଭ କରିଛି । ସେହି ନିର୍ଦ୍ଦିଷ୍ଟ ସମୟ ବିଶେଷତଃ ମୋ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହୋଇସାରିଛି । ଏହି ଛୋଟ ଅଧ୍ୟାୟରୁ ଏହାର ଭାବାର୍ଥର ଗଭୀରତା ପର୍ଯ୍ୟନ୍ତ ଯାଇ ମୁଁ ଯାହା ପାଇଛି, ଏହାର ବିବିଧତା ଓ ଜ୍ଞାନ ନୈପୁଣ୍ୟକୁ ବ୍ୟାଖ୍ୟା କରିବା ମୋ ପାଇଁ କଷ୍ଟସାଧ୍ୟ । ମୁଁ ସର୍ବସାଧାରଣରେ ଘୋଷଣା କଲି ଯେ କ'ଣ ଏହି ସତ୍ୟତାକୁ ପ୍ରଦର୍ଶନ କରିବାରେ ଅନ୍ୟ ଧର୍ମର ଅନୁଗାମୀ ତାଙ୍କର ପବିତ୍ର ଗ୍ରନ୍ଥରୁ ପ୍ରମାଣ ଦେଖାଇ ପାରିବେ ? ମୁଁ ଏହି ଦାବିକୁ ପୁନର୍ବାର ସେମାନଙ୍କ ସମ୍ମୁଖରେ ଉପସ୍ଥାପନ କଲି । କିନ୍ତୁ ଏହି ଆହ୍ୱାନର ମୁକାବିଲା ପାଇଁ କେହି ଜଣେ ହେଲେ ସାହାସ କଲେ ନାହିଁ । ଏକ ଅଲ୍ଲାଃ ଓ ତାହାଙ୍କ ଅସ୍ତିତ୍ୱ, ଅବତାରମାନଙ୍କର ଆବିର୍ଭାବ, ମାନବ ସମାଜ ପାଇଁ ସେମାନଙ୍କ ଆବଶ୍ୟକତା,

ସଂପୂର୍ଣ୍ଣ ବିଧାନଗତ ମାନଦଣ୍ଡ, ଏହି ଶାସ୍ତ୍ରୀୟ ନିୟମର ଆବଶ୍ୟକତା, ପ୍ରାର୍ଥନାର ମହତ୍ୱ ଭାଗ୍ୟ ଲେଖନୀର ସିଦ୍ଧାନ୍ତ, ଶେଷ ବିଚାର ଦିବସର ପରିକଳ୍ପନା, ସ୍ୱର୍ଗ ଓ ନର୍କର ତାତ୍ପର୍ଯ୍ୟ ଇତ୍ୟାଦି ଏହି ସବୁ ବିଷୟ ସୁରଃ ଫାତିହାରୁ ବାଦ ଦିଆଯାଇ ପାରିବ ନାହିଁ । ଯାହା ଏପରି ଏକ ଛୋଟ ଅଧ୍ୟାୟରେ ବିସ୍ତୃତ ଜ୍ଞାନର ଶିକ୍ଷା ଦେଇଛି ଏବଂ ଅନ୍ୟ ବିଷୟକୁ ମଧ୍ୟ ଆଧ୍ୟାତ୍ମିକ ଉପକାରୀତାକୁ ମଧ୍ୟ ତା' ସହିତ ଯୋଡ଼ି ଦେଇଛି । ଅନ୍ୟ ଧାର୍ମିକ ପୁସ୍ତକମାନଙ୍କର ଶତ ଶତ ପୃଷ୍ଠାରେ ମଧ୍ୟ ଏହାର ଶିକ୍ଷା କିପରି ସ୍ଥାନିତ ହୋଇପାରେ ? ତେବେ କ'ଣ ଆମେ ଦେବଦୂତଙ୍କ ଅସ୍ତିତ୍ୱକୁ ଅମାନ୍ୟ କରିପାରିବା ? ଆମେ ସେମାନଙ୍କ ଅସ୍ତିତ୍ୱରୁ ଉପକାର ପାଇଛୁ ଓ ସେମାନଙ୍କ ଆଶୀର୍ବାଦରେ ଶୈତାନମାନଙ୍କ ଖଳ ପ୍ରକୃତି ସମ୍ବନ୍ଧରେ ଅଭିଜ୍ଞତା ହାସଲ କରିଛୁ । ତାର ସ୍ଥିତି ରହିଛି କିନ୍ତୁ ମନ୍ଦ, ଦୁଷ୍କାମୀ ଓ ଅସତ୍ କର୍ମ ଭାବରେ, ଯାହାକୁ ବିଶ୍ୱାସ କରିବା ଭଲ ଗୁଣର ପରିପ୍ରକାଶ ନୁହେଁ । କିନ୍ତୁ ପବିତ୍ର କୁରଆନ ଏହି ବିଷୟବସ୍ତୁ ଉପରେ ଆତ୍ମ ଚେତନା ଦେଇଛି । ତେଣୁ ଆମେ ତା'ର ଅସ୍ତିତ୍ୱକୁ ବିଶ୍ୱାସ କରୁ । କେବଳ ସେତିକି ନୁହେଁ, ଆମେ ଏହା ମଧ୍ୟ ବିଚାର କରୁ ଯେ ଅଲ୍ଲାଃ ବିଶ୍ୱାସକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସେ ନିଜ କର୍ତ୍ତବ୍ୟରେ ଶୈତାନର ଦୁଷ୍ଟ ଶକ୍ତିକୁ ବିନାଶ କରିବାର ଦେଖୁ, ଯେପରି ମୁଁ ତାଙ୍କୁ ଦୁଷ୍କାମିର ପ୍ରତୀକ ସ୍ୱରୂପ ଦେଖିଛି । ମୁଁ ଅଲ୍ଲାଃଙ୍କ ସାହାଯ୍ୟରେ ତାହାଙ୍କ ଐଶ୍ୱରିକ ଶକ୍ତି ପ୍ରଦର୍ଶନ କରି ଶୈତାନଙ୍କ ବିରୁଦ୍ଧରେ ସଂଗ୍ରାମ କଲି ଓ ଶେଷରେ ସେମାନେ ପରାଜିତ ହେଲେ । ଗୋଟିଏ ଦୃଷ୍ଟିକୋଣରୁ ମୁଁ କହିଥିଲି ଅଲ୍ଲାଃଙ୍କର ଯେଉଁ କାର୍ଯ୍ୟଭାର ମୁଁ ବହନ କରିଛି, ଶୈତାନ ଓ ତା'ର ଅନୁଗାମୀଙ୍କ ଦ୍ୱାରା ହେଉଥିବା ଶତ୍ରୁତାପଣ ଓ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ ଓ ସେ ପଥରେ କଷ୍ଟ ସହିବାକୁ ପଡ଼ିବ । ମୁଁ ଭାବିଥିଲି ଏକ ବିଶେଷ ଉପଲକ୍ଷ୍ୟକୁ ବ୍ୟବହାର କରି ଅଲ୍ଲାଃଙ୍କ ପାଖରେ ସାନୁନୟ ପ୍ରାର୍ଥନା କରିବି । ମୁଁ ସ୍ୱପ୍ନ ଦେଖିଲି ଯେ ଅଲ୍ଲାଃଙ୍କ ଅଶେଷ କରୁଣା ବଳରେ ଓ ତାଙ୍କ ଆଦେଶରେ ସେହି ଦିଗକୁ ଯାଉଥିଲି । ଶୈତାନ ଓ ତାର ସନ୍ତାନମାନେ ମୋତେ ଡ଼ରାଉଥିଲେ ଓ ମୋ କର୍ତ୍ତବ୍ୟ ପଥରୁ ମୋତେ ନିବୃତ୍ତ କରାଉଥିଲେ । ଏକ ସ୍ଥାନରେ ଖାଲି ମୁଣ୍ଡମାନେ ବା ମୁଣ୍ଡ ବିହୀନ ଶରୀର ଓ ଅଶରୀରି ଆତ୍ମା ଏକାନ୍ତରେ ମୋତେ ଆକ୍ରମଣ କଲେ । ଅନ୍ୟ ଏକ ସ୍ଥାନରେ ମୁଁ ଦେଖିଲି ଯେ ହିଂସ୍ରକ ବନ୍ୟଜନ୍ତୁ ଯଥା ସିଂହ, ବାଘ, ହାତୀ ଇତ୍ୟାଦି ଶୈତାନର ସ୍ୱଷ୍ଟ ପ୍ରକାଶ ଦ୍ୱାରା ଚକ୍ରାନ୍ତ କରି ମୋତେ ଡ଼ରାଇବା ପାଇଁ ଚେଷ୍ଟା କଲେ । କିନ୍ତୁ ଅଲ୍ଲାଃଙ୍କ ନିର୍ଦ୍ଦେଶ କ୍ରମେ ମୁଁ ସେଥି ପ୍ରତି

ଭୃକ୍ଷେପ ନକରି ନମାଜ ପଢିବାକୁ ଚାଲିଗଲି । ତାପରେ ଅଲ୍ଲାଃଙ୍କ ଅଶେଷ ଦୟା ଓ କରୁଣାରୁ ନମାଜ ପଢିବା ଫଳରେ ମୁଁ ଦେଖିଲି, ଗୋଟିଏ ପରେ ଗୋଟିଏ ବିକଟାଳ ଦୃଶ୍ୟ ମୋ ଚକ୍ଷୁ ସମ୍ମୁଖରୁ ଅନ୍ତର୍ଦ୍ଧାନ ହୋଇଯାଉଥିଲେ । କିଛି କ୍ଷଣ ପରେ ସେମାନେ ପୁନର୍ବାର ନୂଆ ରୂପରେ ଦେଖାଦେଲେ । ମୁଁ ପୁଣି ମୋ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ଦୁଆର ମନ୍ତ୍ର ଆବୃତ୍ତି କରି ଚାଲିଲି । ପୁଣି ମୁଁ ଦେଖିଲି ଶୈତାନ ଓ ତା ସୈନ୍ୟସାମନ୍ତ ଇତସ୍ତତଃ ହୋଇ ଚାଲିଗଲେ । ମୁଁ ଏହି ଦୃଶ୍ୟକୁ କେବେ ଭୁଲି ପାରିବି ନାହିଁ । ଏହି ଦୃଶ୍ୟ ସମ୍ବନ୍ଧରେ ପରାମର୍ଶ ସ୍ୱରୂପ ଯେଉଁ ସୂଚନା ମୁଁ ଅଲ୍ଲାଃଙ୍କ ଠାରୁ ପ୍ରାପ୍ତ କରିଥିଲି, ଅଲ୍ଲାଃଙ୍କ ଅଶେଷ ଦୟାରୁ ଏହି ଲେଖା ଉପରେ ଉଲ୍ଲେଖ ନକରି ମୁଁ କୌଣସି ମହତ୍ୱପୂର୍ଣ୍ଣ ବିବୃତ୍ତି ନିର୍ଗତ କରେ ନାହିଁ । ଏହି ସବୁ ଦୃଷ୍ଟିକୋଣରୁ ମୋତେ ମିଳିଥିବା ଶିକ୍ଷା ଅନୁଯାୟୀ ଅତି ସଂକ୍ଷେପରେ କହିବାକୁ ଗଲେ ଆମେ ଅହମଦୀ ଦେବଦୂତମାନଙ୍କୁ ବିଶ୍ୱାସ କରୁ ଓ ଶୈତାନର ଉପସ୍ଥିତିକୁ ମଧ୍ୟ ।

ବେଳେବେଳେ ଏହା ମଧ୍ୟ କୁହାଯାଉଛି ଯେ ଅହମଦୀମାନେ ଅଲୌକିକ ଘଟଣାକୁ ମାନନ୍ତି ନାହିଁ । ଏହା ମଧ୍ୟ ଅନ୍ୟ ଏକ ମିଥ୍ୟା ପ୍ରଚାର । ଅହମଦୀମାନେ ପବିତ୍ର ବାର୍ତ୍ତାବହ ମୁହମ୍ମଦ[ସଅ]ଙ୍କର ସମସ୍ତ ଅଲୌକିକ ଘଟଣା ଉପରେ ବିଶ୍ୱାସ ରଖନ୍ତି ଏବଂ ସେମାନେ ଏହା ମଧ୍ୟ ବିଶ୍ୱାସ କରନ୍ତି ଯେ ପବିତ୍ର ବାର୍ତ୍ତାବହଙ୍କ ସତ୍ ଅନୁଗାମୀମାନେ ମଧ୍ୟ ଏହି ଐଶି ନିଦର୍ଶନ ଦ୍ୱାରା ନିଜକୁ ଆଲୋକିତ କରିପାରନ୍ତି । ପବିତ୍ର କୁରଆନ ବାର୍ତ୍ତାବହଙ୍କ ଅଲୌକିକ ଘଟଣାବଳୀର ବିବୃତ୍ତି ପ୍ରଦାନ କରେ । ଯିଏ ଐଶ୍ୱରିକ ମହିମାରୁ ବଞ୍ଚିତ ଥିବ  ସେହିଁ ଏହାକୁ ପ୍ରତ୍ୟାଖ୍ୟାନ କରିପାରିବ ।

## ମୋକ୍ଷପ୍ରାପ୍ତି ସମ୍ବନ୍ଧରେ ଅହମଦୀମାନଙ୍କ ସିଦ୍ଧାନ୍ତ

ଆଜିକାଲି ଦେଖାଯାଉଥିବା ଭ୍ରାନ୍ତ ଧାରଣା ମଧ୍ୟରୁ ଏହା ମଧ୍ୟ ଗୋଟିଏ । ସେମାନଙ୍କ ମିଥ୍ୟା ପ୍ରଚାର ଅନୁଯାୟୀ ଅହମଦୀମାନେ କାଳେ କୁହନ୍ତି ଯେ ଅଣ ଅହମଦୀମାନେ ସବୁ ନର୍କଗାମୀ ହେବେ । ଏହି ଭ୍ରାନ୍ତ ଧାରଣା ପର୍ଯ୍ୟାପ୍ତ ଜ୍ଞାନର ଅଭାବ ଓ ହିଂସା ତଥା ପକ୍ଷପାତ ଆଦି ଶତ୍ରୁତା ଯୋଗୁଁ ସୃଷ୍ଟି ହେଇଛି । ଏହିଭଳି ଭାବରେ ସେମାନେ ଅହମଦୀଙ୍କ ମନରେ ଆଘାତ ଦିଅନ୍ତି ଓ ଭିତ୍ତିହୀନ ଅଭିଯୋଗର କାଳିମା ବୋଳି ଦିଅନ୍ତି । ସୁତରାଂ ଏପରି କହିବା ଯେ କେବଳ ଅହମଦିମାନେ ସ୍ୱର୍ଗଗାମୀ ଓ ଅନ୍ୟ ସମସ୍ତେ ନର୍କଗାମୀ, ଆମେମାନେ ସେମାନଙ୍କର ଏହିଭଳି ଧାରଣା ସହିତ ଏକମତ ନାହୁଁ ।  ଆମେ ଏହା ବିଶ୍ୱାସ କରୁ

ଯେ ଜଣେ ଅହମଦୀ ତା'ର କୁକର୍ମ ଦ୍ୱାରା ନର୍କଗାମୀ ହୋଇପାରେ ଓ ଜଣେ ଅଣ ଅହମଦୀ ତା'ର ଉତ୍ତମ କର୍ମ ଯୋଗୁଁ ସ୍ୱର୍ଗଗାମୀ ହୋଇପାରେ । ସ୍ୱର୍ଗର ପୁରସ୍କାର ମୌଖିକ ମତ ପ୍ରକାଶ ଦ୍ୱାରା ମିଳେ ନାହିଁ । ବରଂ ତାହା ସତ୍‌କର୍ମ ଦ୍ୱାରା ଅର୍ଜନ କରାଯାଏ । ନିଜର କର୍ମକୁ ସୁଚାରୁ ରୂପେ ସମ୍ପାଦନ କରିବା ଓ ତାହାକୁ ବାଧ୍ୟତା ମୂଳକ କରିବା ଆବଶ୍ୟକ । ଅନ୍ୟ ପକ୍ଷେ କେହି ସେ ପର୍ଯ୍ୟନ୍ତ ବୈକୁଣ୍ଠ ଲାଭ କରି ପାରିବ ନାହିଁ, ଯେ ପର୍ଯ୍ୟନ୍ତ ସେ ନିଜ ବିଶ୍ୱାସକୁ ସୁଦୃଢ ଓ ଅନିବାର୍ଯ୍ୟ ନକରିଛି । ଯେ ପର୍ଯ୍ୟନ୍ତ ତା'ର କାର୍ଯ୍ୟ ପ୍ରକ୍ରିୟା ତାକୁ ସଂପୂର୍ଣ୍ଣ ଭାବେ ସ୍ୱଚ୍ଛ ଓ ବିଶୁଦ୍ଧ କରି ନଥିବ । ସେ କେତେକ ମହତ୍ୱପୂର୍ଣ୍ଣ ସତ୍ୟକୁ ଅଣଦେଖା କରିପାରେ ଓ ନିଜ ଜ୍ଞାନର ଅଭାବ ଯୋଗୁଁ ଅମାନ୍ୟ କରିପାରେ । ସେ କେବେବି ନର୍କଗାମୀ ହୋଇପାରିବ ନାହିଁ ଯେ ପର୍ଯ୍ୟନ୍ତ ସ୍ୱର୍ଗ ଓ ନର୍କର ମାର୍ଗ ସମ୍ବନ୍ଧରେ ତା'କୁ ବୁଝାଇ ଦିଆ ନଯାଇଛି । ଏହି ତତ୍ୱକୁ କ'ଣ ପବିତ୍ର ଅବତାର ସହଜ କରିଦେଇ ନାହାନ୍ତି ? ଯଦି ଏକ ନବଜାତ ଶିଶୁ ତରୁଣ ବୟସରେ ମୃତ୍ୟୁବରଣ କରେ କିମ୍ବା ଏକ ବୟସ୍କ ବ୍ୟକ୍ତି ଦୂର ପର୍ବତ କିମ୍ବା ଜଂଗଲରେ ମୃତ୍ୟୁବରଣ କରେ । ଏକ ବୃଦ୍ଧ ବ୍ୟକ୍ତି ଯାହାର ଅତୀତ ସମ୍ବନ୍ଧରେ ବିସ୍ତାର ଜ୍ଞାନ ରହିଥାଏ ଏବଂ ଏକ ବିକୃତ ମସ୍ତିଷ୍କ ଥିବା ପାଗଳ ଯେ କି ବୁଝିବାକୁ ଅକ୍ଷମ, ଅଲ୍ଲାଃଙ୍କ ନିକଟରେ କ'ଣ ସେମାନେ ଉତ୍ତରଦାୟୀ ହେବେ ନାହିଁ କି ?

ଯଦି ଏହା କୁହା ଯାଉଛି ଯେ ସେହି ଅନ୍ତିମ ବିଚାର ଦିବସରେ ଯେତେବେଳେ ଏହି ଲୋକମାନେ ପୁନରୁତ୍‌ଥିତ ହେବେ, ସେମାନଙ୍କ ନିକଟକୁ ଜଣେ ବାର୍ତ୍ତାବହଙ୍କୁ ପଠାଇ ଦିଆଯିବ । ଯିଏ ସେମାନଙ୍କୁ ଧର୍ମ ପ୍ରତି ଆବାହନ କରିବ, ମିଥ୍ୟାରୁ ସତ୍ୟକୁ ବାଛି ତାଙ୍କ ପସନ୍ଦଯୋଗ୍ୟ କରାଇବ । ତେବେ ଯେଉଁମାନେ ମିଥ୍ୟାକୁ ଅନୁଧ୍ୟାନ କରି ପସନ୍ଦ କରିବେ, ସେମାନେ ନର୍କଗାମୀ ହେବେ ଓ ଯେଉଁମାନେ ସତ୍ୟକୁ ଅନୁଧ୍ୟାନ କରି ପସନ୍ଦ କରିବେ ସେମାନେ ସ୍ୱର୍ଗରେ ବାସ କରିବେ । ତେବେ ଏହା ଏକ ଭୁଲ ଧାରଣା ଓ ସଂପୂର୍ଣ୍ଣ କପୋଳକଳ୍ପିତ । ଏହା କହିବା ବାହୁଲ୍ୟ ଯେ ଅହମଦୀୟା ମତବାଦରେ ଯିଏ ସାମିଲ ହୋଇ ନାହାନ୍ତି ସେ ନର୍କକୁ ଯିବେ, ଏହା ମସ୍ତବଡ଼ ଭୁଲ ବିଶ୍ୱାସ । କିନ୍ତୁ ଆମର ସିଦ୍ଧାନ୍ତ ଏ ସମ୍ବନ୍ଧରେ ଅତି ସ୍ପଷ୍ଟ ଓ ସ୍ୱଚ୍ଛ । ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ବ୍ୟକ୍ତି ଯିଏ ସାଂସାରିକ ବନ୍ଧନରୁ ନିଜକୁ ମୁକ୍ତ କରି ନିଜ କର୍ତ୍ତବ୍ୟକୁ ମନରେ ପୋଷଣ କରିବେ ସେ ସତ୍ୟ ଓ ନ୍ୟାୟ ପ୍ରତି ନିଶ୍ଚିତ ରୂପେ ଅନୁରାଗୀ ହେବେ । ପ୍ରତ୍ୟେକ ବ୍ୟକ୍ତି ଯିଏ ସ୍ୱେଚ୍ଛାକୃତ ଭାବେ ସତ୍ୟ ଠାରୁ ଦୂରରେ ରହି ଯେ କୌଣସି ସ୍ପଷ୍ଟୀକରଣ କିମ୍ବା ବ୍ୟାଖ୍ୟାନକୁ

ନଶୁଣିବେ ତଥା ଅଲ୍ଲାଃ ମାନବର ପଥ ପ୍ରଦର୍ଶନ ପାଇଁ ଧରାପୃଷ୍ଠକୁ ପଠାଇଥିବା ବାର୍ତ୍ତାକୁ କାର୍ଯ୍ୟରେ ପରିଣତ କରିବେ ନାହିଁ ଏବଂ ସେ ଅଲ୍ଲାଃଙ୍କ ନିକଟରେ ସେଥି ପାଇଁ ନିଶ୍ଚିତ ଭାବରେ ଉତ୍ତରଦାୟୀ ହେବ । କିନ୍ତୁ ଏହା ସତ୍ତ୍ୱେ ଏହି ଲୋକଙ୍କୁ ଅଲ୍ଲାଃ ଯଦି କ୍ଷମା କରିପାରନ୍ତି, ତେବେ ତାଙ୍କ ବିଚାର ଓ ଜ୍ଞାନରେ ଅଭିବୃଦ୍ଧି କରିବେ ଓ ତାଙ୍କ ପ୍ରତି ଦୟା କରିବେ । ଅଲ୍ଲାଃଙ୍କ କରୁଣା ସ୍ୱୟଂ ତାଙ୍କ ଦ୍ୱାରା ପରିଚାଳିତ ହୁଏ, ମନୁଷ୍ୟମାନଙ୍କ ଦ୍ୱାରା ନୁହେଁ । ଆମେ ତାଙ୍କର ସେବକ, ଆମେ ତାଙ୍କୁ କହି ପାରିବା ନାହିଁ ଯେ କାହାକୁ ଦିଅ ବା କାହାକୁ ନଦିଅ । ଅଲ୍ଲାଃ ଆମର ପରମକର୍ତ୍ତା ଓ ବିଶ୍ୱବିଧାତା । ଯଦି ତାଙ୍କର ଜ୍ଞାନ ଓ ଗାରିମା କାହାକୁ କ୍ଷମା କରିବାକୁ ପସନ୍ଦ କଲା, ଯାହା ଆମ ପାଇଁ କ୍ଷମା ଯୋଗ୍ୟ ନୁହେଁ ଆମେ ତାଙ୍କୁ ରୋକିବା ପାଇଁ କିଏ ? ଆମ ଧାରଣାରେ ମୋକ୍ଷ ପ୍ରାପ୍ତି ଅଲ୍ଲାଃଙ୍କ ଏକ ବରଦାନ, ଯାହା ପାଇଁ କେବଳ ମୌଲବିମାନେ ଆମକୁ କାଫିର (ଅଲ୍ଲାଃଙ୍କ ଅବଜ୍ଞାକାରୀ) ରୂପେ ଦୋଷାରୋପ କରନ୍ତି । ସେ ଆମ ଆସ୍ଥାକୁ ଉଦଭ୍ରାନ୍ତ କରି କହିଥାନ୍ତି ଯେ ଚିରନ୍ତର ଶାସ୍ତି ବିଧାନ ଇସଲାମର ଚେହେରା ନୁହେଁ । ଆମେ ଏହାକୁ ମୁସଲିମମାନଙ୍କ ଶିକ୍ଷା ଭାବରେ ବିଶ୍ୱାସରେ କିମ୍ବା ଅବିଶ୍ୱାସ ସ୍ଥିତିରେ ମାନିବାକୁ ପ୍ରସ୍ତୁତ ନାହୁଁ । କିନ୍ତୁ ଆମେ କହୁଛୁ ଯେ ଅଲ୍ଲାଃଙ୍କ ନିରନ୍ତର ଶାସ୍ତିର ସମ୍ମୁଖୀନ ହେବାକୁ ପଡିପାରେ । ଆମେ କୁରଆନର ଏହି ପଙ୍କ୍ତିର ସ୍ଥିତିରେ ଅଟଳ ରହିଥାଉ –

وَرَحْمَتِي وَسِعَتْ كُلَّ شَيْءٍ

**ୱରହମତି ୱସିଅତ୍ କୁଲ୍ଲା ଶୈଇନ୍** (ଅଲ ଆରାଫ 7:157)

'ଆମ୍ଭର (ଅଲ୍ଲାଃଙ୍କର) କରୁଣା ପ୍ରତ୍ୟେକ ବସ୍ତୁକୁ ପରିବେଷ୍ଟିତ କରି ରଖିଛି ।

فَأُمُّهُ هَاوِيَةٌ ۝

**ଫଉମ୍ମୁହୂ ହାୱିୟାଃ**

ତାହାର ବାସସ୍ଥାନ ହାୱେୟା (ନାମକ ନର୍କ)ହେବ (ଅଲ କାରିଆ 101:10)

وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُونِ

**ୱମା ଖଲକ୍‌ତୁଲ୍ ଜିନ୍ନା ୱଲ୍ ଇନ୍‌ସା ଇଲ୍ଲା ଲିୟାବୁଦୁନ୍**

'ଏବଂ ଆମ୍ଭେ ଜିନ୍ନ ଓ ମନୁଷ୍ୟମାନଙ୍କୁ କେବଳ ଆମ୍ଭର ଉପାସନା ସକାଶେ ସୃଷ୍ଟି କରିଅଛୁ ।' (ଅଲ ଜାରିଆ 51:57)

ଏହି ପଙ୍‌କ୍ତି ଆମକୁ ଶିକ୍ଷା ଦିଏ ଯେ ଯେକୌଣସି ପ୍ରାଣୀ ନୈତିକତା ଦୃଷ୍ଟିରୁ ଯଦି ମନ୍ଦ ପ୍ରବୃତ୍ତିରେ ଲିପ୍ତ ଥାଆନ୍ତି, ତେବେ ଦଣ୍ଡରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ଅଲ୍ଲାଃଙ୍କର ଅନୁରକ୍ତ ଭକ୍ତଙ୍କ ଶରଣରେ ଆସିବେ । ଯେତେ ଦୂର ପର୍ଯ୍ୟନ୍ତ କୁରଆନର ଏହି ପଙ୍‌କ୍ତିକୁ ଆମେ ଅଧ୍ୟୟନ କରିଥାଉ, ସର୍ବଶେଷରେ ଅଲ୍ଲାଃଙ୍କ ଦୟା ଓ କରୁଣାର ଫଳସ୍ୱରୂପ ପାପୀ ଓ ଅପରାଧୀମାନଙ୍କ କ୍ଷମା ପ୍ରଦାନକୁ କେମିତି ଆମେ ଅସ୍ୱୀକାର କରିପାରିବୁ ? ଆମେ କେମିତି କହି ପାରିବୁ ଯେ ନର୍କର ଅନ୍ତେବାସୀମାନେ ତାଙ୍କ ଅପରାଧୀ ପ୍ରବୃତ୍ତିରୁ ମୁକ୍ତି ପାଇ ପାରିବେ ନାହିଁ । କିମ୍ବା ଯେଉଁମାନେ ଅଲ୍ଲାଃଙ୍କ ଉପାସନା ପାଇଁ ସୃଷ୍ଟି ହୋଇଛନ୍ତି, ଶେଷରେ ଶୈତାନର ଉପାସନା କରିବେ ? କ'ଣ ସେମାନେ କେବେବି ଅଲ୍ଲାଃଙ୍କ ସେବକ ଓ ଭକ୍ତ ହୋଇପାରିବେ ନାହିଁ ? କ'ଣ ସେମାନେ ଅଲ୍ଲାଃ ସଂକେତ ଦେଉଥିବା ମାଧୂର୍ଯ୍ୟପୂର୍ଣ୍ଣ ବାଣୀକୁ ଶୁଣି ପାରିବେନାହିଁ ?

فَادْخُلِي فِي عِبَادِي وَادْخُلِي جَنَّتِي

**ଫଦ୍‌ଖୁଲି ଫିଇବାଦୀ ୱ୍‌ଦ୍‌ଖୁଲି ଜନ୍ନତୀ**

'ପୁନଶ୍ଚ (ତୁମ ପାଳନକର୍ତ୍ତା ତୁମକୁ କହୁଛନ୍ତି ଯେ) ଆସ, ଆମ୍ଭର (ବିଶେଷ)ଭକ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯାଅ ଏବଂ (ଆସ) ଆମ୍ଭ ବୈକୁଣ୍ଠରେ ପ୍ରବେଶ କର ।' (ଅଲ ଫଜର ୫୨:30,31)

# ହଦିସ୍ ସମ୍ବନ୍ଧରେ ଅହମଦୀମାନଙ୍କ ସିଦ୍ଧାନ୍ତ

ଏହା ମଧ୍ୟ କୁହାଯାଏ ଯେ ଅହମଦୀମାନେ ଦିବ୍ୟ ବାର୍ତ୍ତାବହ ହଜରତ ମୁହମ୍ମଦ[ସଅ]ଙ୍କ ପବିତ୍ର କଥନ ବା ହଦିସରେ ବିଶ୍ୱାସ ରଖନ୍ତି ନାହିଁ । ସେମାନେ ମୁସଲିମ ବିଧାନଗତ ଶାସ୍ତ୍ରମାନଙ୍କର ପ୍ରାକକାଳୀନ ବ୍ୟାଖ୍ୟାକାରୀମାନଙ୍କୁ ସମ୍ମାନ ଜନକ ଦୃଷ୍ଟିରେ ଦେଖନ୍ତି ନାହିଁ । ଏହି ଦୁଇଟିଯାକ ଆରୋପ ସଂପୂର୍ଣ୍ଣ ଭ୍ରମାତ୍ମକ । ଏଗୁଡିକୁ ଅନୁସରଣ କରିବା (ତକ୍ଲିଦ) ଓ ଅନୁସରଣ ନକରିବା(ନାତକ୍ଲିଦ) ସମ୍ବନ୍ଧରେ ଅହମଦୀମାନେ ମଧ୍ୟମ ସ୍ଥାନରେ ରହିଛନ୍ତି । ଜଣେ ଅହମଦୀ ବିଶ୍ୱାସ କରେ ଯେ ଯାହା କିଛି ହଜରତ ମୁହମ୍ମଦ[ସଅ]ଙ୍କ ତଥ୍ୟକୁ ଗୁରୁତ୍ୱ ପ୍ରଦାନ କରି ବୈଶିଷ୍ଟ୍ୟ ସହିତ ଉପସ୍ଥାପନ କରାଯାଇଥିବ, ତାହାର ବିଷୟବସ୍ତୁ ଶେଷ ବକ୍ତବ୍ୟ ପର୍ଯ୍ୟନ୍ତ ନିଶ୍ଚିତ ରୂପେ ଗ୍ରହଣଯୋଗ୍ୟ ହେବ । ଯେପରି ମାଲିକଙ୍କ ଉପସ୍ଥିତିରେ

ଦାସର ଆନୁଗତ୍ୟ ସ୍ୱୀକାର କରିବା ମାଲିକ ପ୍ରତି ଅବମାନନା ହୋଇଥାଏ, ସେହିପରି କୌଣସି ପ୍ରାମାଣିକ ତଥ୍ୟ କାହା ଠାରୁ ଶୁଣି ଦେଇ ଏହାର ଭିନ୍ନ ଅର୍ଥ ବାହାର କରିବା ସର୍ବଶେଷରେ ପବିତ୍ର ଅବତାରଙ୍କ ପ୍ରତି ଅସମ୍ମାନ ବୋଧକ ହୋଇଥାଏ । ଯେତେବେଳେ ଇସଲାମ ଧର୍ମର ପ୍ରତିଷ୍ଠାତା କହିଥିବା ନୀତିବାଣୀକୁ ଜଣେ ପ୍ରତ୍ୟକ୍ଷଦର୍ଶୀ ଅନୁଗାମୀ ଶୁଣିପାରେ ନାହିଁ ଅଥଚ ବ୍ୟାଖ୍ୟାକାରୀମାନେ ତାହାକୁ ଯେତେ ମହତ୍ୱପୂର୍ଣ୍ଣ ଶୈଳୀରେ ମୁଖସ୍ତ କରିଥାଆନ୍ତୁ ପଛକେ ଆନୁଗତ୍ୟର କ୍ଷମତା ଭିତ୍ତିରେ ମୁସଲିମମାନଙ୍କ ଦୃଷ୍ଟିରେ ଏହାର ପଦମର୍ଯ୍ୟାଦା କେବଳ ଅବତାରଙ୍କ ଅନୁଗାମୀ ହିଁ ଲାଭ କରିପାରେ । ଯଦି କୌଣସି ମତେ ପବିତ୍ର ବାର୍ତ୍ତାବହଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବିବୃତ୍ତି ଦେଖାଯାଉଥିବ ଏବଂ ଯଦି ସେହି ବିବୃତ୍ତି ପବିତ୍ର କୁରଆନର ଶିକ୍ଷା ସହିତ ମେଳ ଖାଉଥିବ, ତେବେ ତାହା ଏକ ଅପରିହାର୍ଯ୍ୟ ବିବୃତ୍ତି ଭାବେ ଯୋଗ୍ୟ ବିବେଚିତ ହେବ । କୌଣସି ମତେ ଏହାକୁ ଅମାନ୍ୟ କରିବା କିମ୍ବା ପ୍ରଶ୍ନ କରିବା ପାଇଁ କାହାର ଅଧିକାର ନାହିଁ । ହଦିସ୍‌ର ଖବରଦାତା ଯାହାବି ହେଲେ ମନୁଷ୍ୟ । ସେମାନେ ସ୍ୱଭାବତଃ ଭଲ ଅଥବା ଖରାପ ଗୁଣର ଅଧିକାରୀ ହୋଇପାରନ୍ତି । ସେମାନଙ୍କର ଭଲ କିମ୍ବା ଖରାପ ସ୍ମରଣ ଶକ୍ତି ଓ ବୁଝିବା ଶକ୍ତି ଥାଇପାରେ । ଯଦି ହଦିସର କେଉଁଠାରେ ପବିତ୍ର କୁରଆନ ଶିକ୍ଷାକୁ ଖଣ୍ଡନ କରାଯାଇଥାଏ, ତେବେ ନିଶ୍ଚିତ ଭାବେ ଏହାର ଲିଖିତ ବିବରଣୀରେ ପ୍ରଶ୍ନ ଉଠାଇବା ଆମର ଅଧିକାର ଅଛି । ତେଣୁ ହଦିସର ତଥ୍ୟ ଉପରେ ପ୍ରଶ୍ନ କରାଯାଇପାରେ । ପୂର୍ବ ହଦିସର ଲେଖକମାନେ ନିଜେ ନିଜେ ହଦିସର ଲିଖିତ ବିବରଣୀକୁ ବୈଶିଷ୍ଟ୍ୟ ଅନୁଯାୟୀ ପର୍ଯ୍ୟାୟ କ୍ରମେ ପ୍ରସ୍ତୁତ କରୁଥିଲେ । କିଛି ବିଧି ବିଧାନ ଠିକ ଓ ସତ୍ୟ ଉପରେ ଆଧାରିତ ଥିଲା । ଅନ୍ୟଗୁଡ଼ିକ ସନ୍ଦେହଜନକ ଓ ଅନିଶ୍ଚିତତା ମଧ୍ୟ ଦେଇ ଗତି କରୁଥିଲେ । ପବିତ୍ର କୁରଆନ ତାର ଯୋଗ୍ୟତା ବଳରେ ତିଷ୍ଠି ରହିଛି । ଏହା ନିଶ୍ଚିତ ରୂପେ ଏକ ସ୍ୱୟଂ ସଂପୂର୍ଣ୍ଣ ଓ ବିଧିମାନ୍ୟ ବାଣୀର ବର୍ଣ୍ଣନା ଯାହା ସର୍ବଦା ଅକ୍ଷୁର୍ଣ୍ଣ ହୋଇ ରହିବ । ଏକ ହଦିସ ଯଦି କୁରଆନ ଶିକ୍ଷା ତୁଳନାରେ ଅସତ୍ୟ ପ୍ରମାଣିତ ହେବ, ତାହା କଦାପି ସ୍ୱାଗତଯୋଗ୍ୟ ହେବ ନାହିଁ । କେଉଁଠାରେ କେବେବି ଉତ୍ତମ ହଦିସର ପ୍ରସଙ୍ଗଗୁଡ଼ିକ ସହଜ ଲବ୍ଧ ହୋଇ ନଥାଏ । କିନ୍ତୁ ନିମ୍ନ ମାନର ବ୍ୟାଖ୍ୟାଗୁଡ଼ିକ ନିଶ୍ଚିତ ରୂପେ ବ୍ୟାଖ୍ୟାକାରଙ୍କ ଦକ୍ଷତାହୀନର ପରିଚୟ ଦିଏ ଓ କୁରଆନକୁ ନୀରବ କିମ୍ବା ଦିଶାହୀନ କରିବା ପାଇଁ ଚେଷ୍ଟା କରିଥାଏ । ତେବେ ପୂର୍ବବର୍ତ୍ତୀ

ଭାଷ୍ୟକାରମାନଙ୍କ ଦ୍ୱାରା ସଂଗୃହିତ ହୋଇଥିବା ନୀତି ଉପଦେଶ ଆଡକୁ ନିଶ୍ଚିତ ରୂପେ ଆମକୁ ଫେରିବାକୁ ହେବ । ଏହି ଲେଖକମାନେ ଇସଲାମ ଇତିହାସର ଅଧ୍ୟୟନରେ ନିଜ ଜୀବନକୁ ଉର୍ତ୍ସଗ କରିଥିଲେ । କୁରଆନ ଓ ହଦିସ ତଥ୍ୟକୁ ପରୀକ୍ଷା କରି ସେମାନେ ମଧ୍ୟ ବିଚାରଯୋଗ୍ୟ କରିଛନ୍ତି । ତେଣୁ ଉପଦେଷ୍ଟା ହେବା ପାଇଁ ସେମାନଙ୍କ ପୂର୍ଣ୍ଣ ଅଧିକାର ଅଛି । ଯେଉଁମାନେ ନିଜର ଜ୍ଞାନର ସଦୁପଯୋଗ କରିନାହାନ୍ତି ଓ କୁରଆନ ନପଢି  କିମ୍ବା ଅନୁଧ୍ୟାନ ନକରି ହଦିସକୁ ନିଜ ସୁବିଧା ଅନୁସାରେ ବ୍ୟାଖ୍ୟା କରିଛନ୍ତି, ସେମାନଙ୍କର ଇସଲାମରେ କୌଣସି ମହତ୍ୱ ନାହିଁ । ତେଣୁ କେତେକ ପାଣ୍ଡିତ୍ୟପୂର୍ଣ୍ଣ ଲେଖା କିମ୍ବା ବିଚାର ମୁସଲିମ ତତ୍ତ୍ୱର ପ୍ରାକଲେଖକଙ୍କ ଲେଖା ସହିତ ମେଳଖାଏ ନାହିଁ । ଯେଉଁ ବିଷୟରେ ପବିତ୍ର କୁରଆନ ଓ ହଦିସ ନୀରବ ରହନ୍ତି, ସେ ସମ୍ବନ୍ଧରେ ଇମାମ ଅବୁହନିଫା, ଇମାମ ଅହମଦ, ଇମାମ ଶାଫି, ଇମାମ ମାଲିକ କିମ୍ବା ଅନ୍ୟାନ୍ୟ ଇମାମମାନଙ୍କ ଯୋଗ୍ୟତା ସମ୍ବନ୍ଧରେ ଏକ ସାଧାରଣ ମୁସଲିମ ପ୍ରଶ୍ନ ପଚାରିବାର ଅଧିକାର ନାହିଁ । ଏହି ନିୟମରେ କୁରଆନ ଓ ହଦିସର ଏକ ସୀମା ଭିତରେ ରହି ବ୍ୟାଖ୍ୟା କରିବା ସମସ୍ତ ମୁସଲିମମାନଙ୍କର ଅଧିକାର ଅଛି । କିନ୍ତୁ ଯେଉଁମାନେ କୁରଆନ ଓ ହଦିସ ଅଧ୍ୟୟନ କରିବା ପାଇଁ ନିଜକୁ ଅନ୍ୟମାନଙ୍କ ଠାରୁ ଅଧିକ ସମର୍ପିତ କରିଛନ୍ତି, ସୁସ୍ପଷ୍ଟ ଭାବରେ ସେମାନଙ୍କ ମତକୁ ଗ୍ରହଣ କରିବାର ଶ୍ରେଷ୍ଠ ଅଧିକାର ଦିଆଯାଇଛି । ଯେତେବେଳେ ଜଣେ ଦକ୍ଷ ଚିକିତ୍ସକ ଓ ସାଧାରଣ ମଣିଷର ଲକ୍ଷଣ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି, ତେବେ ନିଶ୍ଚିତ ଭାବରେ ରୋଗର ଲକ୍ଷଣକୁ ଜାଣିବା ପାଇଁ ଚିକିତ୍ସକର ଜ୍ଞାନକୁ ସାଧାରଣ ମଣିଷର ଜ୍ଞାନ ଠାରୁ ଅଧିକ ମହତ୍ୱ ଦିଆଯାଇଥାଏ । ସେହିପରି ଏକ ଆଇନଗତ ଅଧିକାରର ପ୍ରଶ୍ନ ଉଠିଲେ ଏକ ଅଣଓକିଲ ଠାରୁ ଓକିଲର ଆଇନଗତ ବିଚାର ଜ୍ଞାନ ଅଧିକ ଥାଏ । ତେଣୁ କାହିଁକି ଆମେ ବିନା କାରଣରେ ଉପଦେଷ୍ଟାଙ୍କ ତର୍କ ଜ୍ଞାନ ମୂଳକ ଚିନ୍ତାଧାରାରେ ନରହିବା । ଯେଉଁମାନେ  ସେମାନଙ୍କର ଜୀବନକୁ କୁରଆନ ଓ ହଦିସର ଅଧ୍ୟୟନ ପାଇଁ ଉତ୍ସର୍ଗ କରିଛନ୍ତି, ସେମାନଙ୍କର ବୌଦ୍ଧିକ ଶକ୍ତି ଅନ୍ୟମାନଙ୍କ ଠାରୁ ନିଶ୍ଚିତ ରୂପେ ଉଚ୍ଚକୋଟିର ଓ ଯାହାଙ୍କର ଗୁଣର ବିଶୁଦ୍ଧତା ସମ୍ବନ୍ଧରେ ପ୍ରଶ୍ନ କରାଯାଇ ପାରିବ ନାହିଁ । ଅତି ସ୍ୱଳ୍ପରେ କହିବାକୁ ଗଲେ, ଅନୁସରଣ (ତକଲିଦ) କ୍ଷେତ୍ରରେ ଜଣେ ଅହମଦୀ ମଧ୍ୟମ ପନ୍ଥା ଅବଲମ୍ବନ କରିଥାଏ । ସେମାନେ ଅହଲେ ହଦିସଙ୍କ ସହିତ ନଥାନ୍ତି କି କେବେ ମୁକାଲ୍ଲିଦିନଙ୍କ ସହିତ ନଥାନ୍ତି । ଏହା ସଂକ୍ରାନ୍ତରେ ଅହମଦୀଙ୍କ

ମତ ଇମାମ ଅବୁହନିଫାଙ୍କ ସହିତ ମିଶିଥାଏ । ଯେହେତୁ ସେ ପବିତ୍ର କୁରଆନକୁ ସବୁଠାରୁ ଉଚ୍ଚ ମର୍ଯ୍ୟାଦାରେ ରଖିବା ପାଇଁ ଶିକ୍ଷା ଦେଇଥିଲେ । ପବିତ୍ର କୁରଆନର ସ୍ଥାନ ପ୍ରଥମ ଓ ତା'ପରେ ହଦିସ ବିଧି ପୁସ୍ତକ ସ୍ଥାନ । ହଦିସ ମାନ୍ୟତା ସିଦ୍ଧ ହେବା ପରେ ଆମର ଧାରଣା ଏବଂ ସିଦ୍ଧାନ୍ତର କ୍ଷମତା ରହେ । ଏହି କାରଣରୁ ଅହମଦୀମାନେ ଅନେକ ସମୟରେ ନିଜକୁ ହନଫିସ୍ (ଇମାମ ଅବୁହନିଫାଙ୍କ ଶୈଳୀକୁ ଅନୁସରଣ କରିଥିବାର) ବୋଲି କୁହନ୍ତି । କୁରଆନ ଓ ହଦିସର ଯୋଗ୍ୟତା ପ୍ରମାଣସିଦ୍ଧ ହେବା ପ୍ରଶ୍ନ ଉପରେ ଅହମଦୀମାନେ ଇମାମ ଅବୁହନିଫାଙ୍କ ମତକୁ ଅନୁସରଣ କରନ୍ତି । ଅନେକ ସମୟରେ ଅହମଦୀ ନିଜକୁ ଅହଲେ ହଦିସ ବୋଲି ମଧ୍ୟ କୁହନ୍ତି । କାରଣ ଅହମଦୀ ଏହା ମଧ୍ୟ ବିଶ୍ୱାସ ରଖିଥାନ୍ତି ଯେ ଯେତେବେଳେ ପବିତ୍ର ଅବତାର[ସଅ]ଙ୍କ କଥନ ଧର୍ମ ଆସ୍ଥା ମୂଳକ ତତ୍ତ୍ୱ ରୂପେ ପ୍ରମାଣିତ ହୋଇ ସାରିଛି ଓ ସେହି କଥନକୁ ଯେକୌଣସି ଧାର୍ମିକ ଚିକିତ୍ସକଙ୍କର ସ୍ଥାନ ଯେତେ ଶୀର୍ଷରେ ଥାଉ ପଛକେ, ଅବତାରଙ୍କ ମୁଖନିଃସୃତ ବାଣୀ (ହଦିସ)କୁ ଏମାନଙ୍କର ଶିକ୍ଷା ଠାରୁ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ ।

## ତକ୍‌ଦୀର ବା ଭାଗ୍ୟ ନିର୍ଣ୍ଣୟ ତତ୍ତ୍ୱ

ଅହମଦୀଙ୍କ ଉପରେ ଅନେକ ଭ୍ରମଧାରଣା ମଧ୍ୟରୁ ଭାଗ୍ୟତତ୍ତ୍ୱ ଅନ୍ୟତମ । ଏହା କୁହାଯାଏ ଯେ ଅହମଦୀମାନେ ଭାଗ୍ୟତତ୍ତ୍ୱକୁ ଅସ୍ୱୀକାର କରନ୍ତି,କିନ୍ତୁ ଏହା ଅସତ୍ୟ । ଅହମଦୀମାନେ ବିଶ୍ୱାସ କରନ୍ତି ଯେ ଭାଗ୍ୟ ଅର୍ଥାତ ନିୟତିର ବିଧାନ ସାରା ସଂସାରରେ ଐଶି ଶକ୍ତି ଦ୍ୱାରା ପରିଚାଳିତ ହୁଏ ଓ ଏହା ଅନ୍ତିମ ବିଚାର ଦିବସ ପର୍ଯ୍ୟନ୍ତ ବଳବତ୍ତର ରହିବ । ଭାଗ୍ୟର ଅର୍ଥ ଈଶ୍ୱରଙ୍କର ନିର୍ଦ୍ଧାରିତ ନିୟମ ବା ନୀତି ନିର୍ଦ୍ଧାରଣ ଯାହା ଐଶ୍ୱରୀକ ବିଧାନକୁ ବୁଝାଏ । କାହା ଦ୍ୱାରା ଏହି ନିୟମ ପରିବର୍ତ୍ତନ ହେବା ଅସମ୍ଭବ । ଆମେ କହୁ ମନୁଷ୍ୟର କାର୍ଯ୍ୟ ପ୍ରକ୍ରିୟା ତାର ବୈଶିଷ୍ଟ୍ୟ ବା ବିଶେଷ ଗୁଣକୁ ବୁଝାଇଥାଏ । ସେହିମାନେ ଯିଏକି ଅସତ କର୍ମରେ ଲିପ୍ତ ରହି ଈଶ୍ୱରଙ୍କ ଭକ୍ତ ହୋଇପାରନ୍ତି ନାହିଁ । ଯଥା ଏକ ଚୋରି କାମ ଏକ ଚୋର ଦ୍ୱାରା ସମ୍ପାଦିତ ହୁଏ । ଏକ ଅସାଧୁ କାର୍ଯ୍ୟକଳାପ ଏକ ଅସାଧୁ ବ୍ୟକ୍ତି ଦ୍ୱାରା ହୁଏ । ଏକ କୁଚକ୍ରାନ୍ତ ଏକ କୁଚକ୍ରୀ ଲୋକ ଦ୍ୱାରା ହୁଏ, ଏକ ହତ୍ୟାକାଣ୍ଡ ଜଣେ ହତ୍ୟାକାରୀଙ୍କ ଦ୍ୱାରା ହୁଏ ଓ ଦୁଷ୍କାମୀ ଏକ ଖଳନାୟକ ଦ୍ୱାରା ହୋଇଥାଏ । ମନୁଷ୍ୟର କଳଙ୍କିତ କାର୍ଯ୍ୟକଳାପ ତାହାର ବିଶେଷ ଗୁଣ ହୋଇପାରେ, କିନ୍ତୁ ଈଶ୍ୱରଙ୍କର ନୁହେଁ । ଆମେ ବିଶ୍ୱାସ କରୁ

ଯେ ଅଲ୍ଲାଃ ବିଶ୍ୱ ବ୍ରହ୍ମାଣ୍ଡର ପରିଚାଳନା ଓ ଏହାକୁ ଧର୍ମଯୁକ୍ତରେ ନିୟନ୍ତ୍ରଣ କରିବା ପାଇଁ ଦୁଇଟି ସମାନ୍ତର ନିୟମ ବିଧାନ କରିଛନ୍ତି । ଗୋଟିଏ ହେଉଛି ଭାଗ୍ୟ ନିର୍ଣ୍ଣୟ ତତ୍ତ୍ୱ ବା ତକ୍‌ଦୀରର ନିୟମ ଏବଂ ଅନ୍ୟଟି ହେଉଛି ପ୍ରୟାସ କରିବା ବା ତଦବିର୍‌ର ନିୟମ । ଆମେ ଏହାକୁ ଅନ୍ୟ ଅର୍ଥରେ କହି ପାରିବା ଯଥା ଦୃଢ ପ୍ରତିଜ୍ଞ ଭିତ୍ତିକ ନିୟମ ଓ ସ୍ୱାଧୀନତା ଭିତ୍ତିକ ନିୟମ । ଏହା ଉପରେ ପବିତ୍ର କୁରଆନର ବାଣୀ ଏହି ପରି ରହିଛି;

بَيۡنَهُمَا بَرۡزَخٌ لَّا يَبۡغِيٰنِ

**ବୈନହୁମା ବର୍‌ଜଖୁଲ ଲା ୟବ୍‌ଗିୟାନ୍**

ଅର୍ଥାତ‘ଏହି ଦୁଇଟି ମଧ୍ୟରେ ଏକ ଦୂରତ୍ୱର ସୀମା ନିର୍ଦ୍ଧାରଣ କରାଯାଇଛି; ଯେଉଁଥିପାଇଁ ଗୋଟିଏ ଅନ୍ୟ ମଧ୍ୟରେ ପ୍ରବେଶ କରିପାରୁ ନାହିଁ ।’ (ଅର୍ ରହମାନ 55:21)

ତେବେ ସେହି ଦୁଇଟି ନିୟମର ପରସ୍ପର ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ନଥାଏ । ଭାଗ୍ୟତତ୍ତ୍ୱର ନିୟମ ନିଜ ସୀମାରେଖା ମଧ୍ୟରେ ଏବଂ ପ୍ରଚେଷ୍ଟାର ନିୟମ ନିଜ ସୀମାରେଖା ମଧ୍ୟରେ ରହିଥାଏ । ଧର୍ମ ବା ସମ୍ପ୍ରଦାୟଭୁକ୍ତ ଘଟଣା ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଘଟଣା ଭାଗ୍ୟର ଡୋରି ସ୍ୱରୂପ ଏହାର ଛତ୍ରଛାୟା ତଳେ ଘଟିବା ଅପରିହାର୍ଯ୍ୟ । କୌଣସି କାର୍ଯ୍ୟକଳାପକୁ ସ୍ୱାଧୀନ ଭାବରେ ମନୁଷ୍ୟ ସମ୍ପାଦନ କରି ପାରିବ । ଏବଂ ସେ ନିଜ ପ୍ରଚେଷ୍ଟାରେ ପରିବର୍ତ୍ତନ ଆଣିପାରିବ । ସେହିପରି ଭୌତିକ ଜଗତରେ ମନୁଷ୍ୟ ସ୍ୱାଧୀନ ଭାବରେ ଯାହା ଇଚ୍ଛା ତାହା କରିପାରିବ । ତେଣୁ ଭାଗ୍ୟକୁ ଖୋଜି ବା ଆଦରି କିମ୍ବା ତାହା ଉପରେ ନିର୍ଭର କରି କାର୍ଯ୍ୟ କଲେ ନିଶ୍ଚିତ ରୂପେ ନିଜକୁ ନିଜେ ନଷ୍ଟ କରିବା ସାର ହେବ । ତେଣୁ ଆମର ସ୍ଥିତି ସଂପୂର୍ଣ୍ଣ ଭାବେ ସ୍ପଷ୍ଟ ହେବା ଉଚିତ । ଏବଂ ଈଶ୍ୱରଙ୍କ ସ୍ୱର୍ଗୀୟ ନିୟମକୁ ଅପରିବର୍ତ୍ତିତ ଭାବରେ ଲାଗୁ କରାଇବା, ମନ୍ଦ କାର୍ଯ୍ୟ, ଆଳସ୍ୟ ପରାୟଣତାକୁ ନିଜ ଠାରୁ ଦୂର କରାଇବା ତଥା ସେହି କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିଜର ଦାୟୀତ୍ୱବୋଧକୁ ଉପଲବ୍ଧି କରିପାରିବା । ତାହା ଏହି ମାଧ୍ୟମରେ ସମ୍ଭବ ହେବ ଯେତେବେଳେ ଆମେ କୁପ୍ରବୃତ୍ତି ବିରୁଦ୍ଧରେ ପ୍ରତିବାଦର ସ୍ୱର ଉତ୍ତୋଳନ  କରି ସେମାନଙ୍କ ପ୍ରଭାବ ଠାରୁ ଏସବୁକୁ  ବାହାର କରାଇପାରିବା । ଈଶ୍ୱର  ଆମକୁ  ଯାହା କିଛି ଜ୍ଞାନ ଦେଇଛନ୍ତି, କ’ଣ ଆମେ ଏହି ବିଷୟରେ ନିଜକୁ ଜଡିତ କରି ରଖିଛୁ ? ଏହା ଆମର ଗୁରୁଦାୟୀତ୍ୱ ଯାହାକୁ କାର୍ଯ୍ୟକାରୀ କରିବାକୁ ଆମର ଅପାରଗତା ବୋଲି ଧରିନେବା ଏବଂ ସବୁ ଦୋଷ ଭାଗ୍ୟ ଉପରେ ଲଦି ଦେବା ଭୁଲ ଓ ଅଯୌକ୍ତିକ ।

ଏହା ନିଜ ପ୍ରତି ଅବିଚାର, ଏହାକୁ ଆମର ବିଫଳତାର ପରିଣତି ବୋଲି ଭାବିବା ଅନ୍ୟାୟ । ତେଣୁ ଆମ ଧାରଣାରେ ଏହା ମୁସଲିମମାନଙ୍କ ପାଇଁ ଏକ ଅଯଥା କାର୍ଯ୍ୟ ଓ ଚୁପ ହୋଇ ବସିଯିବା ଠିକ ନୁହେଁ । ସେମାନଙ୍କ ଜୀବନ ନିର୍ବାହ ବିଷୟରେ ଉପଯୁକ୍ତ ଧ୍ୟାନ ନଦେଇ ସେମାନଙ୍କ ଉନ୍ନତି ସାଧନ ସକାଶେ କିଛି ନକରି କେବଳ ଅଲ୍ଲାଃଙ୍କୁ ନିନ୍ଦା କରିବା ଓ ଭାଗ୍ୟ ଉପରେ ଭରସା କରି ବସିଯିବା ଦ୍ୱାରା ମୁସଲମାନମାନେ ଏହି ଭାଗ୍ୟତତ୍ତ୍ୱର ଭୂଲ ସିଦ୍ଧାନ୍ତରେ ପଡି ଯାଇଛନ୍ତି । ସେମାନେ ଦୀର୍ଘ ଦିନରୁ ଏପରି ଅନ୍ଧବିଶ୍ୱାସରେ ପଡି ରହିଛନ୍ତି, ଯାହାର ପରିଣାମ ସ୍ୱରୂପ ସେମାନେ ପ୍ରଥମେ ନିଜର ଈଶ୍ୱର ଆସ୍ଥାକୁ ହରାଇ ବସିଛନ୍ତି ଓ ପୃଥିବୀର ସମସ୍ତ ସୌଭାଗ୍ୟରୁ ବଞ୍ଚିତ ହୋଇ ରହି ଯାଇଛନ୍ତି ତଥା ଅଜଣା ଆଶଙ୍କାର ଶୀକାର ହୋଇ ଯାଇଛନ୍ତି । କ'ଣ ମୁସଲମାନମାନେ ଏହା ମନେ ରଖିଛନ୍ତି ଯେ ଭାଗ୍ୟ ଭବିତବ୍ୟ (ତକଦୀର) ଏବଂ ମଣିଷର ପ୍ରଚେଷ୍ଟା (ତଦବିର) ଦୁଇଟି ଭିନ୍ନ ଭିନ୍ନ ଦୁନିଆ । ଗୋଟିଏ ଅଲ୍ଲାଃଙ୍କ ସହିତ ସମ୍ବନ୍ଧିତ ଓ ଅନ୍ୟଟି ତାହାର ନିଜ ଆତ୍ମସ୍ୱାର୍ଥ ସହିତ ଜଡିତ । ଯଦି ଏହି ଭ୍ରାନ୍ତ ଧାରଣାରେ ବଶବର୍ତ୍ତୀ ହୋଇ ନଥାନ୍ତେ, ସେମାନେ କେବେବି ଏତେ ପରିମାଣରେ ଯନ୍ତ୍ରଣା ଭୋଗ କରି ନଥାନ୍ତେ ।

## ଜିହାଦର ବାସ୍ତବିକତା

ଅହମଦୀଙ୍କ ପ୍ରତି ଏକ ବିରାଟ ଭ୍ରାନ୍ତଧାରଣା ରହିଆସିଛି ଯେ ସେମାନେ ଜିହାଦ ବା ଧର୍ମଯୁଦ୍ଧକୁ ଅସ୍ୱୀକାର କରନ୍ତି । କିନ୍ତୁ ଏହା ସଂପୂର୍ଣ୍ଣ ଅସତ୍ୟ ଓ ଭିତ୍ତିହୀନ ଅଭିଯୋଗ । କିନ୍ତୁ ପ୍ରକୃତରେ ଅହମଦୀ ଜିହାଦକୁ ଅମାନ୍ୟ କରେ ନାହିଁ, ବରଂ ଏହାର ଉପଯୁକ୍ତ ପରିଭାଷାକୁ ବୁଝେ ଓ ବୁଝାଏ । କେବଳ ଅହମଦୀ ବିଶ୍ୱାସ କରେ ଯେ ଯୁଦ୍ଧ ସାଧାରଣତଃ ଦୁଇ ପ୍ରକାର । ଜିହାଦର ମାନ୍ୟତା ଭିତ୍ତିକ ଯୁଦ୍ଧ ଓ ଅନ୍ୟଟି କେବଳ ସାମାଜିକ ପ୍ରାଧାନ୍ୟତା ପାଇଁ ହେଉଥିବା ଯୁଦ୍ଧ । ତେଣୁ ଜିହାଦ ଏକ ପ୍ରକାର ଧର୍ମଯୁଦ୍ଧ ଯାହା ସାମାଜିକ ମାନ୍ୟତା ଲାଭ କରିଛି । ଯେଉଁ ସ୍ଥିତିରେ ଶତ୍ରୁ ବଳ ପ୍ରୟୋଗ ଦ୍ୱାରା ଓ ତରବାରୀ ମୁନରେ ମନୁଷ୍ୟର ଧର୍ମ ବିଶ୍ୱାସକୁ ପରିବର୍ତ୍ତନ କରିବାକୁ ଚାହୁଁଥାଏ ଓ ଧର୍ମକୁ ବିନାଶ କରିବାକୁ ଚେଷ୍ଟା କରୁଥାଏ, ସେପରି ସ୍ଥଳେ ଶତ୍ରୁଠାରୁ ଧର୍ମକୁ ରକ୍ଷା କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଏ । କଦାପି ଏହି ପରିସ୍ଥିତିରୁ ଉପୁଜୁଥିବା ପରିଣାମଗୁଡ଼ିକ ବିଶ୍ୱର ଯେକୌଣସି ସ୍ଥାନରୁ ସୃଷ୍ଟି ହୋଇପାରେ । ସେଥିପାଇଁ ଜିହାଦର ସ୍ୱର୍ଗୀୟ ଅଭିଯାନରେ ଯୋଗଦେବା

ପ୍ରତ୍ୟେକ ମୁସଲମାନଙ୍କ ପରମ କର୍ତ୍ତବ୍ୟ ହୋଇଯାଏ । ଏହା ଏକ ପ୍ରତିରକ୍ଷା ମୂଳକ ଯୁଦ୍ଧ ସତ, କିନ୍ତୁ ଏହି ଧରଣର ଧର୍ମଯୁଦ୍ଧ ବା ଜିହାଦର ଗୋଟିଏ ମହତ୍ତ୍ୱପୂର୍ଣ୍ଣ ସର୍ତ୍ତ ରହିଛି । ପ୍ରଥମତଃ ଏହାର ଘୋଷଣା କେବଳ ବିଶ୍ୱାସକାରୀମାନଙ୍କ ମୁଖ୍ୟ ନେତା ହିଁ କରି ପାରିବେ ନତୁବା ଏହି ଘୋଷଣାର ଗୁରୁ ଦାୟିତ୍ୱ କେବଳ ସମ୍ପ୍ରଦାୟର ମୁଖ୍ୟଙ୍କର ରହିବ । କେଉଁଠାରେ ଓ କିପରି ରଣକୌଶଳ ଆପଣାଇ ଉକ୍ତ ଜିହାଦରେ ନିୟୋଜିତ ହେବାକୁ ପଡିବ, ସେଥିପାଇଁ ମୁସଲମାନମାନଙ୍କୁ ଅବଗତ କରାଯିବ । ତେଣୁ ସେଠାରେ ସୁଚିନ୍ତିତ କାର୍ଯ୍ୟନିର୍ବାହ ପ୍ରଣାଳୀ ଓ ଏଥିରେ ଅଂଶଗ୍ରହଣ କରିବା ପାଇଁ କର୍ମଚାରୀ ଚୟନ କରି ଜିହାଦକୁ ମର୍ଯ୍ୟାଦା ସହକାରେ ସଫଳ ରୂପାୟନ କରାଯାଏ । କୌଣସି ଦାୟୀତ୍ୱବାନ ନେତୃତ୍ୱ ଓ ସୁସଂଗଠିତ ପ୍ରଚେଷ୍ଟା ବିନା ଜିହାଦ ମୂଲ୍ୟହୀନ ହୋଇଯାଏ । ଯଦି କୌଣସି ପାରିପାର୍ଶ୍ୱିକ ଅବସ୍ଥା ଚକ୍ରରେ ଜିହାଦର ଆବଶ୍ୟକତା ପଡ଼େ ଏବଂ ଯଦି ସେଠାରେ ଦାୟୀତ୍ୱପୂର୍ଣ୍ଣ ନେତୃତ୍ୱର ଅଭାବ ଥାଏ, ସେହି କ୍ଷେତ୍ରରେ ଯେଉଁ ମୁସଲିମ ପଛଘୁଞ୍ଚା ଦେବେ, ସେମାନେ ପାପରେ ଭାଗିଦାରୀ ହେବେ । ଯଦି କେତେବେଳେ ଏକ ଦାୟୀତ୍ୱ ସଂପନ୍ନ ନେତା ଓ ବିଶ୍ୱାସକାରୀଙ୍କ ଅଧିନାୟକ ନିଜର ସ୍ଥିତି ବଜାୟ ରଖିଥିବା ସ୍ଥଳେ, କେବଳ ସେହି ମୁସଲମାନମାନେ ସେଥିପାଇଁ ଉତ୍ତରଦାୟୀ ହେବେ ଯେ ତାଙ୍କୁ ଦିଆଯାଇଥିବା କର୍ତ୍ତବ୍ୟରେ ସେମାନେ ଅବହେଳା କରିଛନ୍ତି । ସୁତରାଂ ଅହମଦୀ ଯେଉଁ ଦେଶର ବାସିନ୍ଦା ହୁଅନ୍ତୁ ପଛକେ ମୌଳବାଦୀଙ୍କ ଜିହାଦ ସମ୍ପର୍କିତ ଚିନ୍ତାଧାରାକୁ ମାନନ୍ତି ନାହିଁ । ସେମାନେ ଏହା ଭାବନ୍ତି ଯେ ଏହି ଜିହାଦର ଆବଶ୍ୟକତା ବର୍ତ୍ତମାନ ପରିବେଶ ପାଇଁ ଉଚିତ ନୁହେଁ । ଏଠାରେ ଏକ ବିଶେଷ ଦୃଷ୍ଟାନ୍ତ ଦିଆଯାଇ ପାରେ ଯେ ବ୍ରିଟିଶଙ୍କ ବିରୁଦ୍ଧରେ ଜିହାଦ କିପରି ହୋଇଥିଲା । ଯେଉଁ ସମୟ ପର୍ଯ୍ୟନ୍ତ ବ୍ରିଟିଶମାନେ ଧର୍ମ ପରିବର୍ତ୍ତନ କରାଇବା ପାଇଁ ବଳ ପ୍ରୟୋଗ କରି ନଥିଲେ, ସେମାନଙ୍କ ବିରୁଦ୍ଧରେ ଜିହାଦର ଘୋଷଣା ପ୍ରକାଶ କରାଯାଇ ନଥିଲା । ଯଦି ବ୍ରିଟିଶ ବା ଅନ୍ୟ ଯେ କୌଣସି ଲୋକ ଧର୍ମ ପରିବର୍ତ୍ତନ କରାଇବାକୁ ବଳ ପ୍ରୟୋଗର ଉଦ୍ୟମ କରିଥାଆନ୍ତେ, ତେବେ ନିଶ୍ଚିତ ରୂପେ ଜିହାଦର ଆବଶ୍ୟକତା ପଡିଥାଆନ୍ତା । ଯଦି ଏହା କୁହାଯାଏ ଯେ ଜିହାଦ ସଦାସର୍ବଦା ଇଂରେଜଙ୍କ ବିରୁଦ୍ଧରେ ଅଭିପ୍ରେତ ହୋଇଥିଲା, ତେବେ କ'ଣ ମୁସଲିମମାନେ ଏଥିରେ ଯୋଗଦାନ କରିଥିଲେ ? ଏହା ଉପରେ ଅହମଦୀଙ୍କ ଉତ୍ତର ଅତି ସ୍ପଷ୍ଟ । ଯଦି ସେମାନେ ଏହା କରି ନଥିଲେ ତେବେ ସେମାନେ ଅଲ୍ଲାଃଙ୍କୁ

କ'ଣ ଉତ୍ତର ଦେବେ ? ସେମାନେ ଅଲ୍ଲାଃଙ୍କୁ କହିବେ ଯେ ସେମାନେ ଜିହାଦ ପ୍ରତି ନିଜ କର୍ତ୍ତବ୍ୟର ସମ୍ମୁଖୀନ ହେବେ ବୋଲି ଆଶା କରି ନଥିଲେ । ଯଦି ସେମାନେ ଭ୍ରମରେ ପଡିଥିଲେ, ଏହି ଭୂଲ ସେମାନଙ୍କ ବିଚାରଧାରା ଯୋଗୁଁ ଥିଲା, କାର୍ଯ୍ୟକଳାପରେ ନୁହେଁ । କିନ୍ତୁ ମୌଳବାଦୀ ଉଲେମାମାନେ ଅହମଦୀଙ୍କ ପ୍ରତି ଦୋଷାରୋପ କରନ୍ତି ଯେ ଅହମଦୀମାନେ ଜିହାଦକୁ ମାନନ୍ତି ନାହିଁ । ପରିଶେଷରେ ସେମାନେ କ'ଣ କହିବେ ? କ'ଣ ସେମାନେ ଅଲ୍ଲାଃଙ୍କୁ ସାକ୍ଷୀ ରଖି କହିପାରିବେ ଯେ ଏହା ସତ୍ୟ ? କ'ଣ ଏହି ସମୟ ଜିହାଦର ସମୟ ଥିଲା ? ଶତ୍ରୁଙ୍କ ବିପକ୍ଷରେ ଅସ୍ତ୍ରଶସ୍ତ୍ର ଧାରଣ କରିବା ଏକ ପୁଣ୍ୟ କର୍ମ ବୋଲି ଆମେ ଜାଣି ଏହା ଧରିନେବା ଯେ ଜିହାଦ ବାଧ୍ୟତାମୂଳକ ଥିଲା । ଏହା ସତ୍ତ୍ୱେ ହେ ଈଶ୍ୱର ! ଆମେମାନେ ଜିହାଦରେ ଯୋଗ ଦେଇ ନଥିଲୁ କାରଣ ଆମ ହୃଦୟ ଭୟଭୀତ ହୋଇଗଲା । ନା ଆମେ ସାହାସୀ ଲୋକଙ୍କୁ ଆମନ୍ତ୍ରଣ କରିଥିଲୁ । ଆମେ ଆଶଙ୍କା କରିଥିଲୁ କାଳେ ଇଂରେଜ ଅନୁକମ୍ପାରୁ ବଞ୍ଚିତ ହୋଇ ମାନସିକ ଅଶାନ୍ତିର ସମ୍ମୁଖୀନ ହୋଇଥାନ୍ତୁ ? ଏହି ଦୁଇ ଉତ୍ତର ମଧ୍ୟରୁ କେଉଁଟି ଅଲ୍ଲାଃଙ୍କୁ ଗ୍ରହଣୀୟ ଓ ତାଙ୍କ ଦୃଷ୍ଟିରେ ଯଥାର୍ଥ ହେବ ?

ମୁଁ ଆପ୍ରାଣ ଚେଷ୍ଟା ଚଳାଇଥିଲି ଯେ ଅହମଦିୟତ୍ ଉପରେ ଭ୍ରାନ୍ତଧାରଣା ରଖିଥିବା ଲୋକଙ୍କ ଭୂଲ ଚିନ୍ତାଧାରାକୁ ଦୂର କରିବି । ଯେଉଁମାନଙ୍କର ଏହା ଉପରେ ସ୍ୱଳ୍ପ ଜ୍ଞାନ ଅଛି ବା ହିତାହିତ ଜ୍ଞାନ ଅଛି ପ୍ରକୃତରେ ସେମାନେ ପ୍ରତିପକ୍ଷ ଗୋଷ୍ଠୀ ବା ବିରୋଧୀଙ୍କ ଠାରୁ ଶୁଣିବା ଉପରେ ସବୁବେଳେ ନିର୍ଭର କରନ୍ତି । କିନ୍ତୁ ଯେଉଁମାନେ କୌଣସି ପୁଙ୍ଖାନୁପୁଙ୍ଖ ଅଧ୍ୟୟନ ନକରିଥିଲେ ସୁଦ୍ଧା ଏବେ ମଧ୍ୟ ଅହମଦୀୟା ସମ୍ପ୍ରଦାୟର ସତ୍ୟତା ଜାଣିବା ପାଇଁ ଉତ୍ସୁକ ଅଛନ୍ତି, ମୁଁ ବର୍ତ୍ତମାନ ସେମାନଙ୍କ ନିକଟକୁ ଯିବାପାଇଁ ଇଚ୍ଛା ପ୍ରକାଶ କରେ । ଯେଉଁମାନେ ଆମ ସିଦ୍ଧାନ୍ତ ଉପରେ ଅଧ୍ୟୟନ କରିଛନ୍ତି ଓ ଏହା ଅନୁଭବ କରନ୍ତି ଯେ ଅହମଦିମାନେ ଏକ ଈଶ୍ୱର, ପବିତ୍ର ଅବତାର ମୁହମ୍ମଦ[ସଅ]ଙ୍କ ବାର୍ତ୍ତା, ପବିତ୍ର କୁରଆନ, ହଦିସ୍ ଓ ଇସଲାମର ସମସ୍ତ ଧର୍ମବିଧିର ବିବରଣ ଯଥା ଔପଚାରିକ ଉପାସନା ତଥା ଅନ୍ୟାନ୍ୟ ପ୍ରାର୍ଥନା, ରୋଜା (ଉପବାସ), ହଜ (ପବିତ୍ର ମକ୍କା ଓ ମଦିନାକୁ ତୀର୍ଥଯାତ୍ରା) ଅନ୍ତିମ ବିଚାର ଦିବସ ତଥା ଏହାର ସମସ୍ତ ଆବଶ୍ୟକତା ଓ ଆନୁସଙ୍ଗୀକ ତଥ୍ୟ ଉପରେ ବିଶ୍ୱାସ କରନ୍ତି । ସେମାନେ ପଚାରି ପାରନ୍ତି ଯେ କାହିଁକି ଅହମଦୀ ସବୁ ଦୃଷ୍ଟିରୁ ଅନ୍ୟ ମୁସଲିମଙ୍କ ପରି ରହିଥିବା ସତ୍ତ୍ୱେ ଏକ ନୂତନ

ଗୋଷ୍ଠୀ ଗଢିଛନ୍ତି ? ଏକ ନୂତନ ଆନ୍ଦୋଳନ ଓ ନୂତନ ଜମାଅତରେ ସୁସଙ୍ଗଠିତ ହୋଇ ରହିଛନ୍ତି । କିନ୍ତୁ ଅହମଦୀଙ୍କ ବିଶ୍ୱାସ ଏବଂ କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠେ ନାହିଁ, ବରଂ ନୂତନ ସଙ୍ଗଠନ କିମ୍ବା ସଙ୍ଗଠିତ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠେ । ଯଦି ଅହମଦୀ ସାଧାରଣ ମୁସଲମାନଙ୍କ ଠାରୁ ଭିନ୍ନ ନୁହନ୍ତି ଯେ କୌଣସି ମହତ୍ୱପୂର୍ଣ୍ଣ ଧାର୍ମିକ ବିଶ୍ୱାସ ଓ ଏହା ଉପରେ ପାଳନ କରିବାରେ ସମାନ ବିଧି ଆପଣାଇଥାନ୍ତି, ତେବେ ପୁଣି କାହିଁକି ଏକ ଭିନ୍ନ ଦଳ ଗଠନ କରିଛନ୍ତି ? ଯଦି କୌଣସି ଚିନ୍ତାଧାରାରେ ଭିନ୍ନତା ନାହିଁ, କାହିଁକି ଏକ ଅଲଗା ଅସ୍ତିତ୍ୱ ଓ ବ୍ୟବସ୍ଥା ଉପରେ ପ୍ରତିଷ୍ଠିତ ହୋଇଥିବାର ଦାବି କରନ୍ତି ?

## ଏକ ନୂତନ ଜମାଅତ ପ୍ରତିଷ୍ଠା କରିବାର ଅଭିପ୍ରାୟ

ଏହା ଏକ ମହତ୍ୱପୂର୍ଣ୍ଣ ପ୍ରଶ୍ନ ଯାହାର ଉତ୍ତର ଦୁଇଟି ଉପାୟରେ ଦିଆ ଯାଇପାରେ । ଗୋଟିଏ ପକ୍ଷରେ ଇସଲାମରେ ତାହାର ଉତ୍କର୍ଷତାକୁ ଦର୍ଶାଇ ସୃଷ୍ଟି ହୋଇଛି ଏକ ଭିନ୍ନ ସମ୍ପ୍ରଦାୟ ଯାହାକୁ ଅହମଦିୟତ୍ କୁହାଯାଉଛି । ଆମେ ଏହାକୁ ହାଲୁକା ଭାବେ ଗ୍ରହଣ କରି ପାରିବା । ଅନ୍ୟ ପକ୍ଷରେ ତାହା ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଗଠିତ ସମ୍ପ୍ରଦାୟ ଯଦ୍ୱାରା ଆଧାତ୍ମିକ ଗୁରୁମାନଙ୍କ ଆବିର୍ଭାବର ପ୍ରକ୍ରୀୟା ଆରମ୍ଭ ଠାରୁ ଧର୍ମ ସମ୍ପ୍ରଦାୟର ସ୍ଥାପନ ପର୍ଯ୍ୟନ୍ତ, ଏହି ସବୁ ବିଷୟକୁ ଆମେ ଅଧିକ ଗଭୀରତା ସହକାରେ ନେଇପାରିବା । ଏହି ପ୍ରଶ୍ନକୁ ଅତି ସହଜ ଶୈଳୀରେ ମୁଁ କହିବାକୁ ଚାହେଁ । ଯେପର୍ଯ୍ୟନ୍ତ ସେମାନେ କିଛି ଯୋଜନା ଓ କାର୍ଯ୍ୟକ୍ରମ ସହିତ ସଂକଳ୍ପ ବଦ୍ଧ ଭାବରେ ଏକତ୍ରିତ ହୋଇ କୌଣସି କାର୍ଯ୍ୟ ସମ୍ପାଦନ କରିନାହାନ୍ତି, ସେ ପର୍ଯ୍ୟନ୍ତ ଜମାଅତ ବା ସଙ୍ଗଠିତ ସମ୍ପ୍ରଦାୟ କୌଣସି ବ୍ୟକ୍ତି ବିଶେଷକୁ ବୁଝାଏ ନାହିଁ । ତାହା ଅଳ୍ପ ବା ବହୁତ ସଂଖ୍ୟକ ସଭ୍ୟଙ୍କୁ ନେଇ ଗଠନ ହୁଏ ନାହିଁ । ଯେତେବେଳେ ଆମ ପାଖରେ ଗୋଟିଏ ନିର୍ଦ୍ଦିଷ୍ଟ ଦଳ ଏକ ମହତ ଉଦ୍ଦେଶ୍ୟ ନେଇ ଏକତ୍ରୀତ ହେବେ ତାହା ଯେତେ ଅଳ୍ପ ସଂଖ୍ୟା ହେଉପଛେ, ଆମର ଜମାଅତ ହୋଇ ରହିବ । କୌଣସି ବ୍ୟକ୍ତି ବିଶେଷ ଏକ ସୁଚିନ୍ତିତ କାର୍ଯ୍ୟ ସାଧନର ଲକ୍ଷ୍ୟ ନେଇ ଯୋଜନାବଦ୍ଧ ଭାବେ ଏକତ୍ରିତ ନହେଲେ, ସେମାନଙ୍କୁ ଦଳେ ଲୋକ, ଜନସମୂହ ବା ଜଣେ ବ୍ୟକ୍ତି ବିଶେଷର ବୈଶିଷ୍ଟ୍ୟକୁ ନେଇ ଗଠିତ ଏକ ଗୋଷ୍ଠୀ କୁହାଯାଇପାରେ, କିନ୍ତୁ ଜମାଅତ ନୁହେଁ । ଯେଉଁ ଦିନ ହଜରତ ମୁହମ୍ମଦ[ସଅ] ଅବତାର

ହେବାର ଦାବୀ କଲେ, ତାଙ୍କ ଚତୁର୍ପାର୍ଶ୍ୱରେ କେବଳ ୪ଜଣ ବିଶ୍ୱସ୍ତ ଅନୁଚର ଥିଲେ, ଅବତାରଙ୍କୁ ମିଶାଇ ମୋଟ ୫ଜଣ । କିନ୍ତୁ ଏହି ୫ଜଣଙ୍କୁ ନେଇ ଜମାଅତ ଗଠନ କରାଗଲା । କିନ୍ତୁ ତାଙ୍କ ପ୍ରତିପକ୍ଷ ଗୋଷ୍ଠୀଙ୍କ ଆଠ ହଜାରରୁ ଦଶ ହଜାର ବ୍ୟକ୍ତିଙ୍କର କୌଣସି ଜମାଅତ ନଥିଲା । ଆଉ ନା ଅବଶିଷ୍ଟ ଆରବବାସୀ କୌଣସି ଭଲ ଉଦ୍ଦେଶ୍ୟ ରଖି ଏକତ୍ର ହୋଇଥିଲେ । ଯଦି ବା କୌଣସି ଉଦ୍ଦେଶ୍ୟ ଥିଲା, ଏହାର ଲକ୍ଷ୍ୟ ସାଧନ ପାଇଁ କୌଣସି କାର୍ଯ୍ୟକ୍ରମ ବା ଯୋଜନା ନଥିଲା । ତେଣୁ ଆମକୁ ଏହା ଦେଖିବା ଆବଶ୍ୟକ ଯେ ଆଜିର ମୁସଲିମମାନଙ୍କୁ ଏକତ୍ର ଯୋଡ଼ି ରଖିବା ପାଇଁ କ'ଣ କୌଣସି ଉଦ୍ଦେଶ୍ୟ ରଖାଯାଇଛି, ଯଦ୍ୱାରା ସେମାନେ ନିଜର କାର୍ଯ୍ୟ ପ୍ରକ୍ରିୟାକୁ ସଦୃଢ ଭାବେ ନିର୍ଦ୍ଧାରଣ କରିବା ପାଇଁ ନିଜକୁ ନିୟୋଜିତ କରିପାରିବେ ? ମୁଁ ଏଥିରେ ସମ୍ମତ ଯେ ଆଜିକାଲି ମୁସଲିମମାନଙ୍କ ମଧ୍ୟରେ ସାମାଜିକ ସ୍ତରରେ ପରସ୍ପର ସହିତ ସହାନୁଭୂତି, ସାହାଯ୍ୟ, ସହଯୋଗ ତଥା ସୁସମ୍ପର୍କ ଅବଶ୍ୟ ରହିଛି । କିନ୍ତୁ ସମଗ୍ର ବିଶ୍ୱରେ ମୁସଲମାନମାନେ ପରସ୍ପର ମଧ୍ୟରେ ନିର୍ଭରଶୀଳ, ସହାନୁଭୁତି ଓ ସୁସମ୍ପର୍କ କହିଲେ କିଛି ନାହିଁ । ଏହାକୁ ଅତିରଞ୍ଜିତ କରିବା ଏକ ଭୂଲ ହେବ । କେତେକ ମୁସଲିମଙ୍କର ଅନ୍ୟ ମୁସଲିମ ପାଇଁ ଅବଶ୍ୟ ସହାନୁଭୂତି ଅଛି । କିନ୍ତୁ ସବୁ ମୁସଲମାନମାନଙ୍କ ଅନ୍ୟ ସମସ୍ତ ମୁସଲମାନ ଭାଇଙ୍କ ପାଇଁ ଯେ ପୂର୍ଣ୍ଣ ସହାନୁଭୂତି ରହିଛି, ଏହା କୁହାଯାଇ ପାରିବ ନାହିଁ । ନା ଆମ ପାଖରେ ସେମିତି କିଛି ସାଧନ ବା କୌଶଳ ଅଛି ଯଦ୍ୱାରା ଏହି ଭିନ୍ନତାକୁ ତରଳାଇ ଏକ ଶକ୍ତ ଧାତୁରେ ପରିବର୍ତ୍ତନ କରିପାରିବା । ମତଭେଦ ଓ ଅସମ୍ମତି ଆମ ଜମାଅତର ସଭ୍ୟ ମଧ୍ୟରେ ବି ଦେଖା ଯାଇପାରେ । ଅବତାରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସମ୍ପ୍ରଦାୟରେ ମଧ୍ୟ ମତଭେଦ ଓ ଅସଙ୍ଗତି ରହିଥାଇ ପାରେ ଓ ଏହା ମଧ୍ୟ ଅବତାରଙ୍କ ଜୀବନ କାଳରେ ସମ୍ଭବ ହୋଇପାରେ । ପବିତ୍ର ବାର୍ତ୍ତାବହଙ୍କ ସମୟରେ ଅନସାର ବା ମଦୀନାବାସୀ ଏକ ସାହାଯ୍ୟକାରୀ ଗୋଷ୍ଠୀ ଏବଂ ମୁହାଜିରିନ ବା ପ୍ରବାସୀଙ୍କ ମଧ୍ୟରେ ଅନେକ ଘଟଣାରେ ସହମତି ନଥିଲା । ଜାତି ଓ ଉପଜାତି ମଧ୍ୟରେ ମତପାର୍ଥକ୍ୟ ମୁଣ୍ଡ ଟେକିଥିଲା । କିନ୍ତୁ ଏହି ଅସମ୍ମତିଗୁଡ଼ିକ ପବିତ୍ର ବାର୍ତ୍ତାବହଙ୍କୁ ଦୃଷ୍ଟିଗୋଚର ହୋଇଥିଲା, ଯାହାକୁ ନ୍ୟାୟ ପ୍ରତିଷ୍ଠା ଦ୍ୱାରା ଦୂର କରାଯାଇଥିଲା । ଠିକ ଏହିପରି ଘଟଣା ପରବର୍ତ୍ତୀ ଖଲିଫାଙ୍କ (ଅବତାରଙ୍କ ଉତ୍ତରାଧିକାରୀ ) ସମୟରେ ମଧ୍ୟ ହୋଇଥିଲା । ଯେତେବେଳେ ଏହି ସବୁ ମତଭେଦ ଓ ଅମେଳ ସୃଷ୍ଟି ହେଉଥିଲା, ସେଗୁଡ଼ିକୁ ଖଲିଫାମାନେ ସମାଧାନ କରି ଦେଉଥିଲେ । ଖଲିଫାଙ୍କ ନିଷ୍ପତ୍ତି ଗ୍ରହଣ ପରେ ସମସ୍ତ ବିବାଦର ଅନ୍ତ

ହେଉଥିଲା । ଖିଲାଫତ ରାଜତ୍ୱର ଅବସାନ ହେବା ପରେ ପ୍ରାୟତଃ ୭୦ବର୍ଷ ପର୍ଯ୍ୟନ୍ତ ମୁସଲିମ ଏକ ରାଷ୍ଟ୍ରର ଶାସନର ଛତ୍ରଛାୟାରେ ରହୁଥିଲେ । ସେ ରାଷ୍ଟ୍ର ଭଲ ବା ଖରାପ ଯାହାହେଲେ ସୁଦ୍ଧା ଏହା ନିଶ୍ଚିତ ରୂପେ ମୁସଲିମମାନଙ୍କୁ ଏକ ମହତ ଉଦ୍ଦେଶ୍ୟରେ ଏକତ୍ର ବାନ୍ଧି ରଖି କାର୍ଯ୍ୟ ସମ୍ପାଦନ କରୁଥିଲା । ଏହା ସେମାନଙ୍କ ମତଭେଦକୁ ପ୍ରଶମିତ କରିବା ପାଇଁ ସାଧନ ଯୋଗାଇ ଦେଉଥିଲା । କିନ୍ତୁ ଯେତେବେଳେ ସ୍ୱେନ ଗୋଟିଏ ଗୋଷ୍ଠୀର କେନ୍ଦ୍ର ହୋଇ ବିଶ୍ୱ ମୁସଲିମ ସଙ୍ଗଠନରୁ ଅଲଗା ହୋଇଗଲା, ସେତେବେଳେ ସଂଘର୍ଷର ସୂତ୍ରପାତ ହେଲା ଓ ମୁସଲିମମାନେ ଦୁଇ ଭାଗରେ ବିଭାଜିତ ହୋଇଗଲେ । ମତଭେଦ ଓ ବିଚ୍ଛିନ୍ନତାବାଦ ଯେତେ ଯାହା ହେଉ ନାକାହିଁକି, ଯେ ପର୍ଯ୍ୟନ୍ତ ତାହା ସୀମା ବହିର୍ଭୂତ ହୋଇ ନଥିଲା, ସେପର୍ଯ୍ୟନ୍ତ ବିଶ୍ୱ ମୁସଲିମ ସମୁଦାୟର ବହୁଳ ଭାଗ ଗୋଟିଏ ସଙ୍ଗଠନରେ ମିଶି ରହିଥିଲା । କିନ୍ତୁ ଇସଲାମ ଧର୍ମ ଅଭ୍ୟୁଦୟ ହେବାର ୩୦୦ବର୍ଷ ପରେ ଏହା ସଂପୂର୍ଣ୍ଣ ବିଭାଜିତ ହୋଇଗଲା । ଯାହା ଫଳରେ ଧର୍ମୀୟ ବିଶୃଙ୍ଖଳା, ନୈତିକ ଅଧଃପତନ ଓ ଗୋଷ୍ଠୀ ବିଘଟନ ବିଶ୍ୱ ମୁସଲିମ ସଂଗଠନକୁ ଭାଙ୍ଗି ଚୁରମାର କରିଦେଲା । ସତ୍ୟ କହିବାକୁ ଗଲେ ହଜରତ ମୁହମ୍ମଦ[ସଅ] ମୁସଲିମ ସମ୍ପ୍ରଦାୟର ଭବିଷ୍ୟତ ଚିତ୍ରଣ କରିଥିଲେ । ସେ କହିଥିଲେ

**خَيْرُ الْقُرُوْنِ قَرْنِيْ ثُمَّ الَّذِيْنَ يَلُوْنَهُمْ ثُمَّ الَّذِيْنَ يَلُوْنَهُمْ يَفْشُوْا الْكَذِبُ**

**ଖୈରୁଲ କୁରୁନେ କର୍‌ନୀ ସୁମ୍ମଲ୍ଲଜିନା ୟଲୁନହୁମ୍ ସୁମ୍ମଲ୍ଲଜିନା ୟଲୁନହୁମ୍ ୟଫଶୁଲ୍ କଜିବ୍** (ମିଶକାତ,କିତାବ ଅଲ୍ ଫିତ୍‌ନ/ମୁସଲିମ କିତାବୁଲ ଫଜାଇଲ୍),

ଅର୍ଥାତ ସବୁଠାରୁ ଉତ୍ତମ ଶତାବ୍ଦୀ ହେଉଛି ମୋର । ସେଥିରୁ ଯେଉଁମାନେ ଅଧିକ ଉତ୍କର୍ଷ ହୋଇ ବାହାରିବେ, ସେମାନେ ଦ୍ୱିତୀୟ ଶତାବ୍ଦୀରେ ରହିବେ । ସେମାନଙ୍କ ମଧ୍ୟରୁ ଉତ୍କର୍ଷ ହୋଇ ବାହାରିଥିବା ଲୋକମାନେ ତୃତୀୟ ଶତାବ୍ଦୀର ଅନ୍ତର୍ଗତ ହେବେ । ପୁଣି ଦୁନିଆରୁ ସତ୍ୟ ଲୋପ ପାଇବ ଓ ଅତ୍ୟାଚାର, ନିଷ୍ଠୁରତା ତଥା ଧର୍ମୀୟ ମତଭେଦ ରାଜୁତି କରିବ ।

ପ୍ରଥମ ଏକଶତ ବର୍ଷ ମୁସଲମାନମାନେ ସବୁଠାରୁ ଉତ୍ତମ ମନୁଷ୍ୟ ହେବେ, ଏହା ପରେ ଦ୍ୱିତୀୟ ଓ ତୃତୀୟ ଶହେବର୍ଷ ପର୍ଯ୍ୟନ୍ତ ସେହି ଅବସ୍ଥା ବଳବତ୍ତର ରହିବ । କିନ୍ତୁ ତାହାପରେ ସତ୍ୟ ଅଦୃଶ୍ୟ ହୋଇଯିବ । ଧାର୍ମୀକ କଠୋରବାଦ ଅଧିକ ମାତ୍ରାରେ ବୃଦ୍ଧିପାଇ ଏକ ବିଭେଦର ପ୍ରାଚୀର ସଦୃଶ ଦୃଶ୍ୟମାନ ହେବ । ତେଣୁ ଏହି ଭବିଷ୍ୟତବାଣୀରେ ଏହା ଘଟିବ ବୋଲି ସୂଚନା ରହିଥିଲା । ଦୀର୍ଘ ୩୦୦ବର୍ଷର

ବିଭେଦ ଓ ଗୋଷ୍ଠୀ କନ୍ଦଳ ଚରମ ସୀମାରେ ପହଞ୍ଚି ମୁସଲିମମାନେ ଏପରି ଖଣ୍ଡ ବିଖଣ୍ଡିତ ହୋଇଗଲେ ଯେ ସେମାନେ ପୁରୁଣା ଐକ୍ୟବଦ୍ଧତା ଓ ଶକ୍ତିକୁ ହରାଇ ବସିଲେ । ସମୟ ଥିଲା ଯେତେବେଳେ ସମଗ୍ର ୟୁରୋପ ମୁସଲିମ ସାମ୍ରାଜ୍ୟର ଶାସକମାନଙ୍କ ଅଧିନରେ ରହି ଭୟରେ ଥରହର ହେଉଥିଲା । କିନ୍ତୁ ଏବେ ୟୁରୋପ କିମ୍ବା ଆମେରିକା ଭଳି ଗୋଟିଏ ଶକ୍ତି ଆଗରେ ବର୍ତ୍ତମାନ ସମଗ୍ର ମୁସଲିମ ଜଗତ ଉପରେ ଆଧିପତ୍ୟ ବିସ୍ତାର କରିଛି, ଯଦ୍ୱାରା ତାଙ୍କର ପ୍ରଭୁତ୍ୱ ସ୍ୱୀକାର କରିବାକୁ ବାଧ ହୋଇଛି । ଇହୁଦିମାନଙ୍କ ଶାସିତ କେତେ କ୍ଷୁଦ୍ର ରାଷ୍ଟ୍ର ପାଲେଷ୍ଟାଇନରେ ଗଠିତ ହୋଇଛି । ସିରିୟା, ଇରାକ, ଲେବାନନ, ସାଉଦି ଆରବ, ଇଜିପ୍ଟ ଓ ପାଲେଷ୍ଟାଇନର ସୈନ୍ୟମାନେ ଏହି ରାଷ୍ଟ୍ରର ମୁକବିଲା କରି ଲଢୁଛନ୍ତି । କିନ୍ତୁ ସତ୍ୟ ହେଉଛି ଯେ ଏପର୍ଯ୍ୟନ୍ତ ମିଳିତ ଜାତିସଂଘ ଇହୁଦିମାନଙ୍କୁ ଯେଉଁ ଅଞ୍ଚଳର ପ୍ରତିଶ୍ରୁତି ଦେଇଥିଲା ସେହି କ୍ଷେତ୍ରଠାରୁ ଅଧିକ ସେମାନଙ୍କ କବଜାକୁ ଚାଲିଗଲାଣି, ଯାହାକୁ ସେମାନେ ଅକ୍ତିଆର କରିନେଲେଣି । ଏହା ସତ୍ୟ ଯେ ଇହୁଦୀ ରାଷ୍ଟ୍ର ଆମେରିକା ଓ ଇଂଲଣ୍ଡ ଠାରୁ ସାହାଯ୍ୟ ପାଉଛନ୍ତି । କିନ୍ତୁ ଏହା ଦେଖିବାର କଥା ଯେ କୌଣସି ଏକ ସମୟରେ ଗୋଟିଏ ଗୋଟିଏ ମୁସଲିମ ରାଷ୍ଟ୍ର ସମଗ୍ର ପାଶ୍ଚାତ ଦେଶ ଉପରେ ଆଧିପତ୍ୟ ବିସ୍ତାର କରିଥିଲା । କିନ୍ତୁ ଏବେ କେତେକ ପାଶ୍ଚାତ୍ୟ ଦେଶ ସମଗ୍ର ମୁସଲିମ ଜଗତ ଠାରୁ ଅଧିକ ଶକ୍ତିଶାଳୀ ହୋଇଗଲେଣି ।

ସୁତରାଂ 'ଜମାଅତ' ଶବ୍ଦର ପ୍ରକୃତ ମର୍ମ ଅନୁଯାୟୀ ବର୍ତ୍ତମାନ ସମୟରେ ମୁସଲମାନମାନଙ୍କର କୌଣସି ଜମାଅତ ନାହିଁ । ପ୍ରକୃତ ଅର୍ଥରେ ଏହାର ପ୍ରୟୋଗ କୌଣସି ମୁସଲିମ ଗୋଷ୍ଠୀଙ୍କ ଉପରେ ମଧ୍ୟ କରାଯାଇ ପାରିବ ନାହିଁ । ଅନେକ ମୁସଲିମ ରାଷ୍ଟ୍ର ଅଛି, ତନ୍ମଧ୍ୟରୁ ପାକିସ୍ତାନ ବୃହତ୍ତମ, ଯାହା ଏବେ ସୃଷ୍ଟି ହେଲା । କିନ୍ତୁ ଇସଲାମ ପାକିସ୍ତାନର ନାମ ନୁହେଁ । ଇସଲାମ ମିଶରର ନାମ ନୁହେଁ, କିମ୍ବା ଇସଲାମ ସିରିୟା ବା ଇରାନ ଅଥବା ଆଫଗାନିସ୍ତାନ କିମ୍ବା ସାଉଦି ଆରବର ନାମ ନୁହେଁ । ଇସଲାମ ତ ଏକତାର ପ୍ରତୀକ, ଯାହା ମୈତ୍ରୀ ସୂତ୍ରରେ ସମସ୍ତ ମୁସଲମାନମାନଙ୍କୁ ବାନ୍ଧି ରଖିଥିଲା । କିନ୍ତୁ ଏପରି କୌଣସି ବ୍ୟବସ୍ଥା ଆଜି ଦୁନିଆରେ ନାହିଁ, ଯାହା ସମସ୍ତଙ୍କୁ ଏକତାର ବନ୍ଧନରେ ଧରି ରଖିପାରିବ । ପାକିସ୍ତାନର ଆଫଗାନିସ୍ତାନ ପାଇଁ ସହାନୁଭୂତି ଅଛି ଓ ଆଫଗାନିସ୍ତାନ ପାକିସ୍ତାନ ପ୍ରତି ମଧ୍ୟ ସହାନୁଭୂତି ରଖିଛି । କିନ୍ତୁ ନା ପାକିସ୍ତାନ ଆଫଗାନିସ୍ତାନର ପ୍ରତ୍ୟେକ

କଥା ମାନିବାକୁ ପ୍ରସ୍ତୁତ ଅଛି ନା ଆଫଗାନିସ୍ତାନ ପାକିସ୍ତାନକୁ ରାଜନୈତିକ ସମର୍ଥନ ଦିଏ । ଏହି ନୀତିରେ ସେମାନେ ନା କେବେ ପରସ୍ପରର ବିକାଶ କ୍ଷେତ୍ରରେ ସହଯୋଗ କରିବା ପାଇଁ ପ୍ରସ୍ତୁତ ଅଛନ୍ତି । ସେମାନଙ୍କ ବୈଦେଶିକ ନୀତି ସଂପୂର୍ଣ୍ଣ ଅଲଗା ଓ ଆଭ୍ୟନ୍ତରୀଣ ବ୍ୟାପାର ସ୍ୱତନ୍ତ୍ର ଓ ତାଙ୍କ ନିଜସ୍ୱ ଇଚ୍ଛାରେ ପରିଚାଳିତ । ସେହିପରି ଏହି ବ୍ୟବସ୍ଥା ବ୍ୟକ୍ତିଗତ ରୂପେ ଜଣେ ମୁସଲମାନ ପାଇଁ ମଧ୍ୟ ପ୍ରଯୁଜ୍ୟ । ଆଫଗାନିସ୍ତାନର ଅଧିବାସୀ ସେମାନଙ୍କ ମାର୍ଗ ଅନୁସରଣ କରିବାରେ ସ୍ୱତନ୍ତ୍ର । ପାକିସ୍ତାନ ଓ ମିଶରର ଅଧିବାସୀମାନେ ସେହି ଏକା ମାର୍ଗରେ ପରିଚାଳିତ । ଏହି ଦେଶଗୁଡ଼ିକର ମୁସଲିମମାନଙ୍କୁ ଐକ୍ୟବଦ୍ଧ କରି ରଖିବା ପାଇଁ କୌଣସି ସୁଦୃଢ ବ୍ୟବସ୍ଥା ନାହିଁ । ତେଣୁ ବର୍ତ୍ତମାନ ମୁସଲିମ ଅଛନ୍ତି ଓ ମୁସଲିମ ରାଷ୍ଟ୍ର ମଧ୍ୟ ରହିଛନ୍ତି ଏବଂ ଅଲ୍ଲାଃଙ୍କ କରୁଣାରୁ କେତେକ ରାଷ୍ଟ୍ର ମଜଭୁତ ହୋଇଛନ୍ତି ଓ ଏହି ସାମୁହିକ ଶକ୍ତିକୁ ଠୁଳ କରିବାକୁ ସେମାନେ ମଧ୍ୟ ପ୍ରୟାସ ରତ । କିନ୍ତୁ ତଥାପି ମୁସଲିମ ଏକ ଜମାଅତ ପଦବାଚ୍ୟ ନୁହେଁ । ମୁସଲିମ ରାଷ୍ଟ୍ରମାନେ ଭିନ୍ନ ଭିନ୍ନ ରାଜନୈତିକ ନୀତିକୁ ଆପଣାଇଛନ୍ତି, ତେଣୁ ପରସ୍ପର ଠାରୁ ଅଲଗା ହୋଇ ରହିଛନ୍ତି । ଏମାନଙ୍କୁ ଏକତାରେ ଆବଦ୍ଧ ରଖି ଏକ ବିଶ୍ୱ ଶକ୍ତିରେ ପରିଣତ କରିବା ପାଇଁ ସେଠାରେ କିଛି ନିର୍ଦ୍ଦିଷ୍ଟ ନୀତି ନାହିଁ । ସେମାନଙ୍କର ଭିନ୍ନ ଭିନ୍ନ ସାମ୍ବିଧାନିକ ନୀତି ଓ ଅଲଗା ଅଲଗା ସ୍ୱରକୁ ଏକ ଶକ୍ତିଶାଳୀ ପ୍ରଶାସନିକ ନୀତି ନିୟମଯୁକ୍ତ ସ୍ୱରରେ ପରିଣତ କରିବା ପାଇଁ କିଛି ହେଲେ ସାଧନ ନାହିଁ । ତାହା ହେଉଛି ଇସଲାମର ସ୍ୱର ଯାହା ଏକତାର ମନ୍ତ୍ରକୁ ଉଦବୁଦ୍ଧ କରେ । ଆମମାନଙ୍କୁ ନିଶ୍ଚିତ ଭାବରେ ମନେ ରଖିବାକୁ ପଡ଼ିବ ଯେ ଇସଲାମ ଏକ ବିଭାଗୀୟ ସାମାଜିକ ନୀତି ନୁହେଁ କିମ୍ବା ଏହି ନାମରେ କୌଣସି ରାଷ୍ଟ୍ରର ନାମକରଣ କରାଯାଇ ନାହିଁ । ଏକକ ନୀତି ଓ ବିଶ୍ୱଶକ୍ତି ଦ୍ୱାରା ଏକଜୁଟ କରିବାର କୌଣସି ବ୍ୟବସ୍ଥା ମଧ୍ୟ କରାଯାଇ ନାହିଁ, ଯାହା ଇସଲାମର ପୃଷ୍ଠପୋଷକତା କରିପାରିବ । ଆରବ, ସିରିୟା, ଇରାନ କିମ୍ବା ଆଫଗାନିସ୍ତାନର ମୁସଲିମମାନଙ୍କ ଦ୍ୱାରା ଇସଲାମର ପ୍ରତିନିଧିତ୍ୱ କରାଯାଏ ନାହିଁ । ତେଣୁ ସାରା ପୃଥିବୀର ମୁସଲମାନମାନେ ଯେତେବେଳେ ଇସଲାମ ନାମରେ ଏକତ୍ରୀତ ହେବେ ସେତେବେଳେ ହିଁ ଆମର ଏକ ମୁସଲିମ ଜମାଅତ ଗଠନ ହୋଇପାରିବ । ଭିନ୍ନ ଭିନ୍ନ ବର୍ଗର ମୁସଲମାନମାନଙ୍କୁ ଏକତ୍ରିତ କରି ଏକ ବିଶ୍ୱ ସମୁଦାୟ ତିଆରି କରାଯାଇ ପାରିବ । ଯେ ପର୍ଯ୍ୟନ୍ତ ଏହି ଧରଣର ଜମାଅତ ବିଶ୍ୱରେ ପ୍ରତିଷ୍ଠିତ ହୋଇ ନାହିଁ, ଆମେ ଏ କଥା ସ୍ୱୀକାର କରିବାକୁ ବାଧ୍ୟ ହେବା

ଯେ ମୁସଲିମ ଏକ ଜମାଅତ ପରିସରଭୁକ୍ତ ନୁହେଁ । ସେମାନେ ବହୁ ରାଷ୍ଟ୍ରୀୟ ସମାଜରେ ସମ୍ମିଳିତ ହୋଇ ପାରନ୍ତି କିମ୍ବା ରାଜନୈତିକ ଅନୁଶାସନରେ ରହିପାରନ୍ତି । ମାତ୍ର ତଥାପି ସେମାନଙ୍କୁ ଜମାଅତ କୁହା ଯାଇପାରିବ ନାହିଁ ।

ସେହିପରି ବିଶ୍ୱ ସମୁଦାୟ ସମ୍ମିଳିତ ହେବା ଯୋଜନା ବା ବିଶ୍ୱ ସ୍ତରୀୟ ସାଂଗଠନିକ କାର୍ଯ୍ୟକ୍ରମର ପ୍ରଶ୍ନ ଉଠିପାରେ । ଏକ ପକ୍ଷେ ଏପରି କୌଣସି ବିଧିବଦ୍ଧ ଯୋଜନା ନାହିଁ, ଯାହା ସମଗ୍ର ବିଶ୍ୱର ମୁସଲିମମାନଙ୍କୁ ଏକତ୍ରିତ କରିପାରିବ । ଅପର ପକ୍ଷେ ମୁସଲମାନମାନଙ୍କର ଏପରି କୌଣସି ରାଜନୈତିକ, ସାମାଜିକ କିମ୍ବା ଧର୍ମ ଭିତ୍ତିକ କାର୍ଯ୍ୟକ୍ରମ ନାହିଁ, ଯାହା ସାଧାରଣ ଭାବରେ ଏହି ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିପାରିବ । ମୁସଲିମ ସମାଜ ତାଙ୍କର ନିଜ ଦକ୍ଷତା ବଳରେ ଏଠି ସେଠି ସବୁଠି ଇସଲାମର ଶତ୍ରୁଙ୍କୁ ପ୍ରତିରୋଧ କରିପାରିବ ଓ ତାଙ୍କର ଆସ୍ଥା ମୂଳକ ଇଚ୍ଛାଶକ୍ତିକୁ ପ୍ରୋତ୍ସାହିତ କରିପାରିବ । କିନ୍ତୁ ଏକ ବିଶ୍ୱ ସଂଗଠନ ତଳେ ରହି ବିଶ୍ୱ ମାପଦଣ୍ଡରେ ଐକ୍ୟବଦ୍ଧ ହେବାର ପ୍ରୟାସ ଠାରୁ ଏହା ସଂପୂର୍ଣ୍ଣ ରୂପେ ଭିନ୍ନ । କେବଳ ଏପରି ଧରଣର ସଂଗଠନ ଦ୍ୱାରା ଇସଲାମର ଶତ୍ରୁ ଉପରେ ସତର୍କ ଦୃଷ୍ଟି ବଳରେ ସେମାନଙ୍କୁ ପରାଜିତ କରିବାର ଯୋଜନା କରାଯାଇପାରିବ । ତେଣୁ ଜଣେ ମୁସଲିମ ସାଧାରଣ ଯୋଜନାର ତାତ୍ପର୍ଯ୍ୟ ବୁଝିବା ସତ୍ତ୍ୱେ ଏକ ଜମାଅତ ତିଆରି କରି ପାରିବ ନାହିଁ । ଏହି ପରିସ୍ଥିତିରେ ଯଦି ଜମାଅତ ହଠାତ୍ ଦୁଇ ପାକ୍ଷିକ ଉଦ୍ଦେଶ୍ୟକୁ ନେଇ ମୁସଲିମ ଏକତ୍ରିକରଣ ପାଇଁ ବାହାରେ ଓ ସେମାନଙ୍କୁ ଏକ ସାଧାରଣ ଯୋଜନାବଦ୍ଧ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଏ, ତେବେ କୌଣସି ବ୍ୟକ୍ତି ମଧ୍ୟ ଏହି ଜମାଅତକୁ ଏକ ଅଭିନବକରଣ ବା ଏକ ଅଲଗାବାଦି ଆନ୍ଦୋଳନ ପ୍ରତିଷ୍ଠା ହୋଇଗଲା ବୋଲି ଅଭିଯୋଗ କରିପାରିବ ନାହିଁ । ବରଂ ଏହା କୁହାଯାଇ ପାରେ ଯେ ପୂର୍ବରୁ କୌଣସି ଜମାଅତ ନଥିଲା, କିନ୍ତୁ ଏବେ ଏକ ଜମାଅତ ପ୍ରତିଷ୍ଠା କରାଯାଇଛି ।

ଯେଉଁମାନେ ପଚାରୁଛନ୍ତି ଯେ ଅହମଦୀମାନେ କାହିଁକି ଯାହାଙ୍କର ନମାଜ ଏକ, କିବଲା ଏକ, କୁରଆନ ଏକ ଓ ଗୋଟିଏ ରସୁଲଙ୍କ ଉପରେ ସେମାନେ ବିଶ୍ୱାସ ରଖିବା ସତ୍ତ୍ୱେ ଏକ ଭିନ୍ନ ଜମାଅତ ତିଆରି କରିଛନ୍ତି ? ମୁଁ ସେମାନଙ୍କୁ ପଚାରୁଛି ଯେ ମୁସଲିମମାନଙ୍କୁ ଏକତ୍ର କରି ଓ ଏକ ଜମାଅତର ଅନ୍ତର୍ଭୁକ୍ତ କରି ରଖିବା ପାଇଁ କ'ଣ ପ୍ରକୃଷ୍ଟ ସମୟ ଆସି ନାହିଁ ? ମୁଁ ସମସ୍ତଙ୍କୁ ଏହି ବିଷୟ ଉପରେ ବିଚାର କରିବା ପାଇଁ ଆମନ୍ତ୍ରଣ କରୁଛି । ଇସଲାମକୁ ଏକ ଜମାଅତ

ପ୍ରତିଷ୍ଠା କରିବାର ସମୟ ଆସିଗଲାଣି । ଯଦ୍ୱାରା ସେମାନଙ୍କୁ ଗୋଟିଏ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରା ଯାଇପାରିବ । ଆଉ କେତେ ସମୟ ପର୍ଯ୍ୟନ୍ତ ଏହି କାର୍ଯ୍ୟ ପାଇଁ ଆମେ ଅପେକ୍ଷା କରିବା ? ମିଶରର ସରକାର ତା'ର ନିଜଶ୍ୱ ଯୋଜନା ପଛରେ ଲାଗିଛି । ଇରାନ ତାହାର ନିଜ ସ୍ଥାନରେ ଓ ଆଫଗାନିସ୍ତାନ ତାହାର ନିଜ ସ୍ଥାନରେ ରହି ନିଜ ଯୋଜନା ପ୍ରସ୍ତୁତ କରିବାରେ ଲାଗିଛନ୍ତି । ପ୍ରତ୍ୟେକ ମୁସଲିମ ରାଷ୍ଟ୍ର ତା'ର ନିଜସ୍ୱ ଯୋଜନା କାର୍ଯ୍ୟକାରୀ କରିବାକୁ ପଛାଉ ନାହିଁ । କିନ୍ତୁ ଏହି ମୁସଲିମ ରାଷ୍ଟ୍ରମାନେ ନିଜ ନିଜ ଯୋଜନା ଓ ନୀତିକୁ ଜାବୁଡି ଧରିବସି ଥିବାବେଳେ ଓ ସେମାନଙ୍କ ଉପସ୍ଥିତି ଜାହିର କରୁଥିବା ସତ୍ତ୍ୱେ ଏକ ବିରାଟ ଶୂନ୍ୟସ୍ଥାନ ଦେଖା ଦେଇଛି । ଏହି ଶୂନ୍ୟସ୍ଥାନକୁ ପୂରଣ କରିବା ପାଇଁ ତଥା ଏହାର ଅଭାବ ମେଣ୍ଟାଇବା ପାଇଁ ଅହମଦୀୟା ଜମାଅତ ପ୍ରତିଷ୍ଠା କରାଯାଇଛି ।

ଏହା କୁହାଯାଏ ଯେ ଯେବେ ତୁର୍କୀମାନେ ତୁର୍କୀ ଖିଲାଫତକୁ ବିଲୀନ କରିଦେଲେ, ମିଶରର କେତେକ ଧର୍ମଗୁରୁ (କେତେକଙ୍କ ମତରେ ମିଶର ରାଜାଙ୍କ ଦ୍ୱାରା ଅନୁପ୍ରେରିତ ହୋଇ) ମିଶରରେ ଖିଲାଫତ ପ୍ରତିଷ୍ଠା କରିବା ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ । ସେମାନଙ୍କର ପରିକଳ୍ପନା ଥିଲା ମିଶରର ସମ୍ରାଟଙ୍କୁ ସ୍ଥାୟୀ ଭାବରେ ମୁସଲିମ ଖଲିଫା ଭାବେ ନିୟୋଜିତ କରିବା ଓ ମିଶରକୁ ସମସ୍ତ ମୁସଲିମ ରାଷ୍ଟ୍ର ମଧ୍ୟରେ ଉଚ୍ଚ ସ୍ଥାନ ପ୍ରଦାନ କରିବା । ସାଉଦି ଆରବ ଏହି ଆନ୍ଦୋଳନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲା ଓ ଏହି ଆନ୍ଦୋଳନକୁ ବ୍ରିଟିଶ ଯୋଜନାର ନାମ ଦେଲା । ସେହିପରି ସାଉଦି ଆରବ କହିଲା ଯେ ଯଦି କାହାର ଖଲିଫା ହେବାର ଯୋଗ୍ୟତା ଥିବ, ତେବେ ତାହା କେବଳ ସାଉଦି ରାଜାଙ୍କର । ବର୍ତ୍ତମାନ ଖିଲାଫତର ଅନୁଷ୍ଠାନ ନିଶ୍ଚିତ ରୂପେ ମୁସଲମାନମାନଙ୍କୁ ଏକତ୍ରିତ କରିବ । କିନ୍ତୁ ଅଭିଜ୍ଞତା କହୁଛି, ଯେତେବେଳେ ଏହି ଅନୁଷ୍ଠାନ କୌଣସି ଏକ ଶାସକ କିମ୍ବା ରାଷ୍ଟ୍ର ସହିତ ଯୋଡ଼ି ହୋଇଯାଏ, ତାହା ଅନ୍ୟ ଶାସକ କିମ୍ବା ରାଷ୍ଟ୍ରକୁ ଇର୍ଷା ପରାୟଣ ହେବା ପାଇଁ ଖୋରାକ ଯୋଗାଏ । ସେମାନେ ଏହି କାର୍ଯ୍ୟରେ ଉପୁଜୁଥିବା ଅସୁବିଧାକୁ ଠଉରାଇ ନେଇ ଏହାକୁ ବିଫଳ କରିବା ପାଇଁ ସବୁକିଛି କରିପାରିବେ । ଯଦି କେତେବେଳେ ଏକ ସାଧାରଣ ମୁସଲିମ ଦ୍ୱାରା ମୁସଲିମ ଏକତ୍ରୀକରଣ ପାଇଁ ଆନ୍ଦୋଳନ ଆରମ୍ଭ କରାଯାଏ ଓ ଏହି ଆନ୍ଦୋଳନ ଧାର୍ମିକ ଉଦ୍ଦେଶ୍ୟ ପ୍ରଣୋଦିତ ହୁଏ, ତାହା ରାଜନୈତିକ କିମ୍ବା ଜାତିଗତ ଇର୍ଷାକୁ ଉତ୍ତେଜିତ କରେ ନାହିଁ । ଏହା କେବଳ ସାମ୍ପ୍ରଦାୟିକ ପ୍ରତିଦ୍ୱନ୍ଦିତାକୁ ଉତ୍ସାହିତ କରିପାରେ । ଯଦି ଏହି ଆନ୍ଦୋଳନ

ରାଜନୈତିକ ଈର୍ଷାକୁ ପ୍ରୋତ୍ସାହିତ କରେ, ତେବେ ଏହି ରାଷ୍ଟ୍ରକୁ ନିଜ ଭିତରେ ଅବରୁଦ୍ଧ କରିଦେବ, ଯାହାର ସରକାର ତାକୁ ସମର୍ଥନ ଦେଉଥିବ । ଜମାଅତ ଭିତ୍ତିକ ବିରୁଦ୍ଧାଚରଣ ଆକାରରେ ତାହା କୌଣସି ଦେଶରେ ସୀମିତ ହୋଇ ରହିବ ନାହିଁ । ବରଂ ଏହା ପ୍ରତ୍ୟେକ ଦେଶକୁ ବ୍ୟାପିବ ଓ ପ୍ରତ୍ୟେକ ରାଜନୈତିକ ସରହଦକୁ ଅତିକ୍ରମ କରିବ । ତାହା ନିଜ ଭିତ୍ତିକୁ ସୁଦୃଢ କରିବ ବରଂ ଏପରି ଦେଶକୁ ଯାଇ ସଫଳତା ଅର୍ଜନ କରିବ, ଯେଉଁଠାରେ ମୁସଲିମ ଶାସନ ନଥିବ । କାରଣ ଏହି ବିପ୍ଳବ ରାଜନୈତିକ ପ୍ରତିବନ୍ଧକ ନଥିବା ଦୃଷ୍ଟିରୁ ପ୍ରାରମ୍ଭରେ ସରକାର ଏହାର ପ୍ରତିରୋଧ କରିବ ନାହିଁ । ଅହମଦିୟତର ଇତିହାସ ଏହାର ସାକ୍ଷୀ ଯେ ବିଶ୍ୱର ରାଷ୍ଟ୍ରଗଣ ଏହାକୁ ପ୍ରତିରୋଧ କରିନାହାନ୍ତି । ଅହମଦିୟତ୍‌ର ଉଦ୍ଦେଶ୍ୟ ହେଉଛି ସମଗ୍ର ମୁସଲିମ ଜାତିକୁ ଏକଜୁଟ କରିବା । ଏହା ସାମ୍ରାଜ୍ୟ ଲୋଭୀ ବା କ୍ଷମତାଲୀପ୍ସୁ ନୁହେଁ କିମ୍ବା ଏହାର କୌଣସି ରାଜନୈତିକ ଉଦ୍ଦେଶ୍ୟ ନାହିଁ । ଅନେକ ସମୟରେ ଇଂରେଜମାନେ ତାଙ୍କ ଶାସନ କାଳରେ ଅହମଦିୟତକୁ ଧର୍ମଗତ କାରଣରୁ ନିର୍ଯାତନା ଦେଇ ନାନା ପ୍ରକାର ଅସୁବିଧାରେ ପକାଇଥିଲା । କିନ୍ତୁ ଏହି ଅହମଦୀୟା ଆନ୍ଦୋଳନର ବିଶୁଦ୍ଧ ଧର୍ମିୟ ଗୁଣ ଯୋଗୁଁ ସେମାନେ କସ୍ମିନକାଳେ ଏହା ସହିତ ଖୋଲାଖୋଲି ଭାବେ ସଂଘର୍ଷ କରିବେ ବୋଲି ଚିନ୍ତା କରି ନଥିଲେ । ମୁଲ୍ଲାମାନଙ୍କୁ ଶାନ୍ତ କରିବା ପାଇଁ ଆଫଗାନର ରାଜା ଅହମଦୀମାନଙ୍କ ଉପରେ ନିଷ୍ଠୁର ବ୍ୟବହାର କରୁଥିଲା । କିନ୍ତୁ ବ୍ୟକ୍ତିଗତ ସାକ୍ଷାତରେ ସର୍ବଦା ଅହମଦୀମାନଙ୍କ ଉପରେ ସେମାନଙ୍କ ନିଷ୍ଠୁର କାର୍ଯ୍ୟକଳାପ ପାଇଁ କ୍ଷମା ମାଗୁଥିଲେ ଓ ସେଥିପାଇଁ ଦୁଃଖ ପ୍ରକାଶ ମଧ୍ୟ କରୁଥିଲେ । ତେଣୁ ଜନସାଧାରଣ ମଧ୍ୟ ସେଠାକାର ମୁସଲିମ ରାଷ୍ଟ୍ରର ଉଲେମାମାନଙ୍କ ଯୋଗୁଁ ଅହମଦିୟତକୁ ବିରୋଧ କରିଥିଲେ । ସେମାନଙ୍କ ଚାପର ବଶବର୍ତ୍ତୀ ହୋଇ ରାଷ୍ଟ୍ର ପ୍ରାଧିକାରୀମାନେ ଏହି ମାର୍ଗରେ ସେମାନଙ୍କୁ ବେଳେବେଳେ କଠୋର ନିର୍ଯାତନା ଦେଉଥିଲେ ଓ ଘୋର ଅସୁବିଧାରେ ପକାଉଥିଲେ । ଏହା ନିରାଟ ସତ କଥା ଯାହାକୁ କେହି ବୁଝିବାକୁ ପ୍ରସ୍ତୁତ ନଥିଲେ ଯେ ଅହମଦିୟତ ସେମାନଙ୍କ ପାଇଁ ଏକ ବିପଦଜନକ ଆନ୍ଦୋଳନ ହେବ ଯାହା ଏକ ସ୍ଥାୟୀ ରାଷ୍ଟ୍ରର ଶାସନଗାଦିକୁ ଆଇନ ଅନୁସାରେ ଓଲଟାଇ ଦେଇ ପାରେ ।

କିନ୍ତୁ ରାଜନୀତି ସହିତ ଅହମଦିୟତର କୌଣସି ସମ୍ପର୍କ ନାହିଁ । ଅହମଦିୟତ ଦୃଷ୍ଟିକୋଣରୁ ଇସଲାମର ଶତ୍ରୁ ହୋଇ ଛିଡା ହୋଇଥିବା ବିରୋଧୀ ଗୋଷ୍ଠୀଙ୍କୁ

କେବଳ ମୁକାବିଲା କରିବା ଓ ମୁସଲମାନମାନଙ୍କର ଧାର୍ମୀକ ଜୀବନ ଓ ବିଶ୍ୱାସର ଉନ୍ନତି କଲେ ସେମାନଙ୍କ ନୈତିକତା ତଥା ଆଧାତ୍ମିକତା ଭିତ୍ତିଭୂମିକୁ ଦୃଢିଭୂତ କରି ସେମାନଙ୍କୁ ଏକତ୍ରିତ କରାଇବା ହିଁ ଏକ ମାତ୍ର ଲକ୍ଷ୍ୟ । ଅହମଦିୟତ କେବଳ ଏଥି ସକାଶେ ଛିଡା ହୋଇଛି ଯେ ମୁସଲମାନମାନଙ୍କ ଧାର୍ମୀକ ଜୀବନରେ ସୁଧାର ଆଣିବ ଓ ଏପରି ଏକ ବନ୍ଧୁତ୍ୱର ସୂତ୍ରରେ ଯୋଡି ଦେବ, ଯଦ୍ୱାରା ସେମାନେ ମିଳିମିଶି ଇସଲାମର ଶତ୍ରୁମାନଙ୍କୁ ନିଜର ନୈତିକ ଆଦର୍ଶ ଓ ମାନବୀୟ ମୂଲ୍ୟ ବୋଧର ଅସ୍ତ୍ର ସାହାଯ୍ୟରେ ମୁକାବିଲା କରିପାରିବେ । ଏହି କଥାକୁ ହୃଦୟଙ୍ଗମ କରି ଓ ଉଚ୍ଚ ଅଭିଳାଷ ନେଇ ଅହମଦୀୟା ଧର୍ମ ପ୍ରଚାରକ ବିଶ୍ୱର ବିଭିନ୍ନ ପ୍ରାନ୍ତକୁ ଯାଇଥିଲେ । ଯେତେବେଳେ ସେମାନେ ଆମେରିକା ଗଲେ ଆମେରିକାବାସୀ ସେମାନଙ୍କୁ ବିରୋଧ କଲେ । କେବଳ ଏସୀୟ ଅଧିବାସୀ ହୋଇଥିବା କାରଣରୁ ଆମେରିକା ବିରୋଧ ପ୍ରଦର୍ଶନ କରିଥିଲା । କିନ୍ତୁ ଅହମଦୀୟା ଧାର୍ମୀକ ସିଦ୍ଧାନ୍ତର ପ୍ରଚାର କାରଣରୁ ନୁହେଁ । ଇଣ୍ଡୋନେସିଆର ଡ଼ଚ୍ ପ୍ରଶାସନ ଅହମଦୀ ଧର୍ମ ପ୍ରଚାରକଙ୍କ ପ୍ରତି  ସେହିଭଳି ଆଚରଣ ପ୍ରଦର୍ଶନ କଲେ  । ସେମାନେ ଦେଖିଲେ ଯେ ଅହମଦୀମାନେ ରାଜନୈତିକ ବ୍ୟାପାରରେ ଆଦୌ ହସ୍ତକ୍ଷେପ କରୁନାହାନ୍ତି । ତେଣୁ କୌଣସି ଖୋଲା ଶତ୍ରୁଭାବ ନରଖି ସେମାନେ ବିରୋଧ ନକରିବାକୁ ନିଷ୍ପତ୍ତି ନେଲେ । ସେମାନେ ଅହମଦୀଙ୍କ ଗତିବିଧି ଉପରେ ଅନୁଧ୍ୟାନ କରିଥାଇ ପାରନ୍ତି ଓ ଅନ୍ୟ ମୁସଲମାନଙ୍କ ଠାରୁ ଅହମଦୀଙ୍କ ଭିନ୍ନତାକୁ ଅନୁଭବ କରି ପାରିଥାଆନ୍ତି । ତେବେ ସେମାନଙ୍କର ଏହି ମନୋଭାବ ଯଥାର୍ଥ ଥିଲା । ଆମେ ତାଙ୍କ ଧର୍ମ ବିପକ୍ଷରେ ପ୍ରଚାର କରୁଥିଲୁ ଓ ଭୂଲ ସିଦ୍ଧାନ୍ତ ବିରୁଦ୍ଧରେ ବକ୍ତୃତା ମଧ୍ୟ ଦେଉଥିଲୁ । ତେଣୁ କେବେ ସେମାନଙ୍କ ଠାରୁ ସହାନୁଭୂତିର ଆଶା ପୋଷଣ କରି ନଥିଲୁ ।  କିନ୍ତୁ ଆମେ ସେମାନଙ୍କର ରାଜନୀତିରେ କେବେ ସିଧାସଳଖ ହସ୍ତକ୍ଷପ କରି ନଥିଲୁ । ତେଣୁ ସେମାନଙ୍କର କେବେ ଆମ ପ୍ରତି ସିଧାସଳଖ ବିରୋଧ କରିବାର  ଅଧିକାର ନଥିଲା । ଫଳସ୍ୱରୂପ ଆଜି ପ୍ରାୟ ପ୍ରତ୍ୟେକ ଦେଶରେ ଅହମଦୀୟା ମିଶନ ପ୍ରତିଷ୍ଠିତ ହୋଇସାରିଛି । ଭାରତ, ଆଫଗାନିସ୍ତାନ, ଇରାନ୍, ଇରାକ୍, ସିରିୟା, ପାଲେଷ୍ଟାଇନ୍, ମିଶର, ଇଟାଲି, ସୁଇଜରଲ୍ୟାଣ୍ଡ, ଜର୍ମାନୀ, ଇଂଲଣ୍ଡ, ଆମେରିକା, ଇଣ୍ଡୋନେସିୟା, ମାଲେସିୟା, ପୂର୍ବ ଓ ପଶ୍ଚିମ ଆଫ୍ରିକା, ଆବିସିନିୟା ତଥା ଆର୍ଜେଣ୍ଟିନାରେ ଅହମଦିୟତ୍ ପ୍ରଚାର ଫଳପ୍ରଦ ହୋଇ ପାରିଛି । ଏହି ଦେଶମାନଙ୍କରେ ଅହମଦୀ ଅଛେ ବହୁତେ ଦେଖାଯାନ୍ତି ଓ ତାଙ୍କର ପ୍ରାଧାନ୍ୟ ବିସ୍ତାର

କରି ପାରିଛନ୍ତି । ସେମାନେ ସଂପୃକ୍ତ ଦେଶର ମୂଳ ଅଧିବାସୀ ଥିଲେ କିନ୍ତୁ ଭାରତୀୟ କିମ୍ବା ପଞ୍ଜାବ ନିବାସୀ ନଥିଲେ । ସେଠାରେ ଯେଉଁମାନେ ଦୀକ୍ଷା ଗ୍ରହଣ କରି ଅହମଦୀ ହେଇଛନ୍ତି, ସେମାନଙ୍କ ମଧ୍ୟରୁ କେତେ ଜଣଙ୍କର ଧର୍ମ ସେବା ପାଇଁ ମନରେ ପ୍ରବଳ ଆଗ୍ରହ ସୃଷ୍ଟି ହୋଇଥିଲା, ଯଦ୍ୱାରା ସେମାନେ ସଂପୂର୍ଣ୍ଣ ଜୀବନକୁ ଇସଲାମର ସେବା ପାଇଁ  ଉତ୍ସର୍ଗ କରିଥିଲେ । ତନ୍ମଧ୍ୟରୁ ଜଣେ ବ୍ରିଟିଶ ସେନାଧକ୍ଷ, ଯେ କି ତାଙ୍କର ଅବଶିଷ୍ଟ ଜୀବନକୁ ଇସଲାମର ପ୍ରଚାର ନିମନ୍ତେ ସମର୍ପିତ କରିଦେଲେ । ଏବେ ସେ ଏକ ଧର୍ମ ପ୍ରଚାରକ ଭାବରେ ସେବାରତ, ଜଣେ ନିୟମିତ ନମାଜ ପାଠକ ଓ ମଦ୍ୟପାନକୁ ସଂପୂର୍ଣ୍ଣ ରୂପେ ବର୍ଜନ କରିଛନ୍ତି । ସେ ରୋଜଗାର କରନ୍ତି, ସେହି ଉପାର୍ଜିତ ଧନକୁ ସଂପୂର୍ଣ୍ଣ ରୂପେ ଇସଲାମର ପ୍ରଚାର ନିମନ୍ତେ ବ୍ୟୟ କରି ଦିଅନ୍ତି । ପତ୍ରିକା ଛପାଇ ଲୋକଙ୍କ ମଧ୍ୟରେ ବିତରଣ କରନ୍ତି ଓ ଧାର୍ମିକ ସଭା ସମିତିର ଆୟୋଜନ କରନ୍ତି । ତାଙ୍କୁ ମିଳୁଥିବା ଏହି ଭତ୍ତା ରାଶି ଇଂଲଣ୍ଡର ସର୍ବନିମ୍ନ ଶ୍ରମିକର ମଜୁରୀ ଠାରୁ ମଧ ବହୁତ କମ ।  ସେହିପରି ଏକ ଜର୍ମାନ ଅବସରପ୍ରାପ୍ତ ସେନାଧିକାରୀ ଅହମଦୀ ହୋଇଛନ୍ତି । ଜର୍ମାନି ଦେଶରୁ ପଳାୟନରେ ସଫଳ ହୋଇ ସେ ଧର୍ମ ସେବା ପାଇଁ ମନ ବଳାଇ ଥିଲେ । ଆମେ ଶୁଣିଛୁ, ସେ ସୁଇଜରଲ୍ୟାଣ୍ଡରେ ପହଞ୍ଚିଅହମଦୀୟା ଧର୍ମକେନ୍ଦ୍ରକୁ ଆସିଥିଲେ । ଇସଲାମର ଶିକ୍ଷାଦାନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ପାଇଁ ଭିସା (ଅନୁମତି ପତ୍ର) ନେବାକୁ ପ୍ରୟାସ କଲେ । ତାହାପରେ ଇସଲାମର ସେବା ପାଇଁ ନିଜକୁ ଉତ୍ସର୍ଗ କଲେ । ଏହି ଜର୍ମାନ ଯୁବକ ଜଣକ ଅନ୍ୟତ୍ର ଯାଇ ଇସଲାମର ବହୁଳ ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉତ୍ସର୍ଗୀକୃତ ଅବଦାନ ବାସ୍ତବିକ ଉତ୍ସାହପୂର୍ଣ୍ଣ ।

ଅନ୍ୟ ଜଣେ ଜର୍ମାନୀ ଲେଖକ ଓ ତାଙ୍କ ଉଚ୍ଚ ଶିକ୍ଷିତା ସହଧର୍ମିଣୀ କୌଣସି ପ୍ରକାରେ ଇସଲାମ ପ୍ରଚାର ନିମନ୍ତେ ନିଜର ସମର୍ପିତ ଭାବନା ନେଇ ବିଚାର କରୁଛନ୍ତି । ସେମାନେ ପ୍ରଶିକ୍ଷଣ ପାଇଁ ହୁଏତ ପାକିସ୍ତାନ ଆସି ଥାଇପାରନ୍ତି ।

ସେହିପରି ଜଣେ ହଲାଣ୍ଡର ଯୁବକ ଇସଲାମର ସେବା ପାଇଁ ନିଜ ଜୀବନ ଉତ୍ସର୍ଗ କରିବାକୁ ସଂକଳ୍ପ ନେଇଛନ୍ତି । ସେ ମଧ ଜଣେ ଧର୍ମ ପ୍ରଚାରକ ହୋଇ ଇସଲାମର ପ୍ରଚାର କାର୍ଯ୍ୟରେ ନିୟୋଜିତ ହେବେ । ନିଃସନ୍ଦେହରେ ଅହମଦୀୟା ଜମାଆତ ଅଦ୍ୟାବଧି ( ୧୯୪୮ ମସିହା ସୁଦ୍ଧା - ପ୍ରକାଶକ) ଏକ କ୍ଷୁଦ୍ର ଜମାଅତ । କିନ୍ତୁ ଏହା ଦେଖିବାର କଥା, ଏହି ଜମାଅତ ମାଧ୍ୟମରେ ବିଶ୍ୱ ମୁସଲିମ ସମ୍ପ୍ରଦାୟ ପ୍ରତିଷ୍ଠା ହୋଇ ଚାଲିଛି ଏବଂ ବାସ୍ତବ ଇସଲାମର କେବଳ ଏକମାତ୍ର କେନ୍ଦ୍ରବିନ୍ଦୁ

ପାଲଟି ଯାଇଛି । ଅହମଦୀ ଏକ ଆଧ୍ୟାତ୍ମିକ ଆନ୍ଦୋଳନର ଭିତ୍ତି ପ୍ରସ୍ତର ରଖି ସାରିଛି ଓ ପ୍ରତ୍ୟେକ ଦେଶରେ ଏହାର ମିଶନାରୀଗଣ ଏଥିରେ ସାମିଲ ହୋଇ ଏକ ବିଶ୍ୱ ବ୍ୟାପକ ଏକତା ଓ ସଂହତିର ମୂଳଦୁଆ ପକାଇଛନ୍ତି । ବିଭିନ୍ନ ପ୍ରାନ୍ତର ରାଜନୈତିକ ଦଳ ସହିତ ସଂଯୋଗ ରେଖା ଟାଣି ଦେଇଛନ୍ତି । ଏପରି ଯୋଜନା ପ୍ରାଥମିକ ସ୍ତରରେ ଛୋଟରୁ ଆରମ୍ଭ ହୋଇଥାଏ । କିନ୍ତୁ ଏକ ସମୟ ଆସେ ଯେତେବେଳେ ସେମାନେ ଦ୍ରୁତ ବେଗରେ ମଜବୁତ ଓ ଶକ୍ତିଶାଳୀ ହୋଇଯାଆନ୍ତି । କିଛି ଦିନ ମଧ୍ୟରେ ଏହି କ୍ଷୁଦ୍ର ଆନ୍ଦୋଳନ ମାନବିକତା ଓ ସଂହତିର ବୀଜ ରୋପଣ କରିବାରେ ସଫଳ ହୋଇଯାଏ । ଯେପରି କୌଣସି ରାଜନୈତିକ ଶକ୍ତିର ଉଦ୍ଭବ ପାଇଁ ଏକ ରାଜନୈତିକ ଆନ୍ଦୋଳନ  ସୃଷ୍ଟି ହେବା ସ୍ୱାଭାବିକ, ସେହିପରି ଧାର୍ମିକ ଓ ନୈତିକତା ମୂଲ୍ୟବୋଧ ଜନିତ ଶକ୍ତିର ପରିପ୍ରକାଶ ପାଇଁ ଧାର୍ମିକ ଓ ନୈତିକ ସମ୍ପ୍ରଦାୟର ଆବଶ୍ୟକତା ରହିଛି । ତେଣୁ ଅହମଦୀୟା ଜମାଅତ ସଂପୂର୍ଣ୍ଣ ଭାବେ ରାଜନୀତିକୁ ଏହି କାରଣରୁ ସ୍ପଷ୍ଟତଃ  ପରିହାର କରେ ଯେ ଯଦି ଏହା ରାଜନୈତିକ ବିଷୟରେ ମୁଣ୍ଡ ଖେଳାଇବ, ତା'ହେଲେ ନିଜ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିବ । ତତ୍‌ସହିତ ପୃଥିବୀରେ ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ଦିଗରେ ଏହା ଲକ୍ଷ୍ୟ ଭେଦ କରି ପାରିବ ନାହିଁ ।

## ଅହମଦୀୟା ଜମାଅତର କାର୍ଯ୍ୟକ୍ରମ

ଦ୍ୱିତୀୟ ପ୍ରଶ୍ନ ଏହାର କାର୍ଯ୍ୟକ୍ରମ ପ୍ରସ୍ତୁତି ଉପରେ ଆଧାରିତ । ଦେଖିବାକୁ ଗଲେ ଅହମଦୀୟା ଜମାଅତ ଏକ ସୁଶୃଙ୍ଖଳିତ ସମ୍ପ୍ରଦାୟ । ଏହା ଏକତା ରକ୍ଷା ଦିଗରେ ସୁଚିନ୍ତିତ ଓ ସୁସଂଗଠିତ କାର୍ଯ୍ୟକ୍ରମ ହାତକୁ ନେଇଥାଏ । ଅନ୍ୟ କୌଣସି ସମ୍ପ୍ରଦାୟର କୌଣସି କାର୍ଯ୍ୟକ୍ରମରେ ବିଶ୍ୱ ବ୍ୟାପକ ଲକ୍ଷ୍ୟ ନଥାଏ । ଅହମଦୀୟା ଜମାଅତ ଖ୍ରୀଷ୍ଟିୟାନମାନଙ୍କର ଇସଲାମ ଉପରେ ହେଉଥିବା ଆକ୍ରମଣର ଆଶଙ୍କା ପ୍ରତି ସଚେତନ ଥାଏ ଓ ଏହାର ସଠିକ ଆକଳନ କରି ଧର୍ମର ପ୍ରତିରକ୍ଷା ପାଇଁ ସବୁ ଦେଶରେ ତତ୍ପରତା ପ୍ରକାଶ ପୂର୍ବକ ଏହାର ମୁକାବିଲା କରିଥାଏ । ବର୍ତ୍ତମାନ ସମୟରେ ଆଫ୍ରିକା କେତେକ ସ୍ଥିତିରେ ସବୁ ଠାରୁ ଦୁର୍ବଳ ଥାଇପାରେ । ଅନ୍ୟ କେତେକ ବିଷୟ ଦୃଷ୍ଟିକୋଣରୁ ସମ୍ଭବତଃ ଏହା ଅତ୍ୟନ୍ତ ଶକ୍ତିଶାଳୀ ଅଟେ । ବିସ୍ମୟକର ଭାବରେ ଖ୍ରୀଷ୍ଟଧର୍ମ ସମଗ୍ର ଆଫ୍ରିକାରେ ବାଜି ମାରି ଥିଲା । ନିଜର ଉଦ୍ଦେଶ୍ୟ ସାଧନ ପାଇଁ ବର୍ତ୍ତମାନ ସେମାନେ ଖୋଲାଖୋଲି ପ୍ରକାଶ କରୁଛନ୍ତି । ପ୍ରଥମେ କେବଳ ଏହି

ମହାଦେଶରେ ଖ୍ରୀଷ୍ଟିୟ ପାଦ୍ରିମାନେ ଆଗ୍ରହ ଦେଖାଇଥିଲେ । ପୁଣି ବ୍ରିଟିଶ ରକ୍ଷଣଶୀଳ ପାର୍ଟି ଆଫ୍ରିକା ପ୍ରତି ମନ ବଳାଇଲେ । କିନ୍ତୁ ବର୍ତ୍ତମାନ ଶ୍ରମିକ ଦଳ (ଲେବର ପାର୍ଟି) ମଧ୍ୟ ଘୋଷଣା କଲେ ଯେ ୟୁରୋପର ମୁକ୍ତି ଆଫ୍ରିକାର ଏକତ୍ରୀକରଣ ଓ ଏହାର ସାଙ୍ଗଠନିକ ବିକାଶ ଉପରେ ନିର୍ଭର କରୁଛି । ଏହି ତମସାଚ୍ଛନ୍ନ ମହାଦେଶର ଏହି ଦୃଶ୍ୟପଟ୍ଟକୁ ୟୁରୋପ ବୁଝିପାରିଲା ଓ ଉଦବେଗ ପ୍ରକାଶ କଲା । ଯଦି ଆଫ୍ରିକା ମହାଦେଶର ବାସିନ୍ଦା ଖ୍ରୀଷ୍ଟଧର୍ମ ଅବଲମ୍ବନ କରିବେ, ତେବେ ଆଫ୍ରିକାର ଏହି ପ୍ରଗତି ଓ ସମୃଦ୍ଧି କେବଳ ୟୁରୋପ ପାଇଁ ଲାଭପ୍ରଦ ହୋଇ ପାରିବ । ସୁତରାଂ ଅହମଦୀୟା ୨୪ ବର୍ଷ ପୂର୍ବେ ଏହି ରହସ୍ୟକୁ ଠଉରାଇ ନେଲା ଓ ଇସଲାମର ଶାନ୍ତି ଓ ଶାଶ୍ୱତ ବାଣୀ ପହଞ୍ଚାଇବା ପାଇଁ ଆଫ୍ରିକାକୁ ଧର୍ମ ପ୍ରଚାରକ ପଠାଇଲା । ଫଳରେ ଏହି ସମୟୋଚିତ କାର୍ଯ୍ୟାନ୍ୱୟନ ଦ୍ୱାରା ହଜାର ହଜାର ଲୋକ ଖ୍ରୀଷ୍ଟଧର୍ମକୁ ପରିତ୍ୟାଗ କରି ଇସଲାମ ଧର୍ମ ଗ୍ରହଣ କଲେ । ଏହି ଯୁଗାନ୍ତକାରୀ ପଦକ୍ଷେପ ଯୋଗୁଁ ବର୍ତ୍ତମାନ ସମୟରେ ଆଫ୍ରିକାରେ ମୁସଲିମମାନଙ୍କର ଏକ ଉତ୍ତମ ଓ ପ୍ରମୁଖ ସଂଗଠନ ହେଉଛି ଅହମଦୀୟା ସମ୍ପ୍ରଦାୟ । ଖ୍ରୀଷ୍ଟିୟାନ ସମ୍ପ୍ରଦାୟ ପାଇଁ କାର୍ଯ୍ୟ କରୁଥିବା ଧର୍ମ ପ୍ରଚାରକ ବର୍ତ୍ତମାନ ଅହମଦିୟତକୁ ସାମନା କରିବା ପାଇଁ ଦ୍ୱିଧା ପ୍ରକାଶ କରୁଛନ୍ତି । ଏକ ଲିଖିତ ବିବରଣୀରେ ସେମାନେ ଏହା ସ୍ୱୀକାର କରିଛନ୍ତି ଯେ ଅହମଦିୟା ଜମାଅତର ଆଗମନ ଆଫ୍ରିକା ମହାଦେଶରେ ଖ୍ରୀଷ୍ଟିୟାନ ମିଶନାରୀ କାର୍ଯ୍ୟଧାରାକୁ ବ୍ୟାହତ କରି ଏହାର ସ୍ଥିତିକୁ ସମାପ୍ତ କରିଦେଇଛି । ଅହମଦୀୟା ଧର୍ମ ପ୍ରଚାରକ ପ୍ରଥମେ ପଶ୍ଚିମ ଆଫ୍ରିକାକୁ ଯାଇଥିଲେ । କିନ୍ତୁ ସମ୍ପ୍ରତି କେତେ ବର୍ଷରୁ ସେମାନେ ପୂର୍ବ ଆଫ୍ରିକାରେ ମଧ୍ୟ କାର୍ଯ୍ୟ କରୁଛନ୍ତି । ପୂର୍ବ ଆଫ୍ରିକାରେ ଅହମଦିୟତର କାର୍ଯ୍ୟଧାରା କେବଳ ଆରମ୍ଭ ମାତ୍ର । ତେଣୁ ବର୍ତ୍ତମାନ ସୁଦ୍ଧା ପୂର୍ବ ଆଫ୍ରିକାର ଅଗ୍ରଗତି ପଶ୍ଚିମ ଆଫ୍ରିକା ଭଳି ଆଖିଦୃଶିଆ ହୋଇ ନାହିଁ । ତଥାପି ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ମଧ୍ୟରୁ କେତେକ ବ୍ୟକ୍ତି ମୁସଲମାନ ସମ୍ପ୍ରଦାୟରେ ଦୀକ୍ଷିତ ହେବା ଆରମ୍ଭ କଲେଣି । ଏବଂ ଆଶା କରାଯାଉଛି ଯେ ଅଳ୍ପ କେତେ ବର୍ଷ ମଧ୍ୟରେ ଏହି ଧର୍ମ ପରିବର୍ତ୍ତନ ଆଗକୁ ଯାଇ ଆମ ମିଶନାରୀମାନଙ୍କ ପ୍ରଚେଷ୍ଟା ବଳରେ ଉତ୍କୃଷ୍ଟ ଫଳ ଅବଶ୍ୟ ପ୍ରଦାନ କରିବ । ଆଫ୍ରିକାର ଖ୍ରୀଷ୍ଟଧର୍ମ ଅତୀତର ଗୌରବକୁ ହରାଇ ଦେଇଛି ଓ ଇସଲାମ ତାହାର ପୂର୍ବ ମର୍ଯ୍ୟାଦା ରକ୍ଷା କରିବାର ପ୍ରୟାସ ଆରମ୍ଭ କଲାଣି । ଏହା ଏକ ନ୍ୟାୟ ସଂଗତ ଓ ଯଥାର୍ଥ ଆଶା ଫଳବତୀ କରିପାରେ । ବହୁ ପୂର୍ବରୁ ଅହମଦୀୟା ଧର୍ମ ପ୍ରଚାରକମାନେ ପୂର୍ବ ଆଫ୍ରିକାରେ ମଧ୍ୟ

ଭଲ ପରିଣାମ ଦେଖାଇଥିଲେ । ଅବିକଳ ଭାବରେ ଇଣ୍ଡୋନେସିଆ ଓ ମାଲେସିଆରେ ମଧ୍ୟ ଦୀର୍ଘ ଦିନରୁ ମିଶନ ସ୍ଥାପିତ ହୋଇ ସାରିଛି ଏବଂ ଇସଲାମ ଛାଡି ପଳାୟନ କରୁଥିବା ଗୋଷ୍ଠୀଙ୍କୁ ରୋକିବା ଓ ସେମାନଙ୍କୁ ଏକତ୍ରିତ କରି ଶତ୍ରୁ ମୁକାବିଲାରେ ଛିଡା କରିବାର ପ୍ରୟାସ ଜାରି ରହିଛି । ଯୁକ୍ତରାଷ୍ଟ୍ର ଆମେରିକା ବର୍ତ୍ତମାନ ସବୁ ଖ୍ରୀଷ୍ଟିୟାନ ଶକ୍ତିଙ୍କ ଠାରୁ ଆଗୁଆ ରହିଛି । ସେଠାରେ ଅହମଦୀୟା ପ୍ରଚାରକମାନେ ୨୪ ବର୍ଷ ଧରି (୧୯୪୮ ମସିହା ସୁଦ୍ଧା-ଅନୁବାଦକ) କାର୍ଯ୍ୟ କରି ଆସୁଛନ୍ତି । ସହସ୍ର ସଂଖ୍ୟାରେ ଆମେରିକୀୟ ନାଗରିକ ଅହମଦୀ ହେଲେଣି ଓ ବର୍ତ୍ତମାନ ସେମାନେ ହଜାର ହଜାର ଡଲାର ଇସଲାମର ପ୍ରଚାର ନିମନ୍ତେ ଦାନ କରୁଛନ୍ତି । ଏହା ଆମେରିକାର ଧନ ତୁଳନାରେ ଅତି ନଗଣ୍ୟ । ସେଠାକାର ପାଦ୍ରୀମାନଙ୍କ ପ୍ରୟାସ ମୁକାବିଲାରେ ଆମ ପ୍ରୟାସ ଅତ୍ୟନ୍ତ ତୁଚ୍ଛ । କିନ୍ତୁ ଆମେ କହିପାରିବା ଯେ ଏହି ସଂଗ୍ରାମ ଏବେ ଆରମ୍ଭ ମାତ୍ର ଓ ଆମକୁ ବିଜୟ ପ୍ରାପ୍ତ ହେଉଛି । କାରଣ ଖ୍ରୀଷ୍ଟଧର୍ମରୁ ଲୋକମାନେ ବୀତସ୍ପୃହ ହୋଇ ଆମ ନିକଟକୁ ବାହାରି ଆସୁଛନ୍ତି । କିନ୍ତୁ ଖ୍ରୀଷ୍ଟ ସମ୍ପ୍ରଦାୟ ଆମ ଲୋକଙ୍କୁ ଛଡାଇ ନେଉ ନାହାନ୍ତି । ତେଣୁ ଏହା ପଚାରନ୍ତୁ ନାହିଁ ଯେ କାହିଁକି ଅହମଦୀୟତ ନାମକ ଏକ ନୂତନ ଜମାଅତ ପ୍ରତିଷ୍ଠା କରାଗଲା । ବରଂ ଏହା କହିବା ଉଚିତ ହେବ ଯେ ଯେତେବେଳେ କୌଣସି ଜମାଅତ ନ ଥିଲା, ଅହମଦିୟତ ଏକ ମୁସଲିମ ଜମାଅତ ଗଠନ କଲା । ଏହା ଏକ ସମ୍ମାନଯୋଗ୍ୟ ପ୍ରଶ୍ନ ଯେ କ'ଣ ଏହି ସମ୍ପ୍ରଦାୟର ଉଦ୍ଭବ ଏକ ଅଭିଯୋଗ କଲା ଭଳି ବିଷୟ ନା ପ୍ରଶଂସନୀୟ ବିଷୟ ?

## ଅହମଦୀମାନଙ୍କୁ ଅନ୍ୟ ସମ୍ପ୍ରଦାୟ ଠାରୁ ପୃଥକ ରଖାଯିବାର କାରଣ

ଅନେକ ଲୋକ କହନ୍ତି ଯେ ଏପରି କୌଣସି ଏକ ଜମାଅତ ଗଠନ କରିବାର ଆବଶ୍ୟକତା ନଥିଲା । ଏହି କଥା ଅନ୍ୟ ମୁସଲିମ ମଧ୍ୟରେ ଖେଳାଇବା ଉଚିତ ଥିଲା । ସେହି ଧାରଣା ବିଶ୍ୱର ସାଧାରଣ ମୁସଲିମଙ୍କୁ ଅନୁପ୍ରାଣୀତ କରାଇବାର ଇଚ୍ଛା ପ୍ରକାଶ କରିବା ଉଚିତ ଥିଲା ଓ ଶେଷରେ ତାହା ହାସଲ ହେବା କଥା । ଏହା କିନ୍ତୁ ଏକ ଭ୍ରାନ୍ତ ଧାରଣା । ଯେବେ ଏକ ସାଂଗଠନିକ କାର୍ଯ୍ୟକ୍ରମ ମୂଳକ ଅଭିଯାନ ଆରମ୍ଭ କରାଯାଇ ଥାଏ, ଏହା ଦାୟୀତ୍ୱରେ ଥିବା ବ୍ୟକ୍ତିଙ୍କୁ ସକଳ ପ୍ରକାରର ସାହାଯ୍ୟ ସମର୍ଥନ କରିବା ତଥା ପରାମର୍ଶ ଗ୍ରହଣ କରିବା ପାଇଁ ସମସ୍ତଙ୍କୁ ପଚାରି

ବସିବା ସମ୍ଭବ ନୁହେଁ । ସେ କେବଳ ସେହିମାନଙ୍କୁ ପଚାରି ପାରିବ ଯେଉଁମାନେ ସ୍ୱେଚ୍ଛାକୃତ ଭାବେ ତାଙ୍କ ସହିତ ଏହି ଅଭିଯାନରେ ସାମିଲ ହେବେ । ଏବଂ ଯେଉଁମାନେ ଅଲଗା ଭାବରେ ଓ ଦ୍ୱିଧାଗ୍ରସ୍ତ ହୋଇ ସଂକଟରେ ପଡ଼ିଯିବେ, ତାଙ୍କୁ କେବେବି କିଛି କରିବାକୁ କୁହାଯାଇ ପାରିବ ନାହିଁ । ସୁତରାଂ ଏହି ପ୍ରଶ୍ନର ବୁଦ୍ଧିମାନ ଉତ୍ତର ହେଉଛି, ଜଣେ ସେନାପତି ସେହି ବ୍ୟକ୍ତିମାନଙ୍କୁ ଯୁଦ୍ଧ କରିବା ପାଇଁ ପଠାଇ ପାରେ, ଯେଉଁମାନ ସେନାବାହାନିରେ ଆଗରୁ ଭର୍ତ୍ତି ହୋଇଥିବେ । ଯେଉଁ ବ୍ୟକ୍ତି ଫୌଜରେ ଭର୍ତ୍ତି ହୋଇ ନାହିଁ, ତାଙ୍କୁ ସେ କିପରି ପଠାଇ ପାରିବ ? ଯଦି ଏକ ଜମାଅତ ପୂର୍ବରୁ ସୃଷ୍ଟି କରାଯାଇ ନଥିବ, ତେବେ ଅହମଦୀୟା ଜମାଅତର ସଂସ୍ଥାପକ କାହାଠାରୁ କାମ ନେବେ ଓ କାହାକୁ କିପରି ଆଦେଶ ଦେବେ । ତାଙ୍କ ଉତ୍ତାରେ ଖଲିଫାମାନେ କାହାଠାରୁ କାମ ହାସଲ କରିବେ ଓ ଆବଶ୍ୟକୀୟ ନିର୍ଦ୍ଦେଶ ଦେବେ । କ'ଣ ସେ ବଜାରରେ ବୁଲିବା ଆରମ୍ଭ କରିବେ ଓ ପ୍ରତ୍ୟେକ ମୁସଲମାନଙ୍କୁ ଧରି ପକାଇ କହିବେ, ଆଜି ଅମୁକ ସ୍ଥାନରେ ଇସଲାମ ପାଇଁ ତୁମର ଆବଶ୍ୟକତା ପଡୁଛି । ତୁମେ ସେଠାକୁ ଯାଅ, ଇସଲାମର ପ୍ରଚାର କାର୍ଯ୍ୟରେ ସାହାଯ୍ୟ କରିବାକୁ ବାହାରି ପଡ । ସେହି ବ୍ୟକ୍ତି ଆଗକୁ ଆସି ଉତ୍ତର ଦିଅନ୍ତା, 'ମୁଁ ତ ଆପଣଙ୍କ ଆଦେଶ ମାନିବାକୁ ପ୍ରସ୍ତୁତ ନୁହେଁ ।' ତେବେ କ'ଣ ଏପରି ଆପତ୍ତି ଉପଯୁକ୍ତ ହେବ କି ? ସେ ଏପରି ଆଗକୁ ଅନ୍ୟ ଲୋକଙ୍କୁ ଧରି ପଚାରି ଚାଲିଥିବେ । ଯଦି ଖଲିଫା ବଜାର ହାଟ ଓ ଛକମାନଙ୍କରେ ବାଟଚଲା ମୁସଲିମମାନଙ୍କୁ ସେହିପରି ଅଟକାଇ ପଚାରନ୍ତି, ତୁମେ ଇସଲାମ ପାଇଁ ଏପରି କରି ସେପରି କର । କ'ଣ ସେମାନେ ଏହା କରିବାକୁ ଚେଷ୍ଟା କରିବେ ? ଏଥିରେ ଏହା ଶଙ୍କା ରହିପାରେ ଯେ ଲୋକମାନେ ସେମାନଙ୍କର କର୍ମଜଞ୍ଜାଳରେ ବୁଡି ରହି ନିଜକୁ ଧର୍ମକାର୍ଯ୍ୟରୁ ବଞ୍ଚିତ ରଖିବା ପାଇଁ ଏହି ଆହ୍ୱାନକୁ ପ୍ରତ୍ୟାଖ୍ୟାନ କରିପାରନ୍ତେ । ଅତି ବେଶିରେ କେତେକ ରାଜି ହୋଇଥାନ୍ତେ ତ ଅନ୍ୟ କେତେକ ନୁହେଁ । କିନ୍ତୁ କୌଣସି ବଡ ଉଦ୍ଦେଶ୍ୟ ସାଧନ ଏହି ମାର୍ଗରେ ନିଷ୍ପାଦିତ ହେବ ନାହିଁ । ସୁତରଂ ଏହା ସ୍ୱାଭାବିକ ଯେ ଯେତେବେଳେ କୌଣସି ସାଂଗଠନିକ କାର୍ଯ୍ୟ କରିବାକୁ ହୁଏ, ସେଥିପାଇଁ ଏକ ଜମାଅତର ଆବଶ୍ୟକତା ପଡିଥାଏ । ଏପରି ଜମାଅତ ବ୍ୟତିରେକେ କୌଣସି ସଂଗଠିତ କାର୍ଯ୍ୟ ସମ୍ପନ୍ନ ହୋଇ ପାରିବ ନାହିଁ । ଯଦି କୁହାଯିବ ଯେ ଜମାଅତ ଗଠନ କରିବ କିନ୍ତୁ ସଭିଙ୍କ ସହିତ ମିଳିମିଶି ରହିବ । ତେବେ ଏହାର ଉତ୍ତର ହେଉଛି, ଜୀବନକୁ ବାଜି ଲଗାଇ କରାଯାଉଥିବା କଷ୍ଟସାଧ

କାର୍ଯ୍ୟ ପାଇଁ ପ୍ରତ୍ୟେକ ଲୋକ କେଉଁଠି ବା ପ୍ରସ୍ତୁତ ହୋଇ ଯାଆନ୍ତି ? ଏପରି କାର୍ଯ୍ୟ ତ ଧର୍ମପାଇଁ ପାଗଳ ଲୋକ ହିଁ କରନ୍ତି । ଯେଉଁମାନଙ୍କୁ ସତର୍କ ଗୋଷ୍ଠୀ ଠାରୁ ଅଲଗା ରଖିବା ଜରୁରୀ ହୋଇ ପଡେ । ନିଃସ୍ୱାର୍ଥପର ଭାବେ ଇସଲାମ ପାଇଁ କାର୍ଯ୍ୟ କରିବା ବଡ କଷ୍ଟସାଧ୍ୟ ଓ ଜୀବନ ପ୍ରତି ବିପଦଶଙ୍କୁଳ ମଧ୍ୟ । ଏଥିପାଇଁ ଉଚ୍ଚ କୋଟିର ବଳିଦାନ ଓ ସ୍ୱାର୍ଥ ତ୍ୟାଗର ଆବଶ୍ୟକତା ରହିଛି । ସେପରି ଲୋକମାନଙ୍କୁ ଖୋଜି ପ୍ରଶିକ୍ଷଣ ଦେବାକୁ ପଡ଼ିବ, ଯାହାଙ୍କ ପାଖରେ ଉଚ୍ଚକୋଟିର ନୈତିକତା ଥିବ । ଯେଉଁମାନେ ଏହି ତ୍ୟାଗ ପାଇଁ ନିଜକୁ ପ୍ରସ୍ତୁତ କରାଇବେ । ପୁଣି ସେହି ଲୋକମାନେ ଅନ୍ୟମାନଙ୍କ ଠାରୁ ଅଲଗା ରହିବା ଦ୍ୱାରା ତାଙ୍କ ସ୍ୱଭାବରେ ଏକ ବିଚିତ୍ର ମନୋଭାବ ସୃଷ୍ଟି କରିଥାଏ । ଲୋକମାନେ ତାଙ୍କ ସମ୍ବନ୍ଧରେ ଖୋଳତାଡ ଆରମ୍ଭ କରି ଆପଣା ଛାଏଁ ତାଙ୍କ ସନ୍ଧାନରେ ଲାଗିଯାଆନ୍ତି । ଫଳ ସ୍ୱରୂପ ଯାହାକୁ ଦିନେ ଲୋପ କରିବାକୁ ଲାଗି ପଡିଥିଲେ ଶେଷରେ ସେମାନେ ସେହି ଚକ୍ରବ୍ୟୁହରେ ପଡି ନିଜେ ହିଁ ତାର ଶୀକାର ହୋଇଯାନ୍ତି । ସୁତରାଂ ବିରୋଧିମାନଙ୍କ ଏ ସମସ୍ତ ଅଭିଯୋଗ କମ ଅନୁଧ୍ୟାନ ଓ ସ୍ୱଚ୍ଛ ଚିନ୍ତାଧାରାର ପ୍ରତିଫଳନ । ତେଣୁ ନିଜ ବୁଦ୍ଧି ପ୍ରୟୋଗ କରି ଏହା ବୁଝି ପାରିବେ ଯେ ଅହମଦିୟତ୍ ଯେଉଁ ଉପାୟ ଅବଲମ୍ବନ କରିଛି, ତାହା ପ୍ରକୃତରେ ଠିକ । ଏହି ଯଥାର୍ଥ ଉପାୟକୁ ଅନୁସରଣ କରି ଏହା ଇସଲାମ ପାଇଁ ଯାବତୀୟ ତ୍ୟାଗ ସ୍ୱୀକାର କରୁଥିବା ଏକ ଜମାଅତ ପ୍ରତିଷ୍ଠା କରି ପାରିଛି । ଏହା ମଧ୍ୟ ହୋଇପାରେ ଯେ ସେହି ସେବାକର୍ମୀଙ୍କ ସହିତ ସହମତ ହୋଇ ସେମାନେ ଅହମଦୀୟା ସିଦ୍ଧାନ୍ତର ଲକ୍ଷ୍ୟ ଓ କାର୍ଯ୍ୟକ୍ରମର ମୂଲ୍ୟକୁ ଉପଲବ୍ଧି କରି ଏହି ସଂଗଠନରେ ଯୋଗଦେବେ । ପୁରୁଣା ଶତ୍ରୁତା କିମ୍ବା ଉଦାସୀନତା ପ୍ରେମ ଓ ବନ୍ଧୁତ୍ୱ ସ୍ଥାପନରେ ପରିବର୍ତ୍ତିତ ହୋଇଯିବ । ସୁତରଂ କେବଳ ଏହି ଉପାୟକୁ ଅବଲମ୍ବନ କରି ଅହମଦୀୟତ ଇସଲାମର ପ୍ରଚାର ଓ ପ୍ରସାର ପାଇଁ ବୈପ୍ଳବିକ ପ୍ରୟାସ କରେ । ନିଃସ୍ୱାର୍ଥପର ବ୍ୟକ୍ତିଙ୍କ ସମର୍ଥନ ହାସଲ କରି ଏହା ସପକ୍ଷରେ ଦୀକ୍ଷିତ ବ୍ୟକ୍ତିଙ୍କୁ ତାଲିକାଭୁକ୍ତ କରେ । ଯେ ପର୍ଯ୍ୟନ୍ତ ଅହମଦି ଏହି ନୀତିରେ ପରିଚାଳିତ ହୋଇ ଦୀକ୍ଷା ପାଳନ କରୁଥିବେ, ସେପର୍ଯ୍ୟନ୍ତ ଦିନକୁ ଦିନ ଏହିପରି ଦୀକ୍ଷାଧାରୀ ଲୋକଙ୍କ ସଂଖ୍ୟା ବୃଦ୍ଧି କରି ଚାଲିଥିବେ । ଏପରିକି ଅବିଶ୍ୱାସକାରୀମାନେ ଅନୁଭବ କରିପାରବେ ଯେ ଇସଲାମ ଏବେ ଶକ୍ତିଶାଳୀ ହୋଇଯାଇଛି । ଏହାର ସମର୍ଥକଙ୍କ ପରିଧି ପ୍ରଶସ୍ତ ହୋଇ ଯାଇଛି । ତେବେ ଅବିଶ୍ୱାସକାରୀମାନେ ପୁଣି ସମସ୍ତ ବଳ ପ୍ରୟୋଗ କରି ଆକ୍ରମଣ କରିବେ । ଅଥଚ

ଏହି ଆକ୍ରମଣର ସମୟ ଅତିକ୍ରାନ୍ତ ହୋଇ ସାରିଥିବ । ଇସଲାମ ତା'ର ଧର୍ମକ୍ଷେତ୍ରକୁ ସଂପୂର୍ଣ୍ଣ ଧାରଣ କରି ସାରିଥିବ ଓ ଅବିଶ୍ୱାସକାରୀ ପରାଜିତ ହେଉଥିବେ ।

ରାଜନୈତିକ କ୍ଷେତ୍ରରେ କାର୍ଯ୍ୟରତ ଲୋକମାନଙ୍କ ରାସ୍ତାକୁ ଆମେ ଅବରୋଧ କରିବୁ ନାହିଁ । ଆମେ ଏତିକି ମାତ୍ର କହିପାରୁ ଯେ ଯେପର୍ଯ୍ୟନ୍ତ ତୁମ ମୁଣ୍ଡରେ ଆମ କଥା ପଶୁ ନାହିଁ ତୁମେ ନିଜ କାର୍ଯ୍ୟ କରିଚାଲ । ଆପଣ ଆପଣଙ୍କ ମାର୍ଗରେ ଓ ଆମେ ଆମ ମାର୍ଗରେ । କିନ୍ତୁ ଆମେ ଚାହୁଁଛୁ ଯେ ତୁମେ ଆମ ପଥରେ ବାଧକ ସାଜ ନାହିଁ । ଯଦି କାହାକୁ ସେମାନଙ୍କ ନିଜ କାର୍ଯ୍ୟ ଶୈଳୀ ଭଲ ଲାଗୁଛି ତେବେ ସେ ତାଙ୍କ ସହିତ ଯୋଗ ଦିଅନ୍ତୁ । ଯଦି କାହାକୁ ଆମ ଆଚରଣ ପଦ୍ଧତି ଭଲ ଜଣାପଡୁଛି, ତା ହେଲେ ଆମ ସହିତ ସାମିଲ ହୁଅନ୍ତୁ । କିନ୍ତୁ ତାଙ୍କ କର୍ମପନ୍ଥାରେ ତ୍ୟାଗ କମ ଓ ଖ୍ୟାତି ଅଧିକ । ଅର୍ଥାତ କାମ କମ କଥା ବେଶି । ମାତ୍ର ଅପରପକ୍ଷେ ଆମ କାର୍ଯ୍ୟପନ୍ଥାରେ ଆପଣ ବହୁତ ତ୍ୟାଗ ବଦଳରେ ଅଳ୍ପ ଖ୍ୟାତି ଅର୍ଜନ କରିବେ । ସେହି ପରି ସେମାନଙ୍କ ପରିଶ୍ରମର ଭାଗ ତାଙ୍କୁ ମିଳିବ ଓ ଆମ ପରିଶ୍ରମର ଭାଗ ଆମକୁ ମିଳିବ । ଯିଏ ଇସଲାମର ବାସ୍ତବିକତାକୁ ଉପଲବ୍ଧି କରିଛନ୍ତି ଓ ଏହାର ମୂଲ୍ୟକୁ ବୁଝିଛନ୍ତି ଏବଂ ଯେଉଁମାନେ ଏହାର ନବ ଜାଗରଣକୁ ବିଶ୍ୱରେ ପ୍ରତିଷ୍ଠା କରିବା ପାଇଁ କାମନା କରିଛନ୍ତି, ସେମାନେ ଆମ ସହିତ ଅବଶ୍ୟ ଯୋଗଦେବେ । ଯେଉଁମାନେ କ୍ଷମତା ଲୋଭର ବଶବର୍ତ୍ତୀ ହୋଇ ସାମ୍ରାଜ୍ୟର ବାହ୍ୟ ଆଡମ୍ବର ପଛରେ ଧାଇଁଛନ୍ତି, ସେମାନେ ରାଜନୈତିକ କର୍ମୀଙ୍କ ସହିତ ଯୋଗଦେବେ । ଏହି ପରିପ୍ରେକ୍ଷୀରେ ଆମେ କଳହ କାହିଁକି କରିବା ? ବାଦବିବାଦ କାହିଁକି କରିବା ? ଉଭୟ ପ୍ରକାର ଗୋଷ୍ଠୀ ବର୍ତ୍ତମାନର ଦୁର୍ଦ୍ଦଶାରେ ମ୍ରିୟମାଣ । କେବଳ ଭିନ୍ନ ଭିନ୍ନ ପିଣ୍ଡରୁ ଯନ୍ତ୍ରଣା ଉଠୁଛି । ସେମାନେ ମାନସିକ ବେଦନାସିକ୍ତ ପ୍ରାଣ ନେଇ ବଞ୍ଚିଛନ୍ତି । କିନ୍ତୁ ଆମ ହୃଦୟ ତାଙ୍କ ପାଇଁ ଅସହ୍ୟ ଉତ୍ପୀଡନରେ ଜର୍ଜରିତ ।

## ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଉତ୍ତର

ଉପର ଆଲୋଚନାରେ ହିତାହିତ ଜ୍ଞାନ ଦୃଷ୍ଟିରୁ ଅହମଦିୟତର ଯଥାର୍ଥତାକୁ ପ୍ରତିପାଦନ କରିବା ସମ୍ବନ୍ଧରେ ଉତ୍ତର ରଖିଛି । କିନ୍ତୁ ଏହାର ଆଧ୍ୟାତ୍ମିକ ଦୃଷ୍ଟିକୋଣକୁ ଗଭୀର ଅନୁଶୀଳନ କଲେ ଏହିପରି ଉତ୍ତର ମିଳିବ ।

ଅତୀତ କାଳରୁ ଏହା ଈଶ୍ୱରଙ୍କ ପ୍ରଚଳିତ ନିୟମ ଯେ ଯେବେ ବିଶ୍ୱରେ ପାପ ଓ ଅଧର୍ମର ମାତ୍ରା ବଢିଯାଏ ଓ ଆଧ୍ୟାତ୍ମିକତାକୁ ଲୋକେ ଭୁଲିଯାଆନ୍ତି,

ସାଧାରଣତଃ ଲୋକମାନେ ସଂସାରିକ ମୋହମାୟାକୁ ଧର୍ମଠାରୁ ଅଧିକ ପ୍ରାଧାନ୍ୟ ଦିଅନ୍ତି । ସେହି ସମୟରେ ଈଶ୍ୱର ନିଜ ଭକ୍ତଙ୍କୁ ସତ୍‌ଶିକ୍ଷା ଦେବା ତଥା ସତ୍ପ ପାଳନ ପାଇଁ କୌଣସି ସୁଧାରକଙ୍କୁ ଆବିର୍ଭୂତ କରାନ୍ତି । ସେମାନେ ସତ୍ୟ ଓ ନ୍ୟାୟର ହୃତ ଗୌରବକୁ ଫେରାଇ ଆଣନ୍ତି ଓ ଧର୍ମ ବିଶ୍ୱାସକୁ ପୃଥିବୀରେ ପୁନଃ ସ୍ଥାପନ କରନ୍ତି । ସେହି ପଥ ପ୍ରଦର୍ଶକଗଣ ଅନେକ ସମୟରେ ଶରୀୟତ ବା ନୂତନ ଧର୍ମୀୟ ବିଧାନ ନିଜ ସାଥିରେ ଆଣିଥାନ୍ତି ତ ଅନ୍ୟ କେତେକ ସମୟରେ ସେମାନେ ପୃଥିବୀରେ କେବଳ ପୂର୍ବ ବିଧାନକୁ ପୁନର୍ବାର ପ୍ରଣୟନ କରନ୍ତି । ଏହି ଚିରନ୍ତର ନିୟମ ହେଉଛି ପବିତ୍ର କୁରଆନର ମୂଳ ବିଷୟବସ୍ତୁ । ମାନବ ଜାତି ଈଶ୍ୱରଙ୍କ ଦୟା ଓ କରୁଣାକୁ ସ୍ମରଣ କରାଇଦେବା ପାଇଁ ପବିତ୍ର କୁରଆନରେ ଈଶ୍ୱର ବାରମ୍ବାର ପୁନରାବୃତ୍ତି କରିଛନ୍ତି । ସେ ପଠାଇଥିବା ଦିବ୍ୟ ବାର୍ତ୍ତାବହଙ୍କୁ  ଚିହ୍ନିବା ଓ ଗ୍ରହଣ କରିବା ମାନବ ଜଗତ ପାଇଁ ଏକ ପ୍ରାଥମିକ କର୍ତ୍ତବ୍ୟ ରୂପେ ଅଭିହିତ କରାଯାଇଛି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅଲ୍ଲାଃ ସର୍ବପ୍ରଥମ, ସର୍ବୋଚ୍ଚ, ସର୍ବଶକ୍ତିମାନ ଏବଂ ତାଙ୍କ ତୁଳନାରେ ମନୁଷ୍ୟ ଏକ ତୁଚ୍ଛ ଓ ଦୁର୍ବଳ ପ୍ରାଣୀ । ଏହା ସତ୍ୟ ଯେ ମନୁଷ୍ୟ ସୃଷ୍ଟିର ପରମ କାରଣ ଓ ତାର ଜନ୍ମ ହେବାରେ କୌଣସି ଉଦ୍ଦେଶ୍ୟ ରହିଥିବାର ପବିତ୍ର କୁରଆନରେ ଏହିପରି ବର୍ଣ୍ଣିତ ଅଛି ।

وَمَا خَلَقْنَا السَّمٰوٰتِ وَالْاَرْضَ وَمَا بَيْنَهُمَا لٰعِبِيْنَ

**ୱମା ଖଲକ୍‌ନସ୍ ସମାୱାତି ୱଲ୍‌ଅରଜା ୱମା ବୈନହୁମା ଲାଇବୀନ୍ ॥**

ଅର୍ଥାତ 'ଆକାଶ ଓ ପୃଥିବୀକୁ ତଥା ସେମାନଙ୍କ ମଧ୍ୟରେ ଯାହା କିଛି ଅଛି, ତାହାକୁ ଆମ୍ଭେ କୌତୁହଳ ବଶତଃ ସୃଷ୍ଟି କରି ନାହୁଁ ।' (ଅଲ ଦୁଖାନ 44:39)

ବରଂ ସେମାନଙ୍କ ସୃଷ୍ଟି ମଧ୍ୟରେ ଏକ ମହତ ଉଦ୍ଦେଶ୍ୟ ରଖିଛୁ । ସେହି ଉଦ୍ଦେଶ୍ୟ ହେଉଛି ମନୁଷ୍ୟ ଅଲ୍ଲାଃଙ୍କ ବିଶେଷ ଗୁଣାବଳୀକୁ ପ୍ରକାଶ କରନ୍ତୁ ଓ ସେହି ପ୍ରକଟିତ ସତ୍ୟର ପ୍ରତୀକ ସାଜି ଦୁନିଆର ସେହି ଲୋକମାନଙ୍କୁ ଆଲୋକିତ କରନ୍ତୁ, ଯେଉଁମାନେ ଏହି ଦିବ୍ୟଗୁଣ ଲାଭ କରିବା ପାଇଁ ଉଚ୍ଚ ଅଭିଳାଷ ରଖିନାହାନ୍ତି ।

ଅଲ୍ଲାଃଙ୍କ ନିୟମ ସୃଷ୍ଟିର ଆରମ୍ଭରୁ ଏହିପରି ଚାଲି ଆସୁଛି । ଏହି ପନ୍ଥାରେ ସୁସ୍ପଷ୍ଟ ଦିବ୍ୟଗୁଣ ପ୍ରଦର୍ଶନକାରୀମାନଙ୍କୁ ବିଭିନ୍ନ  ସମୟରେ ସଂସାରରେ ଆବିର୍ଭୂତ କରିଛନ୍ତି । କେବେ ସେହି ଈଶ୍ୱରୀୟ ଗୁଣ ହଜରତ ଆଦମ[ଅସ]ଙ୍କ ମାଧ୍ୟମରେ

ଜାଜ୍ଜୁଲ୍ୟମାନ ହେଲା ତ କେବେ ଅବ୍ରାହମ[ଅସ]ଙ୍କ ଶରୀରେ ପ୍ରକଟିତ ହେଲା । ପୁଣି କେବେ ନୋହାଙ୍କ ଦ୍ୱାରା ତ ଆଉ କେବେ ହଜରତ ମୋସେସ୍[ଅସ]ଙ୍କୁ ତୁର ପର୍ବତ ଶିଖରରେ ସେ ନିଜ ବିଶ୍ୱରୂପ ଦେଖାଇଲେ । ହଜରତ ଦାଉଦ୍[ଅସ]ଙ୍କ ଦ୍ୱାରା ଈଶ୍ୱରଙ୍କ ଚେହେରା ସେତେବେଳେ ବିଶ୍ୱ ଦେଖିଲା ତ ପୁଣି କେବେ ଯୀଶୁ[ଅସ] ଓ ସର୍ବଶେଷରେ ଅବତାର ଶ୍ରେଷ୍ଠ ମୁହମ୍ମଦ[ଅସ]ଙ୍କ ମାଧ୍ୟମରେ ଉଦଭାସିତ ହେଲା । ତାଙ୍କର ଦିବ୍ୟ ଚରିତ୍ରରେ ସେହି ପରମ ଜ୍ୟୋତି ପୂର୍ଣ୍ଣାଙ୍ଗ ରୂପେ ପ୍ରତିଫଳିତ ହୋଇଥିଲା । ଅଲ୍ଲାଃଙ୍କ ସମସ୍ତ ପ୍ରକାର ବିଶେଷ ଗୁଣ ଗାରିମା ସଂକ୍ଷେପରେ ଓ ବ୍ୟାପକରେ, ବ୍ୟକ୍ତିଗତ ଓ ସାମୁହିକ ରୂପେ ଏପରି ମହିମା ଓ ପ୍ରତାପ ସହିତ ସେ ସଂସାରରେ ପରିପ୍ରକାଶ କଲେ ଯେ ପୂର୍ବରୁ ଆସିଥିବା ସକଳ ଅବତାର ତାଙ୍କର ସୂର୍ଯ୍ୟକାନ୍ତି ସମ ଅସ୍ତିତ୍ୱ ଆଗରେ ତାରକା ସଦୃଶ ମଳିନ ପଡିଗଲେ । ସେ ଅନ୍ତିମ ବିଧାନବାହୀ ଅବତାର, ଯେ କି ଅନ୍ୟ ସମସ୍ତ ବିଧାନବାହୀ ଅବତାରଙ୍କ ଆସିବାର ପଥ ବନ୍ଦ କରିଦେଲେ । ଏହା ଦୈବୀ ପକ୍ଷପାତିତା ଯୋଗୁଁ ନୁହେଁ, ବରଂ ଏହାର କାରଣ ହେଉଛି, ଦିବ୍ୟ ବାର୍ତ୍ତାବହ ମୁହମ୍ମଦ[ସଅ] ମାନବଜାତି ପାଇଁ ଯେଉଁ ଶାସ୍ତ୍ରୀୟ ବିଧାନ ଅଲ୍ଲାଃଙ୍କ ଠାରୁ ପ୍ରାପ୍ତ କରିଥିଲେ, ତାହା ଏତେ ବ୍ୟାପକ ଓ ଏତେ ସଂପୂର୍ଣ୍ଣ ଯେ ଅନ୍ୟ କୌଣସି ନିୟାମକ ବିଧିର ଆବଶ୍ୟକତା ପଡିବ ନାହିଁ । କୁରଆନରେ ଅଲ୍ଲାଃଙ୍କ ପ୍ରକଟିତ ସତ୍ୟ ଜ୍ଞାନ ଓ ଦିବ୍ୟ ବାର୍ତ୍ତାବହଙ୍କ  ଜୀବନର ଆଦର୍ଶ ଉଦାହରଣରେ ଅଲ୍ଲାଃ ତାଙ୍କ ଆଗମନର ଉଦ୍ଦେଶ୍ୟ ତଥା ସମସ୍ତ ଆବଶ୍ୟକତା ପୂରଣ କରି ଦେଇଛନ୍ତି । ତେବେ ସେ ଯାହା ହେଉ, ମନୁଷ୍ୟ ଜୀବନର କୌଣସି ଭରସା ନାହିଁ ଯେ ଏହା କହିହେବ, ସେ କେବେ ସତ୍‌ପଥ ଛାଡିବ ନାହିଁ କି ସତ୍‌ଶିକ୍ଷାକୁ ଭୁଲିଯିବ ନାହିଁ । ତା ସହିତ ସେ ତାର କର୍ତ୍ତବ୍ୟକୁ ସଦାବେଳେ ପାଳନ କରୁଥିବ । ତେଣୁ ଥରେ ମାତ୍ର ଏହି ଚୂଡାନ୍ତ ବିଧିବିଧାନ ଉପରେ ଜ୍ଞାନ ଲାଭ କଲେ ଏହାକୁ ପାଳନ କରିବାରେ ସେ ଅଟଳ ରହିବ । ଏବଂ ଈଶ୍ୱରଙ୍କୁ ସ୍ମରଣ କରି ସଦାସର୍ବଦା ତାହାଙ୍କ ଚରଣାଶ୍ରୀତ ହେବ ଓ ତାଙ୍କର ଆନୁଗତ୍ୟ ସ୍ୱୀକାର କରି ରହିବ । ପବିତ୍ର କୁରଆନରେ ଏହି ଅନୁକୂଳ ପରିସ୍ଥିତିର ଆଶା କରାଯାଉଥିଲା । ଯେପରି କୁହାଯାଇଛି :

يُدَبِّرُ الْأَمْرَ مِنَ السَّمَاءِ إِلَى الْأَرْضِ ثُمَّ يَعْرُجُ إِلَيْهِ فِي يَوْمٍ

كَانَ مِقْدَارُهُ أَلْفَ سَنَةٍ مِّمَّا تَعُدُّونَ

**ୟୁଦବ୍‌ବିରୁଲ ଅମରା ମିନସ୍‌ସମାଏ ଇଲଲ୍ ଅର୍‌ଜେ ସୁମ୍ମା ୟାରୁଜୁ ଇଲୈହେ ଫି ୟୋମିନ୍ କାନା ମିକ୍‌ଦାରୁହୂ ଅଲଫା ସନତିମ୍ ମିମ୍ମା ତଉଦ୍‌ଦୁନ୍ ।।**

ଅର୍ଥାତ'ସେ ଆକାଶରୁ ଭୂପୃଷ୍ଠ ପର୍ଯ୍ୟନ୍ତ ଆପଣା ଆଦେଶକୁ ନିଜ ଯୋଜନା ଅନୁସାରେ ପ୍ରତିଷ୍ଠିତ କରିବେ । ତା'ପରେ ତାହା ତାହାଙ୍କ ନିକଟକୁ ଏପରି ସମୟରେ ଉତଥିତ ହେବ, ଯାହାର ପରିଣାମ ତୁମମାନଙ୍କର ଗଣନା ମୁତାବକ ଏକ ହଜାର ବର୍ଷ ।' (ଅଲ ସଜଦଃ 32:6)

ଏହି ପଙ୍କ୍ତି ପ୍ରଥମେ ଇସଲାମର ଅଭ୍ୟୁଦୟକୁ ବର୍ଣ୍ଣନା କରୁଛି । ତା'ପରେ ଏହାର ଅଧଃପତନ ହେବ ଓ ପୁଣି ଥରେ ଧର୍ମ ବିଶ୍ୱାସ ଭୂପୃଷ୍ଠରୁ ଉଠିଯିବ । ପୁନଶ୍ଚ ଏହା କୁହେ ଯେ ଇସଲାମ ମନୁଷ୍ୟ ଜାତି ନିମନ୍ତେ ଅଲ୍ଲାଃଙ୍କର ଅନ୍ତିମ ଧର୍ମୀୟ ବିଧାନ ଓ ଏହି ଧର୍ମର ସ୍ଥିତାବସ୍ଥା ହଜରତ ମୁହମ୍ମଦ[ସଅ]ଙ୍କ ଯୁଗରେ ୩୦୦ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହା ହଜାରେ ବର୍ଷର ଅବଧି ପରେ ବିଶୃଙ୍ଖଳା ଚରମ ସୀମାରେ ପହଞ୍ଚିବା ଯୋଗୁଁ ପୁଣି ବିଶ୍ୱରୁ ଅଦୃଶ୍ୟ ହୋଇଯିବ । ତେବେ ଏଥି ସମ୍ବନ୍ଧରେ ମୁଁ ହଦିସରୁ ଅନେକ ପ୍ରମାଣ ପୂର୍ବରୁ ଉପସ୍ଥାପନ କରିଛି । ପବିତ୍ର କୁରଆନର ସଙ୍କେତ ମଧ୍ୟରେ **'ଅଲିଫ୍ ଲାମ୍ ମିମ୍ ରା'** - ଅନ୍ନଲ୍ଲାହୁ ଆଲମୁ ଓ୍ୱଅରା' (ଅର୍ଥାତ ମୁଁ ଅଲ୍ଲାଃ ସର୍ବଜ୍ଞ ଓ ସର୍ବଦ୍ରଷ୍ଟା) । ଏହା ୨୭୧ ବର୍ଷର ନିର୍ଦ୍ଦିଷ୍ଟ ସମୟକୁ ଦର୍ଶାଉଛି । ଯଦି ଆମେ ୨୭୧ରେ ୧୦୦୦ ବର୍ଷର ଆକାଶକୁ ଆରୋହଣ ଅବଧିକୁ ମିଶାଇବା ଆମ ପାଖରେ ଇସଲାମର ବିଳୟ ସମୟ ହିଜ୍ରି ଗଣନା ଅନୁଯାୟୀ ମୋଟ ୧୨୭୧ ବର୍ଷ ହେବ । ଏହା ପ୍ରାୟତଃ ୧୩ଶହ ବର୍ଷ ଅର୍ଥାତ ତେର ଶତାବ୍ଦୀର ଶେଷ ପର୍ଯାୟ । ଅଲ୍ଲାଃଙ୍କର ଚିରନ୍ତର ନିୟମ ଅନୁଯାୟୀ ଏପରି ସମୟରେ ମାନବଜାତିର ମାର୍ଗଦର୍ଶନ ସକାଶେ ତାଙ୍କ ତରଫରୁ ନିଶ୍ଚୟ ଜଣେ ଯୁଗ ସଂସ୍କାରକ ଆସିଥାନ୍ତି । ଅଲ୍ଲାଃ ସେମାନଙ୍କ ଉନ୍ନତି ଓ ତାଙ୍କର ସାର୍ବଭୌମତ୍ୱକୁ ଦୃଢତାର ସହିତ ପ୍ରତିଷ୍ଠା କରିବା ପାଇଁ ଅବତାର ପଠାଇ ଥାଆନ୍ତି, ଯଦ୍ୱାରା ସଂସାର ଚିରଦିନ ପାଇଁ ଶୈତାନ (ଦୁଷ୍ଟ ଶକ୍ତି)ର କବଳକୁ ଚାଲି ନଯିବ । ତେଣୁ ଏହା ଅନିବାର୍ଯ୍ୟ ଥିଲା ଯେ ଏହି ଯୁଗରେ ଜଣେ କେହି ଯୁଗପୁରୁଷ ଆବିର୍ଭୂତ ହେବେ । ସେ କେହି ବି ହୋଇପାରନ୍ତି, କିନ୍ତୁ ତାଙ୍କ ଆଗମନ ଦ୍ୱାରା ସଂସାରକୁ ଅଲ୍ଲାଃଙ୍କ ମାଗଦର୍ଶନ ନିଶ୍ଚିତ ହୋଇପାରିବ । ଯେତେବେଳେ ଆଦମ୍ଙ୍କ ଅନୁଗାମୀମାନେ ପାପାସକ୍ତ ହୋଇ ଦୁର୍ଦ୍ଦଶାରେ ପଡିଥିଲେ, ସେ ସେମାନଙ୍କୁ ମାଗଦର୍ଶନ ଦେଇଥିଲେ । ଯେବେ ହଜରତ ନୋହା, ଅବ୍ରାହମ, ମୋସେସ ଓ ଯୀଶୁଙ୍କ ଜାତିର ଲୋକମାନେ କୁପଥଗାମୀ ହୋଇଥିଲେ, ସେ ସେମାନଙ୍କୁ ସତ୍‌ପଥ ପ୍ରଦର୍ଶନ କରିଥିଲେ । ତେବେ ଏହା କିପରି ହୋଇପାରେ ଯେ ହଜରତ

ମୁହମ୍ମଦ[ସଅ]ଙ୍କ ଜାତିର ଲୋକ ପଥଭ୍ରଷ୍ଟ ହୋଇ ଅନୈତିକ କର୍ମରେ ଲିପ୍ତ ଥିଲେ ଅଥଚ ପ୍ରଭୁ ସେମାନଙ୍କ ଖବର ନେଲେ ନାହିଁ । ବରଂ ଭବିଷ୍ୟତ ବାଣୀ ରହିଥିଲା ଯେ ଆଞ୍ଚଳିକ ସ୍ତରରେ ଛୋଟ ବିଶୃଙ୍ଖଳା ଦୂର କରିବା ପାଇଁ ପ୍ରତ୍ୟେକ ଶତାବ୍ଦୀର ଆରମ୍ଭରେ ଜଣେ ମୁଜଦ୍‌ଦିଦ୍ (ସଂସ୍କାରକ) ଆବିର୍ଭୂତ ହୋଇ ଆସୁଥିବେ । ଯଦ୍ୱାରା ଲୋକମାନେ ଇସଲାମର ଶହେ ବର୍ଷ ମଧ୍ୟରେ ଉପୁଜୁଥିବା ବିଶୃଙ୍ଖଳାରୁ ରକ୍ଷା ପାଇ ପୁନର୍ବାର ଇସଲାମ ପ୍ରତି ଆସ୍ଥା ଓ ବିଶ୍ୱାସକୁ ଫେରି ପାଇବେ । ଏହି ଶତାବ୍ଦୀ ପୁରୁଷମାନଙ୍କୁ ଇସଲାମ ଇତିହାସରେ ମୁଜଦ୍‌ଦିଦ୍ ବା ସଂସ୍କାରକ ବୋଲି ସମ୍ବୋଧିତ କରାଗଲା । ସେମାନେ ମୁଖ୍ୟ ବାର୍ତ୍ତାବହଙ୍କ ଶିକ୍ଷାକୁ ପୁନଃ ପ୍ରଚଳନ କରି ପଥଭ୍ରଷ୍ଟ ମୁସଲମାନମାନଙ୍କର ସଂସ୍କାର କଲେ । ହଦିସରେ ମୁହମ୍ମଦ[ସଅ] ଏହିପରି କହିଛନ୍ତି :

إِنَّ اللهَ يَبْعَثُ لِهٰذِهِ الْأُمَّةِ عَلٰى رَأْسِ كُلِّ مِائَةِ سَنَةٍ مَّنْ يُّجَدِّدُ لَهَا دِيْنَهَا

**ଇନ୍‌ନଲ୍ଲାହା ୟବ୍‌ଅସୁ ଲିହାଜିହିଲ୍ ଉମ୍ମତି ଅଲାରାସେ କୁଲ୍ଲିମିଆତି ସନତିମ୍ ମଇଁ ୟୁଜଦ୍‌ଦିଦୁଲହା ଦିନହା ॥**

ଅର୍ଥାତ: 'ପ୍ରକୃତରେ ଅଲ୍ଲାଃତାଲା ଏହି ଲୋକଙ୍କୁ ଉନ୍ନତି ପଥରେ ପରିଚାଳିତ କରାଇବେ ଏବଂ ପ୍ରତି ଶତାବ୍ଦୀରେ ଜଣେ ସଂସ୍କାରକଙ୍କୁ ପ୍ରେରଣ କରିବେ, ଯିଏ ମୁସଲିମ ଉମ୍ମତରେ ଆସି ଧର୍ମ ସଂସ୍କାର କରିବେ' (ଅବୁ ଦାଊଦ, ଭାଗ 11, ପୃ 241)

ଏହାର ଅର୍ଥ ନୁହେଁ ଯେ ଇସଲାମ ସାମାନ୍ୟ ସଙ୍କଟର ସାମନା କରିବା ପାଇଁ କୌଣସି ମାର୍ଗଦର୍ଶକ ପାଇବ ନାହିଁ । କିନ୍ତୁ ଆଜିର ବୃହତ ସଙ୍କଟକୁ କେହି ସାମନା କରୁନାହାନ୍ତି । ତେବେ ସେହି ଗୁରୁତର ବିଶୃଙ୍ଖଳା ଘଟିବା ସମ୍ବନ୍ଧରେ ହଜରତ ମୁହମ୍ମଦ[ସଅ] ଯଥା ପୂର୍ବରୁ ଭବିଷ୍ୟତ ବାଣୀ କରିଥିଲେ ଯେ ଯେବେଠାରୁ ସଂସାରକୁ ଅବତାରମାନେ କ୍ରମାଗତ ଭାବେ ଆସୁଥିଲେ ସେମାନେ ଏହି ଚରମ ବିଶୃଙ୍ଖଳା ସମ୍ବନ୍ଧରେ ସୂଚନା ଦେଇ ଆସୁଛନ୍ତି । ଏପରି ଘଡିସନ୍ଧି ମୂହୁର୍ତ୍ତରେ ଏହା କ'ଣ ଭାବିବା ଠିକ ହେବ ଯେ ମୁସଲିମମାନଙ୍କୁ ସଂକଟରୁ ଉଦ୍ଧାର କରିବା ପାଇଁ କୌଣସି ପଥପ୍ରଦର୍ଶକ ଆସିବା ଉଚିତ ନୁହେଁ । ସେମାନଙ୍କ ପାଇଁ କୌଣସି ସତ୍‌ଶିକ୍ଷାଦାତା ଆସିବେ ନାହିଁ । ମୁସଲମାନମାନଙ୍କୁ ଧର୍ମର ବାସ୍ତବ ତତ୍ତ୍ୱ ବୁଝାଇ ଗୋଟିଏ ସତ୍ୟ ଧର୍ମର ଛାୟା ତଳେ ଆଶ୍ରୟ ଦେବା ପାଇଁ ଈଶ୍ୱରଙ୍କ ତରଫରୁ କୌଣସି ସ୍ୱର

ଉତ୍ତୋଳନ କରାଯିବ ନାହିଁ । ଏହା କିପରି ସମ୍ଭବ ଯେ ଅଧର୍ମର ଅନ୍ଧକାର ମଧ୍ୟରେ ଯେଉଁମାନେ ଅତ୍ୟାଚାରରେ ପ୍ରପୀଡିତ, ସେଥିରୁ ଉଦ୍ଧାର କରିବା ପାଇଁ କେହି ସ୍ୱର୍ଗରୁ ଆସି ନେତୃତ୍ୱ ନେବେ ନାହିଁ । ସେହି ଈଶ୍ୱର ଯିଏ ସୃଷ୍ଟି ଜଗତର ଆରମ୍ଭରୁ ନିଜର ଦୟା ଓ ଅନୁଗ୍ରହର ପରାକାଷ୍ଠା ଦେଖାଇଛନ୍ତି, ସେ ମୁହମ୍ମଦ[ସଅ]ଙ୍କ ଆବିର୍ଭାବ ପରେ ତାଙ୍କର ଅପାର ଅନୁଗ୍ରହର ସାଗରରେ ଅଧିକ ଉଦ୍‌ବେଳନ ଓ ଆବେଗର ତରଙ୍ଗ ସୃଷ୍ଟି ହୋଇଛି । ଏହା କଦାପି ନୁହେଁ ଯେ ତାଙ୍କର ଦୟା ଓ ଅନୁକମ୍ପା ଲୋପ ପାଇଗଲା । ଉଭୟ କୁରଆନ ଓ ହଦିସ ଏହାର ସାକ୍ଷୀ ଯେ ମୁହମ୍ମଦୀୟ ଉମ୍ମତରେ ଯଦି କେବେ ବିଭ୍ରାଟ ସୃଷ୍ଟି ହେବ, ପ୍ରଭୁ ନିଜ ତରଫରୁ ସତ୍‌ଶିକ୍ଷାଦାତା ଓ ପଥ ପ୍ରଦର୍ଶକ ପଠାଉ ଥିବେ । ତେଣୁ କୁରଆନ ଓ ହଦିସର ପ୍ରତିଶ୍ରୁତି ଠାରୁ ଅଧିକ କିଛି ନିଶ୍ଚିତ ଓ ସ୍ପଷ୍ଟ ନାହିଁ । ଯେତେବେଳେ ଦିବ୍ୟ ବାର୍ତ୍ତାବହଙ୍କ ଅନୁଗାମୀମାନେ ଖଳ ପ୍ରବୃତ୍ତି ଲୋକମାନଙ୍କ ଦୌରାତ୍ମ୍ୟର ଶିକାର ହୋଇଯିବେ, ସେମାନଙ୍କ ନିକଟକୁ ଉଦ୍ଧାରକର୍ତ୍ତା ଆସିବେ । ଏହି ପ୍ରତିଶ୍ରୁତି ବିଶେଷ ରୂପେ ଆମ ସମୟକୁ ଦର୍ଶାଉଛି ଯେ ଯେତେବେଳେ ଦଜ୍‌ଜାଲର ବିଶୃଙ୍ଖଳା (ଖ୍ରୀଷ୍ଟ ବିରୋଧି ଆଚରଣ) ପ୍ରକାଶ ପାଇବ ଓ ଖ୍ରୀଷ୍ଟ ଧର୍ମର ପ୍ରଭୁତ୍ୱ ବିସ୍ତାର ହେବ, ତତ୍‌ସହିତ ଇସଲାମ ଧର୍ମ ପ୍ରକାଶ୍ୟ ରୂପେ ପରାଜିତ ହେଉଥିବାର ଦେଖାଦେବ । ପୁଣି ମୁସଲିମମାନେ ନିଜ ଧର୍ମର ବାସ୍ତବ ଶିକ୍ଷାକୁ ଛାଡି ଅନ୍ୟ ଜାତିର କୁପ୍ରଥା ଓ ଅନ୍ଧବିଶ୍ୱାସ ମୂଳକ ରୀତିନୀତିକୁ ଆପଣାଇବେ, ଠିକ୍ ଏହି ସମୟରେ ଜଣେ ଯୁଗ ପ୍ରବର୍ତ୍ତକ ହଜରତ ମୁହମ୍ମଦ[ସଅ]ଙ୍କ ସଂପୂର୍ଣ୍ଣ ସାଦୃଶ୍ୟ ରକ୍ଷାକରି ଆବିର୍ଭୂତ ହେବେ । ଅଲ୍ଲାଃଙ୍କ ପକ୍ଷରୁ ନିୟୋଜିତ ହୋଇ ସେ ଆମ ଯୁଗର ସଂସ୍କାରକ ହେବେ ଓ ଇସଲାମକୁ ପୁନରୁଜ୍ଜୀବିତ କରିବେ । ସୁତରାଂ ଏଥି ସମ୍ବନ୍ଧରେ ଦିବ୍ୟ ଅବତାର ଏହିପରି କହିଥିଲେ :

لَا يَبْقٰى مِنَ الْاِسْلَامِ اِلَّا اِسْمُهٗ وَ لَا يَبْقٰى مِنَ الْقُرْاٰنِ اِلَّا رَسْمُهٗ

**ଲାୟବ୍‌କା ମିନଲ୍ ଇସଲାମି ଇଲ୍ଲା ଇସମୁହୂ ଓ୍ୱଲାୟବ୍‌କା ମିନଲ୍ କୁରଆନେ ଇଲ୍ଲା ରସମୁହୂ ।।**

ଅର୍ଥାତ : 'ଏକ ସମୟ ଆସିବ ଯେତେବେଳେ କେବଳ ଇସଲାମ ନାମକୁ ମାତ୍ର ରହିଯିବ ଓ କୁରଆନର ଲିପି ଛଡା ଅନ୍ୟକିଛି ଦେଖିବାକୁ ମିଳିବ ନାହିଁ ।'

(ମିସକାତ, କିତାବୁଲ ଇଲମ / ଅବୁଦାଉଦ, ଖଣ୍ଡ 2, ପୃ 241, କିତାବୁଲ ଫିତନ, ପୃ 694)।

ଅର୍ଥାତ ଇସଲାମର ମାର୍ମିକ ଭାବକୁ କେହି ବୁଝିବେ ନାହିଁ ଓ ପବିତ୍ର କୁରଆନ ବାଣୀର ପ୍ରକୃତ ଭାବାର୍ଥ କାହାକୁ ଆଲୋକିତ କରିବ ନାହିଁ ।

ତେଣୁ ହେ ପ୍ରିୟ ଓଜନ ! ଅହମଦୀୟା ମତବାଦ କେବଳ ବିଶ୍ୱବିଧାତାଙ୍କ ଚିରନ୍ତନ ନିୟମକୁ କାର୍ଯ୍ୟକାରୀ କରେ । ଏହା ଦିବ୍ୟ ବାର୍ତ୍ତାବହ ତଥା ତାଙ୍କ ପୂର୍ବବର୍ତ୍ତୀ ଅବତାରଙ୍କ ପ୍ରତିଶ୍ରୁତି ଓ ଭବିଷ୍ୟତବାଣୀକୁ କାର୍ଯ୍ୟରେ ପରିଣତ କରେ, ଯାହା ଚଳିତ ଯୁଗ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଥିଲା । ଯଦି ଏହି ଆନ୍ଦୋଳନର ମହାନାୟକ ମିର୍ଜା ଗୁଲାମ ଅହମଦଙ୍କୁ ଯୁଗ ପ୍ରବର୍ତ୍ତକ ରୂପେ ଚୟନ କରାଯିବା ସମିଚୀନ ଓ ଯୁଗୋପଯୋଗୀ ନଥିଲା, ତେବେ ଏଥିପାଇଁ ସମସ୍ତ ଦୋଷାରୋପ ଅଲ୍ଲାଃଙ୍କ ଉପରେ ପଡିବ । ଏଥିରେ ମିର୍ଜା ସାହେବଙ୍କର କ'ଣ ଦୋଷ ? କିନ୍ତୁ ଯଦି ଅଲ୍ଲାଃ ଅଦୃଶ୍ୟ ରହସ୍ୟକୁ ଜାଣି ପାରନ୍ତି, ତାଙ୍କ ଦୃଷ୍ଟିରେ କିଛି ଲୁଚି ପାରିବ ନାହିଁ ଏବଂ ତାଙ୍କର ପ୍ରତ୍ୟେକ କାର୍ଯ୍ୟ ସୂକ୍ଷ୍ମ ତତ୍ତ୍ୱରେ ପରିପୂର୍ଣ୍ଣ, ତେବେ ଆପଣ ନିଶ୍ଚିତ ରୁହନ୍ତୁ ଯେ ସେ ହଜରତ ଅହମଦ[ଅସ]ଙ୍କୁ ମନୋନୀତ କରିଥିବା ବିଷୟ ଯଥାର୍ଥ । ତାଙ୍କର ମାନ୍ୟତା ସ୍ୱୀକାର କରିବାରେ ସମଗ୍ର ବିଶ୍ୱ ଓ ମୁସଲିମ ଜଗତ ପାଇଁ କଲ୍ୟାଣ ରହିଛି । ସେ ସଂସାର ପାଇଁ କୌଣସି ନୂତନ ବାର୍ତ୍ତା ଆଣି ନଥିଲେ । କିନ୍ତୁ ସେହି ବାର୍ତ୍ତା ଯାହାକୁ କେବଳ ଦିବ୍ୟ ବାର୍ତ୍ତାବହ ପୂର୍ବରୁ ଦୁନିଆକୁ ଜଣାଇଥିଲେ । ମାତ୍ର ଦୁନିଆ ତାକୁ ପାଶୋରି ଦେଲା । ସେହି ବାର୍ତ୍ତା ଯାହାକୁ ପବିତ୍ର କୁରଆନ ଉପସ୍ଥାପନ କରିଥିଲା । କିନ୍ତୁ ସଂସାର ତହିଁରୁ ମୁହଁ ମୋଡିନେଲା । ଫଳରେ ତାହା ଏକ ଅଲଗା ଦିଗ୍‌ବଳୟକୁ ଚାଲିଯାଇଥିଲା । ଏହା ସେହି ବାର୍ତ୍ତା ଯେ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ହେଉଛନ୍ତି ଏକ ମାତ୍ର ଈଶ୍ୱର ଓ ତାହାଙ୍କ ନିକଟକୁ ଆମ ସମସ୍ତଙ୍କୁ ଲେଉଟି ଯିବାକୁ ହେବ । ସେ ମନୁଷ୍ୟକୁ ନିଜର ଶାଶ୍ୱତ ପ୍ରେମର ସମ୍ପର୍କ ସ୍ଥାପନ କରିବା ପାଇଁ ସୃଷ୍ଟି କରିଛନ୍ତି । ସେ ନିଜର ସମସ୍ତ ଦିବ୍ୟ ଗୁଣକୁ ପ୍ରକାଶ କରିବା ପାଇଁ ମନୁଷ୍ୟକୁ ଗଢିଛନ୍ତି । ତେଣୁ ମନୁଷ୍ୟ ଅଲ୍ଲାଃଙ୍କ ପ୍ରତି ଭକ୍ତି ଓ ପ୍ରେମରେ ନିମଜ୍ଜିତ ରହିବା ଉଚିତ । ସୁତରାଂ କୁରଆନ କହେ;

وَإِذْ قَالَ رَبُّكَ لِلْمَلٰٓئِكَةِ إِنِّي جَاعِلٌ فِي الْأَرْضِ خَلِيفَةً

**ୱଇଜ୍‌କାଲା ରବ୍‌ବୁକା ଲିଲ୍‌ମଲାଇକତି ଇନ୍‌ନି ଜାଇଲୁନ୍ ଫିଲ୍ ଅର୍‌ଜେ ଖଲିଫା ।**

ଅର୍ଥାତ: 'ଯେତେବେଳେ ତୁମର ପାଳନକର୍ତ୍ତା ଦେବଦୂତମାନଙ୍କୁ କହିଲେ ଆମ୍ଭେ ପୃଥିବୀରେ ଜଣେ ଖଲିଫା ନିଯୁକ୍ତ କରିବାକୁ ଯାଉଛୁ;'

(ଅଲ ବକରା 2:31)

ସୁତରାଂ ଆଦମ ଓ ତାଙ୍କ ବଂଶଧର ଈଶ୍ୱରଙ୍କର ଖଲିଫା ଅର୍ଥାତ ଭୂପୃଷ୍ଠର ପ୍ରତିନିଧି ହୋଇ ଆସିଛନ୍ତି । ସେ ମନୁଷ୍ୟ ଜାତିର ଆଦିପୁରୁଷ ଓ ଅଲ୍ଲାଃଙ୍କ ବିଶେଷ ଗୁଣବାହକ । ସେହି ଦୃଷ୍ଟିରୁ ସମସ୍ତ ମାନବ ଜାତିର ଏହା କର୍ତ୍ତବ୍ୟ ହେଉଛି ଯେ ସେ ନିଜର ଜୀବନକୁ ଈଶ୍ୱରୀୟ ଗୁଣ ଅନୁଯାୟୀ ସମର୍ପଣ କରୁ । କାରଣ ଏହା ମନୁଷ୍ୟ ସୃଷ୍ଟିରେ ଅଲ୍ଲାଃଙ୍କ ଉଦ୍ଦେଶ୍ୟକୁ ଓ ଇସଲାମୀୟ ମାନବଧର୍ମ ଓ ଏହା ପ୍ରତି କର୍ତ୍ତବ୍ୟବୋଧର ଚେତନାକୁ ଦର୍ଶାଇ ଥାଏ । ଅଲ୍ଲାଃଙ୍କ ଅନୁପମ ଗୁଣକୁ ମନୁଷ୍ୟ ନିଜ କର୍ତ୍ତବ୍ୟରେ ପ୍ରତିଫଳିତ କରିବା ଉଚିତ । ଯେପର୍ଯ୍ୟନ୍ତ ମନୁଷ୍ୟ ଈଶ୍ୱରାଭିମୁଖୀ ହୋଇ ନାହିଁ ଏବଂ ବାରମ୍ବାର ତାଙ୍କ ସାହାଯ୍ୟ ଓ ଅନୁଗ୍ରହ ଲାଭ କରିବା ପାଇଁ ପ୍ରତି ପଦକ୍ଷେପରେ ଭିକ୍ଷା ମାଗି ନାହିଁ, ସେ ପର୍ଯ୍ୟନ୍ତ ସେହି ସବୁ ଐଶୀ ସଦ୍‌ଗୁଣାବଳୀକୁ ସେ ଆପଣାଇ ପାରିବ ନାହିଁ । ଯେପରି ଜଣେ ପ୍ରତିନିଧି ନିଜର ନିଯୁକ୍ତିଦାତାଙ୍କ ପ୍ରତି ମନଯୋଗୀ ରହିଥାଏ ଏବଂ ଜଣେ ଦାସ ପ୍ରତି ପଦକ୍ଷେପରେ ନିଜ ମୁନିବ ଆଡକୁ ଚାହିଁଥାଏ, ସେହିପରି ମନୁଷ୍ୟର କର୍ତ୍ତବ୍ୟ ହେଉଛି ଯେ ସେ ନିଜ ପରମାତ୍ମାଙ୍କ ସହିତ ଏପରି ସମ୍ପର୍କ ପ୍ରତିଷ୍ଠା କରୁ ଯେ ପ୍ରଭୁ ପ୍ରତି କ୍ଷଣ ଓ ପ୍ରତ୍ୟେକ କାର୍ଯ୍ୟରେ ତାର ମାର୍ଗ ଦର୍ଶନ କରିବେ । ସମସ୍ତ ବିଷୟରେ ସେ ତାର ପ୍ରିୟଭାଜନ ହେବେ ଓ ସକଳ କଥାରେ ତାଙ୍କର ସାହା ଭରସା ହେବେ । ଏହି କର୍ତ୍ତବ୍ୟକୁ ପୂରଣ କରାଇବା ପାଇଁ ପ୍ରତିଶ୍ରୁତ ମସିହ ଓ ଇମାମ୍ ମେହଦି ସଂସାରକୁ ଆସିଲେ । ସେ ବସ୍ତୁବାଦୀ ଲୋକଙ୍କୁ ଧର୍ମ ଓ ଆଧାତ୍ମିକତାର ପଥ ଦେଖାଇଲେ । ଇସଲାମର ରାଜତ୍ୱ ଓ ଶାସ୍ତ୍ରୀୟ ବିଧାନ ସେମାନଙ୍କ ହୃଦୟରେ ପ୍ରତିଷ୍ଠିତ କରାଇବା ତାଙ୍କର କାର୍ଯ୍ୟ ଥିଲା । ହଜରତ ମୁହମ୍ମଦ[ସଅ]ଙ୍କୁ ପୁଣିଥରେ ଆପଣା ସ୍ୱର୍ଗୀୟ ସିଂହାସନରେ ଉପବେଶନ କରାଇବା ତାଙ୍କର ପରମ ଲକ୍ଷ୍ୟ ଥିଲା । ଯେଉଁ ସିଂହାସନରୁ ଗାଦିଚ୍ୟୁତ କରିବା ତଥା ଉଠାଇ ଆଣିବା ପାଇଁ ଦୁଷ୍ଟ ଶକ୍ତିଗୁଡିକ ଭିତରୁ ଓ ବାହାରୁ ଅଦ୍ୟାବଧି ଆକ୍ରମଣ କରିବାରେ ଲାଗିଛନ୍ତି ।

ପ୍ରଥମ ପର୍ଯ୍ୟାୟରେ ପ୍ରତଶ୍ରୁତି ମସିହ ଓ ମେହଦି ତାଙ୍କ ଆଗମନର ଲକ୍ଷ୍ୟକୁ ପୂରଣ କରିବାର ଆଭିମୁଖ୍ୟ ଗ୍ରହଣ କରି ମୁସଲମାନମାନଙ୍କୁ ବାହ୍ୟ ଆବରଣ ପରିବର୍ତ୍ତେ ଅନ୍ତର୍ନିହିତ ସାରତତ୍ତ୍ୱ ପ୍ରତି ଧ୍ୟାନ ଫେରାଇଲେ । ଜ୍ଞାନର ବାହାର

ଖୋଳପା ଅପେକ୍ଷା ଭିତରର ବୌଦ୍ଧିକ ତତ୍ତ୍ୱଯୁକ୍ତ ରସ ଆସ୍ୱାଦନ କରାଇଲେ । ତେବେ ଦୈବୀ ଆଦେଶର ପ୍ରକାଶ୍ୟ ଭାଗ ମଧ୍ୟ ଅତ୍ୟନ୍ତ ଜରୁରୀ । କିନ୍ତୁ ମନୁଷ୍ୟ ଏହାର ଗୋପନ ତାତ୍ତ୍ୱିକ ଭାବକୁ ଭେଦ କରିବା ବ୍ୟତିରେକେ କୌଣସି ନୈତିକ ଉନ୍ନତି ଲାଭ କରିପାରିବ ନାହିଁ । ସୁତରାଂ ସେ ଏକ ଜମାଅତ ସ୍ଥାପନ କରିଥିଲେ ଓ ଦୀକ୍ଷା ଗ୍ରହଣର ସର୍ତ୍ତ ମଧ୍ୟରେ ସେ ଏହି ଘୋଷଣା କରିଥିଲେ ଯେ ଦୀକ୍ଷାଧାରୀ ଏହିପରି ସଂକଳ୍ପ କରିବ: 'ମୁଁ ସଂସାର ଠାରୁ ମୋ ଧର୍ମକୁ ଅଧିକ ପ୍ରାଧାନ୍ୟ ଦେବି' । ତେବେ ଏହା ଅହମଦୀୟା ଜମାଅତର ଏକ ସ୍ଲୋଗାନରେ ପରିଣତ ହୋଇଯାଇଛି । ଯେତେବେଳେ ମୁସଲିମମାନେ ଆସ୍ଥା ମୂଳକ ଧର୍ମର ଅଭାବରେ କବଳିତ ହୋଇଥିଲେ, ସେତେବେଳେ ସାଂସାରିକ ଖ୍ୟାତି ଓ ସମୃଦ୍ଧି ସେମାନଙ୍କ ହାତ ମୁଠାରୁ ଚାଲି ଯାଇଥିଲା । ତଥାପି ସେମାନଙ୍କର ବସ୍ତୁ ଲାଳସା ପ୍ରତି ଧ୍ୟାନ ହଟି ନଥିଲା । ସେମାନଙ୍କ ଦୃଷ୍ଟିରେ ଇସଲାମର ପ୍ରଗତିର ଅର୍ଥ କେବଳ ସାମ୍ରାଜ୍ୟ ହାସଲ ଓ କ୍ଷମତାର ଲୋଭ ହୋଇ ରହିଗଲା । ମୁସଲମାନମାନଙ୍କ ଶିକ୍ଷାରେ ପ୍ରଗତି, ଶିଳ୍ପ, ବାଣିଜ୍ୟ ଓ ରାଜନୀତି ଇତ୍ୟାଦି ରହିଥିଲା । କିନ୍ତୁ ଏହା ମୁହମ୍ମଦ[ସଅ]ଙ୍କ ଦୃଷ୍ଟିକ୍ଷେତ୍ର ଠାରୁ ବହୁତ ଦୂରରେ ଥିଲା । ସେ ଏଥି ସକାଶେ ସଂସାରକୁ ଆସି ନଥିଲେ ଯେ ଲୋକମାନେ କେବଳ ନିଜକୁ ମୁସଲମାନ ବୋଲାଇବାର ଫାଙ୍କା କୋଳାହଳ କରନ୍ତୁ । ବରଂ ସେ ଲୋକମାନଙ୍କୁ ପ୍ରକୃତ ଅର୍ଥରେ ମୁସଲମାନ ଭାବରେ ଗଢି ତୋଳିବାକୁ ଆସିଥିଲେ । ଏହାର ପ୍ରକୃତ ପରିଚୟ ପବିତ୍ର କୁରଆନ ଏହିପରି ପ୍ରଦାନ କରିଛି :

مَنْ أَسْلَمَ وَجْهَهُ لِلّٰهِ

**ମନ୍ ଅସ୍‌ଲମା ଓ୍ୱଜ୍‌ହହୂ ଲିଲ୍ଲାହି**

ଅର୍ଥାତ :'ଯିଏ ନିଜର ସମ୍ପୂର୍ଣ୍ଣ ଅସ୍ତିତ୍ୱକୁ ଅଲ୍ଲାଃ ନିକଟରେ ସମର୍ପଣ କରେ ।'

(ଅଲ ବକରା 2:113)

ଯିଏ ସତ୍‌କର୍ମ କରିବା ସହିତ ନିଜର ପାର୍ଥିବ କାମନା ଓ ସାଂସାରିକ ଅଭିଳାଷକୁ ଧାର୍ମୀକ ଅଭିଳାଷର ଅଧିନ କରିଦିଏ ।

ବସ୍ତୁତଃ ଏହା ଏକ ମାମୁଲି ବିଷୟ ପ୍ରତୀତ ହେଉଛି । କିନ୍ତୁ ବାସ୍ତବ ପକ୍ଷେ ଇସଲାମ ଓ ଅନ୍ୟାନ୍ୟ ଧର୍ମ ମଧ୍ୟରେ ଏହା ହିଁ ପ୍ରଭେଦ । କାରଣ ଯେଉଁ ବ୍ୟକ୍ତି

ନିଜର ଲକ୍ଷ୍ୟ ଓ ଅଭିଳାଷ ତଥା ଯାବତୀୟ ଆବଶ୍ୟକତା ଧର୍ମର ଚାହିଦା ପାଇଁ ଯତ୍ନ କରି ରଖେ, ସେହି ମୁସଲମାନ କେବଳ ଅଲ୍ଲାଃଙ୍କ ପାଇଁ ବଞ୍ଚି ରହେ । ତେବେ କ'ଣ ସେପରି ଧର୍ମର ଚାହିଦା ଓ ଆବଶ୍ୟକତା ନିକୃଷ୍ଟ ମାନର ହେବା ଉଚିତ ? ସାଂସାରିକ କ୍ଷେତ୍ରରେ ନ୍ୟୁନତମ ଆବଶ୍ୟକତା ଧର୍ମ ପାଇଁ ଜରୁରୀ । ତଥାପି ଇସଲାମ ଆମକୁ ରାଜନୈତିକ ଉନ୍ନତି ସାଧନ କ୍ଷେତ୍ରରେ ବାରଣ କରେ ନାହିଁ । ଇସଲାମ ଏହା କୁହେ ନାହିଁ ଯେ ତୁମେ ସାଂସାରିକ ଜ୍ଞାନ ଅର୍ଜନ କର ନାହିଁ । ତୁମେ ଶିଳ୍ପ ଓ ବାଣିଜ୍ୟ କରି ଅର୍ଥ ଉପାର୍ଜନ କର ନାହିଁ । ଏହା ମଧ୍ୟ କୁହେ ନାହିଁ ଯେ ତୁମେ ନିଜ ସରକାରଙ୍କ ହାତ ମୁଠାକୁ ଟାଣ କରିବାକୁ ଚେଷ୍ଟା କର ନାହିଁ, ବରଂ ଅନ୍ୟମାନଙ୍କ ଠାରୁ ଆମ ମଧ୍ୟରେ ଯେପରି ଏକ ଭିନ୍ନତା ପରିଲକ୍ଷିତ ହେବ । କାରଣ ଇସଲାମ କେବଳ ମନୁଷ୍ୟର ଦୃଷ୍ଟିଭଙ୍ଗୀକୁ ହିଁ ବଦଳାଏ । ତେବେ ସଂସାରରେ ସମସ୍ତ କାର୍ଯ୍ୟର ଦୁଇଟି ଦୃଷ୍ଟିଭଙ୍ଗୀ ରହିଛି । ପ୍ରଥମଟି ହେଉଛି ତତ୍ତ୍ୱର ଖୋଳପା ମଧ୍ୟରୁ ବୌଦ୍ଧିକ ରସ ବାହାର କରିବା । ଦ୍ୱିତୀୟଟି ଅନ୍ତର୍ନିହିତ କୋମଳ ରସ ମାଧ୍ୟମରେ ଶକ୍ତ ଖୋଳପାକୁ ପାଇବା । ଯେଉଁମାନେ ଉପର ଖୋଳପା ମାଧ୍ୟମରେ ଭିତରେ ଥିବା କୋମଳ ରସକୁ ଖୋଜନ୍ତି, ସେମାନେ ଏହାକୁ ପାଇବାରେ ସଫଳତା ହାସଲ କରିପାରନ୍ତି ନତୁବା ଅଧିକାଂଶ କ୍ଷେତ୍ରରେ ଏଥିରେ ବ୍ୟର୍ଥ ହୁଅନ୍ତି । କିନ୍ତୁ ଯେଉଁମାନେ ଭିତରେ ଥିବା କୋମଳ ରସ ହାସଲ କରିଥାନ୍ତି, ସେମାନଙ୍କୁ ଏଥି ସହିତ ବାହ୍ୟ ଆବରଣ ମଧ୍ୟ ମିଳିଯାଏ । ଦିବ୍ୟ ବାର୍ତ୍ତାବହ ମୁହମ୍ମଦ[ସଅ] ଓ ତାଙ୍କ ଅନୁଚରମାନେ ଧର୍ମ ରକ୍ଷା ପାଇଁ ସଂପୂର୍ଣ୍ଣ ଉତ୍ସର୍ଗୀକୃତ ଜୀବନ ଅର୍ପଣ କରିଥିଲେ । କିନ୍ତୁ ସେମାନେ ସାଂସାରିକ ଜୀବନରେ ସୁଖ ସମୃଦ୍ଧି ଲାଭ କରିବାରୁ ମଧ୍ୟ ବଞ୍ଚିତ ହୋଇ ନଥିଲେ । ତେଣୁ ଏହା ଏକ ସ୍ୱାଭାବିକ କଥା ଯେ ଯେଉଁମାନଙ୍କୁ ଧର୍ମ ମିଳିବ, ସଂସାର ତା ପଛରେ ପୋଇଲି ଭୃତ୍ୟ ପରି ଗୋଡାଇବ । କିନ୍ତୁ ସଂସାର ସହିତ ଧର୍ମ ମିଳିବା ଜରୁରୀ ନୁହେଁ । ଅନେକ ସମୟରେ ତାହା ତାଙ୍କ ଭାଗ୍ୟରେ ଜୁଟେ ନାହିଁ । ବେଳେବେଳେ ଧର୍ମକୁ ସେମାନେ ହରାଇ ବସନ୍ତି । ଯଦିବା କିଛିଟା ହାସଲ ହୁଏ, ସେତକ ମଧ୍ୟ ହାତରୁ ଚାଲି ଯାଇଥାଏ ।

ପ୍ରତିଶ୍ରୁତ ମସିହ ହଜରତ ମିର୍ଜା ଗୁଲାମ ଅହମଦ[ଅସ] ଅବତାରମାନଙ୍କ ଅନୁସୃତ ପନ୍ଥାରେ ଯାଇ ଈଶ୍ୱରଙ୍କ ଆଜ୍ଞା ବଳରେ ଧର୍ମ ଉପରେ ଗୁରୁତ୍ୱ ଦେବା ଆରମ୍ଭ କଲେ । ଯେତେବେଳେ ସେ ପ୍ରକାଶମାନ ହେଲେ, ମୁସଲମାନମାନଙ୍କ ମଧ୍ୟରେ ଅନେକ ଭୀତି ସଂଚାର ହେଲା । ସେତେବେଳେ ଦୁଇଗୋଟି ଆନ୍ଦୋଳନ ରୂପ

ନେଲା । ଗୋଟିଏ ହେଉଛି ଯେ ମୁସଲିମ ଦୁର୍ବଳ ହୋଇଯାଇଥିବା ଯୋଗୁଁ ଆମେ କେବଳ ପାର୍ଥିବ ଶକ୍ତି ହାସଲ କରିବାକୁ ଚେଷ୍ଟା କରିବା । କିନ୍ତୁ ଅନ୍ୟ ଆନ୍ଦୋଳନଟି ଥିଲା ପ୍ରତିଶ୍ରୁତ ମସିହ ଓ ମେହଦିଙ୍କ ଦ୍ୱାରା ସଂସ୍କାର ମୂଳକ କାର୍ଯ୍ୟକ୍ରମ । ସେ କହିଥିଲେ 'ଆସ, ଆମେ ଧର୍ମ ପାଇଁ କାର୍ଯ୍ୟ କରିବା, ଯାହାର ଫଳ ସ୍ୱରୂପ ଅଲ୍ଲାଃ ଆମମାନଙ୍କୁ ଆପଣା ଛାଏଁ ସଂସାର ମଧ୍ୟ ଅର୍ପଣ କରିବେ' ।

କେତେକ ବ୍ୟକ୍ତି ଭୁଲ ବଶତଃ ଅହମଦୀୟା ସମ୍ପ୍ରଦାୟକୁ ସୁଫିବାଦ ସହିତ ତୁଳନା କରି ଏହାର ସାଦୃଶ୍ୟ ଆଖ୍ୟା ଦେଇଛନ୍ତି । ଯେଉଁ ମୁସଲମାନମାନେ ଯୋଗୀ ଋଷି ପରି ପ୍ରକାଶ୍ୟ ଭାବେ ନମାଜ ଓ ରୋଜା (ଧ୍ୟାନ ଓ ବ୍ରତ ଉପାସନା)କୁ ଅଧିକ ମହତ୍ୱ ଦେଇଥାନ୍ତି, ସେମାନଙ୍କୁ ସାଧୁ ସନ୍ୟାସୀଙ୍କ ପରି ଏକ ଧର୍ମପୀଠର ଚାରିକାନ୍ଥ ଭିତରେ ବସାଇ ଦେଇଥାନ୍ତି, ଯେଉଁମାନଙ୍କୁ ପରଦାବୃତ୍ତ ନାରୀ ସଦୃଶ ଛାଡି ଦିଆଯାଏ । ଯଦି ପ୍ରତିଶ୍ରୁତ ମସିହ ଏହିପରି କିଛି କାର୍ଯ୍ୟ କରି ଥାନ୍ତେ, ତେବେ ଅବଶ୍ୟ ସେ କୋମଳ ରସ ନାମରେ ଏକ ଶକ୍ତ ଖୋଳପା ହାସଲ କରିବା ପାଇଁ ନିଜ ଅନୁଗାମୀଙ୍କୁ କହିଥାନ୍ତେ । ବରଂ ସେ ସତ୍ୟ ଧର୍ମ ପ୍ରତି ଅନୁରକ୍ତ ହେବା ଉପରେ ଜୋର ଦେଇଥିଲେ । ଏଥି ପ୍ରତି ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ ଯେ ବାସ୍ତବ ଧର୍ମ ପାଳନ ଆମ ବୁଦ୍ଧିକୁ ତୀକ୍ଷଣ କରାଏ ଓ ଆମ ମନ ମସ୍ତିସ୍କକୁ ପ୍ରଜ୍ଜ୍ୱଳିତ କରାଏ । ଆମ ନୈତିକ ମୂଲ୍ୟବୋଧର ସ୍ତରକୁ ରସାଣିତ କରିଥାଏ, ସତ୍‌କର୍ମ କରିବାର ଇଚ୍ଛା ଜାଗ୍ରତ କରେ ତଥା ଆମ ଭିତରେ ରହିଥିବା ଆତ୍ମ ବଳିଦାନର ସ୍ପୃହା ବୃଦ୍ଧି କରେ । ସେ କହିଥିଲେ ଯେ ଯେଉଁ ବ୍ୟକ୍ତି ସ୍ୱଚ୍ଛ ମନରେ ଧର୍ମ ପାଳନ କରେ ଓ କୌଣସି ଉପର ଠାଉରିଆ ନୀତି ଅବଲମ୍ୱନ କରେ ନାହିଁ, ତା ମଧ୍ୟରେ ଉତ୍ତମ ଚାରିତ୍ରିକ ବିକାଶ ଘଟିଥାଏ । ତୁମେ ସେହି ନମାଜ ପଢ, ସେହି ରୋଜା ରଖ, ସେହି ଜକାତ ଦିଅ ଓ ସେହି ହଜ୍ କର ଯାହାର ଉପାଦେୟତା ସମ୍ୱନ୍ଧରେ କୁରଆନ ତୁମକୁ ଶିକ୍ଷା ଦେଇଛି । କୁରଆନ ତୁମକୁ ଉଠବସ କରି ଶାରୀରିକ ବ୍ୟାୟାମ ମୂଳକ ନମାଜ ଶିଖାଉ ନାହିଁ । ଭୋକ ଶୋଷର ବ୍ୟର୍ଥ ରୋଜାର ତୁମଠାରୁ ଆଶା ରଖୁନାହିଁ । ଅକାରଣରେ ଧନକୁ ପାଣିରେ ପକାଇ କରାଯାଉଥିବା ଦାନଧର୍ମ ପାଇଁ ପ୍ରବର୍ତ୍ତାଉ ନାହିଁ କିମ୍ୱା ତୀର୍ଥଯାତ୍ରାର ବାହ୍ୟ ପ୍ରଦର୍ଶନ ପାଇଁ ଦେଶ ଛାଡି ଚାଲିଯିବାକୁ କହୁ ନାହିଁ । ସୁତରାଂ ପବିତ୍ର କୁରଆନ ନମାଜ ସମ୍ୱନ୍ଧରେ ଏହିପରି କହିଥାଏ :

اِنَّ الصَّلٰوةَ تَنۡهٰی عَنِ الۡفَحۡشَآءِ وَ الۡمُنۡکَرِ ؕ وَ لَذِکۡرُ
اللّٰہِ اَکۡبَرُ ؕ وَ اللّٰہُ یَعۡلَمُ مَا تَصۡنَعُوۡنَ

**ଇନ୍‌ନସ୍ ସଲାତା ତନ୍‌ହା ଅନିଲ୍‌ଫହ୍‌ଶାଏ ୱ୍‌ଲମୁନ୍‌କରି ୱ୍‌ଲଜିକ୍‌ରୁଲ୍ଲାହୀ ଅକ୍‌ବର୍ । ୱ୍‌ଲ୍ଲାହୁ ୟାଲମୁ ମା'ତସ୍‌ନଉନ୍ ।**

ଅର୍ଥାତ 'ବାସ୍ତବରେ ନମାଜ ସମସ୍ତ ପ୍ରକାର ଅଶ୍ଳୀଳ ଓ ମନ୍ଦ କାର୍ଯ୍ୟରୁ ନିବୃତ୍ତ କରେ । ଅଲ୍ଲାଃଙ୍କୁ ସ୍ମରଣ କରିବା ସର୍ବୋତ୍କୃଷ୍ଟ କାର୍ଯ୍ୟ' (ଅନକବୁତ 29:46 )

କିନ୍ତୁ ନମାଜର ମହାତ୍ମ୍ୟ ଯାହା କୁରଆନ ଆମକୁ ବତାଇଛି, ଯଦି ତଦନୁଯାୟୀ ଫଳପ୍ରଦ ହେବ ନାହିଁ, ତା'ହେଲେ ଆମର ସେହି ନମାଜର କୌଣସି ମୂଲ୍ୟ ରହିବ ନାହିଁ । ସେହିପରି ରୋଜା ସମ୍ବନ୍ଧରେ କୁରଆନ କୁହେ :

**ଲାଅଲ୍ଲକୁମ୍ ତତ୍‌ତକୁନ୍** لَعَلَّكُمۡ تَتَّقُوۡنَ

ଅର୍ଥାତ 'ରୋଜା ବା ଉପବାସ ଆମକୁ ହୃଦୟରେ ଧର୍ମନିଷ୍ଠା ଓ ଈଶ୍ୱର ଭୟ ଜାତ କରାଇ ଆମକୁ ବିଶୁଦ୍ଧ କରାଏ ଓ ଆମ ନୈତିକତାର ମାନକୁ ବୃଦ୍ଧି କରିଥାଏ ।' (ଅଲ ବକରା 2:184)

ଯଦି ତୁମେ ରୋଜା ରଖିଛ ଅଥଚ ଏହା ତୁମକୁ କୌଣସି ଉତ୍ତମ ଫଳ ଦେବା ନାହିଁ, ତେବେ ଏଥିରୁ ଜଣା ପଡୁଛି ଯେ ତୁମର ସଂକଳ୍ପ ଠିକ୍ ନାହିଁ ଅଥବା ତୁମ ହୃଦୟ ସ୍ୱଚ୍ଛ ନୁହେଁ । ତାହାକୁ ରୋଜ କୁହାଯିବ ନାହିଁ, ବରଂ ତୁମେ ନିଜକୁ କେବଳ ଭୋକିଲା ରଖୁଛ । ତୁମର କେବଳ ଆହାର ପାନୀୟ ବର୍ଜନ କରିବାକୁ ଅଲ୍ଲାଃ କେବେବି ଚାହାନ୍ତି ନାହିଁ । ତଦନୁରୂପ ହଜ ବା ମକ୍କାକୁ ତୀର୍ଥଯାତ୍ରାର ଉଦ୍ଦେଶ୍ୟ କୁରଆନ ଅନୁଯାୟୀ ମନୁଷ୍ୟ ମନର ବିଦ୍ରୋହାତ୍ମକ ଭାବନା ଓ ପାରସ୍ପରିକ ବିବାଦକୁ ଦୂର କରିବା ଏବଂ ଏହା ମାଧ୍ୟମରେ ଆନ୍ତର୍ଜାତିକ ସଦଭାବ ପ୍ରତିଷ୍ଠା ହୋଇଥାଏ ଓ ବିଶ୍ୱ ଭ୍ରାତୃଭାବ ବୃଦ୍ଧି ପାଇଥାଏ । ସେହିପରି ପବିତ୍ର କୁରଆନ କୁହେ; خُذۡ مِنۡ اَمۡوَالِهِمۡ صَدَقَةً تُطَهِّرُهُمۡ وَتُزَكِّيۡهِمۡ بِهَا

**ଖୁଜ୍‌ମିନ୍ ଅମ୍‌ୱ୍ୱାଲିହିମ୍ ସଦକତନ୍ ତୁତହ୍‌ହିରୁହୁମ୍ ୱ୍‌ତୁଜକ୍‌କିହିମ୍ ବିହା ।**

ଅର୍ଥାତ: '(ହେ ରସୁଲ) ସେମାନଙ୍କର ସମ୍ପତ୍ତିରୁ ଦାନ ଗ୍ରହଣ କର, ଯଦ୍ଦ୍ୱାରା ତୁମେ ସେମାନଙ୍କୁ ପବିତ୍ର କରାଇ ପାରିବ ।' (ଅଲ ତୌବା 9:103),

ଏହି ଆୟତରେ କୁହାଯାଇଛି ଯେ ଜକାତ ମନୁଷ୍ୟର ବ୍ୟକ୍ତିଗତ, ଜାତିଗତ ବା ସମ୍ପ୍ରଦାୟଗତ ଭାବନାକୁ ପବିତ୍ର କରାଏ । ଆତ୍ମଶୁଦ୍ଧି କରିବା ତଥା ମନଧାନକୁ ସ୍ୱଚ୍ଛ କରିବା ପାଇଁ ଏହା ନିର୍ଦ୍ଧାରଣ କରାଯାଇଛି । ଯେପର୍ଯ୍ୟନ୍ତ ସେମାନେ ଅଶିଷ୍ଟତା, ଅଶ୍ଳୀଳତାକୁ ଦୂରରେ ରଖି ମନରେ ଅଲ୍ଲାଃଙ୍କ ଭୟ ଜାଗ୍ରତ କରି ନାହାନ୍ତି ଓ ଯେଉଁମାନେ ଏହାର ସୁଫଳ ପାଇ ନାହାନ୍ତି, ପବିତ୍ର କୁରଆନର ଶିକ୍ଷା ଅନୁଯାୟୀ ଏହି ଦାନ କେବଳ ଉପର ଠାଉରିଆ ହେବ ଓ ସେମାନେ ପ୍ରକୃତ ଜକାତ ପ୍ରଥାରେ ପହଞ୍ଚିନାହାନ୍ତି ବୋଲି ଧରାଯିବ । ଯେପର୍ଯ୍ୟନ୍ତ ଆମ ଚିନ୍ତାଧାରା ସଂକୀର୍ଣ୍ଣତା ଠାରୁ ଦୂରେଇ ନାହିଁ, କୁରଆନ ଆମର ନମାଜ, ରୋଜା, ଜକାତ୍ ଓ ହଜ୍‌ରେ ମୋହର ମାରିବ ନାହିଁ । ପ୍ରତିଶ୍ରୁତ ମସିହଙ୍କ ଘୋଷଣା ଅନୁଯାୟୀ କୁରଆନର ଯେଉଁ ଶିକ୍ଷା ଏସବୁ ଶୁଦ୍ଧପୂତ କର୍ମବିଧି ଆପଣାଇବା ପାଇଁ ପ୍ରବର୍ତ୍ତାଇ ଥିଲା, ଯଦି ସେ ସବୁକୁ ଜଣେ ଅହମଦି ହାସଲ କରେ ନାହିଁ, ତେବେ ସେ ବାସ୍ତବରେ ଅହମଦୀ ବୋଲାଇ ପାରିବ ନାହିଁ । କାରଣ ସେମାନେ ବାହ୍ୟ ପ୍ରଦର୍ଶନକୁ ଗ୍ରହଣ କରିଛନ୍ତି, କିନ୍ତୁ ଅନ୍ତର୍ନିହିତ ଗୁଣକୁ ଅନୁଭବ କରି ନାହାନ୍ତି । ସୁତରାଂ ଅଲ୍ଲାଃ ଆମ ଭିତର ସ୍ତରର ମୂଲ୍ୟାଙ୍କନ କରନ୍ତି, ଉପର ସ୍ତରକୁ ନୁହେଁ । ଏହା ହିଁ ଈଶ୍ୱରଙ୍କ ଅଭିପ୍ରାୟ ।

ସୁତରାଂ ପ୍ରତିଶ୍ରୁତ ମସିହ ବାହ୍ୟ କଳେବର ଠାରୁ ଅନ୍ତରର ସ୍ପୃହାକୁ ଅଧିକ ମହତ୍ୱ ଦେବା ପାଇଁ ଯୋର ଦେଇଥିଲେ । ସେ କହିଥିଲେ, ଇସଲାମର ଏପରି କୌଣସି ଗୋଟିଏ ହେଲେବି ଆଦେଶ ନାହିଁ, ଯାହା ଅକାରଣ ଯିବ ଓ ତାତ୍ପର୍ଯ୍ୟ ହୀନ ହେବ । ପାର୍ଥୀବ ଚକ୍ଷୁ ଦ୍ୱାରା ଈଶ୍ୱରଙ୍କୁ ଦେଖି ହୁଏ ନାହିଁ । କିନ୍ତୁ ପବିତ୍ର ହୃଦୟ ଦ୍ୱାରା ସେ ଦେଖା ଯାଆନ୍ତି । ଈଶ୍ୱରଙ୍କୁ ହାତ ଦ୍ୱାରା ସ୍ପର୍ଶ କରି ହୁଏ ନାହିଁ, ମାତ୍ର ପ୍ରେମ ଓ ଭକ୍ତି ଦ୍ୱାରା ତାଙ୍କୁ ସ୍ପର୍ଶ କରିହୁଏ । ଈଶ୍ୱର ମନୁଷ୍ୟର ପଞ୍ଚେନ୍ଦ୍ରୀୟ ବା ବାହ୍ୟ କାର୍ଯ୍ୟକଳାପ ଉପରେ ଶାସନ କରନ୍ତି ନାହିଁ, ବରଂ ଯେବେବି ସେ ହସ୍ତ ଓ ଚକ୍ଷୁ ଉପରେ ପ୍ରଭୁତ୍ୱ ଜାହିର କରନ୍ତି, ମନର ଶୁଦ୍ଧତା ତଥା ହୃଦୟର ଆବେଗ ଉପରେ କାୟା ବିସ୍ତାର କରିଥାନ୍ତି । ଯଦ୍ୱାରା ମନୁଷ୍ୟର ଚିନ୍ତାଧାରାକୁ ଅନୁଭବ କରିବା ଏକ ଆଦେଶ ହେବ । ମନୁଷ୍ୟ ହୃଦୟରେ ଏକ ଶକ୍ତି ସଞ୍ଚାରିତ ହେବ, ଯାହା ଫଳରେ ସେ ପ୍ରଭୁଙ୍କୁ ସ୍ପର୍ଶ କରି ପାରିବ ଓ ତାହାର ଅନ୍ତରାତ୍ମା ପ୍ରଭୁଙ୍କର ସ୍ୱର ଶୁଣିପାରିବ । ସୁତରାଂ ଏହି ମୌଳିକ ସତ୍ୟ ଉପରେ ଗୁରୁତ୍ୱାରୋପ କରି ପ୍ରତିଶ୍ରୁତ ମସିହ ଇସଲାମର ଉନ୍ନତି ପାଇଁ ଏକ ପ୍ରଶସ୍ତ ମାର୍ଗ ଉନ୍ମୁକ୍ତ କରିଦେଲେ । ତାଙ୍କ ଚତୁର୍ପାର୍ଶ୍ୱରେ ଏକ ଅଳ୍ପ ସଂଖ୍ୟକ ଅନୁଗାମୀଙ୍କ ସମ୍ପ୍ରଦାୟ ଥିଲା । ଏପରି ଏକ

ସମ୍ପ୍ରଦାୟ ସୃଷ୍ଟି ହେଲା, ଯାହା ଧର୍ମକୁ ସଂସାର ଠାରୁ ଅଗ୍ରାଧିକାର ପ୍ରଦାନ କଲା । ଇସଲାମର ଆଧ୍ୟାତ୍ମିକ ଉନ୍ନତି କଳ୍ପେ ସବୁ ପ୍ରକାର ତ୍ୟାଗ ଓ ବଳିଦାନ ସ୍ୱୀକାର କଲା । ପବିତ୍ର ବାର୍ତ୍ତାବହ ମୁହମ୍ମଦ[ସଅ]ଙ୍କ ଐଶି ସାମ୍ରାଜ୍ୟ ଗଢିବାର ସ୍ୱପ୍ନ ସାକାର କରିବା ପାଇଁ ସକଳ ଉଦ୍ୟମ ଆରମ୍ଭ କରାଗଲା । ଆପଣମାନେ ଟିକିଏ ଭାବନ୍ତୁ ତ ! କେଉଁଠାରେ ଅହମଦୀୟା ଜମାଅତ ଭଳି ଏକ କ୍ଷୁଦ୍ର ସମ୍ପ୍ରଦାୟ ଓ ଅନ୍ୟ କେଉଁଠାରେ ବାକି ସମସ୍ତ ମୁସଲମାନମାନଙ୍କର ଏକ ବିଶାଳକାୟ ଗୋଷ୍ଠୀ । କିନ୍ତୁ ଇସଲାମର ପ୍ରଚାର ଓ ପ୍ରସାର ପାଇଁ ଯାହା କିଛି ଅହମଦୀୟା ସମ୍ପ୍ରଦାୟ କରୁଛନ୍ତି, ତାର ତୁଳନାରେ ଅବଶିଷ୍ଟ ମୁସଲମାନ ଯେଉଁମାନେ ତାଙ୍କଠାରୁ ସଂଖ୍ୟାରେ ହଜାର ଗୁଣା ଅଧିକ ସେମାନେ ସେହି କାର୍ଯ୍ୟର ଅର୍ଦ୍ଧେକ ବା ଏକ ଚତୁର୍ଥାଂଶ ବି କରୁନାହାନ୍ତି । ତେବେ ଏହି ପରିବର୍ତ୍ତନ କାହିଁକି ହେଲା ? ଏଥିପାଇଁ ପ୍ରତିଶ୍ରୁତ ମସିହଙ୍କ ଶିକ୍ଷାକୁ ଅହମଦୀମାନେ ଅଧିକ ଗୁରୁତ୍ୱ ଦେଇଛନ୍ତି । ଯେତେ ଶୀଘ୍ର ଅହମଦୀ ଏହାର ସତ୍ୟତାର ମୂଲ୍ୟକୁ ବୁଝିନେଲେ, ସେମାନଙ୍କ ନିତିଦିନିଆ ଧର୍ମ ପାଳନ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ହୋଇଗଲା । ଏହି ବାସ୍ତବିକତା ଅହମଦୀମାନଙ୍କ ଉପରେ ସ୍ପଷ୍ଟ ଦିବାଲୋକ ସଦୃଶ ଖୋଲିଗଲା । ଯାହାର ପରିଣାମ ସ୍ୱରୂପ ଜଣେ ଅହମଦୀର ନମାଜ ସେପରି ହୋଇ ରହିଲା ନାହିଁ ଯେପରି ଅନ୍ୟ ସାଧାରଣ ମୁସଲିମ ପଢିଥାଏ । ନମାଜର ବାହ୍ୟ ପରିପାଟୀ ଏକା ଓ ଅଙ୍ଗଭଙ୍ଗୀ ମଧ୍ୟ ସମାନ, ପଢିବାର ଶୈଳୀ ଓ ପଢା ଯାଉଥିବା ମନ୍ତ୍ର ମଧ୍ୟ ଏକା ପ୍ରକାରର । କିନ୍ତୁ ଭିତର ମର୍ମ ଅଲଗା । ଜଣେ ଅହମଦୀ ନମାଜକୁ କେବଳ ନମାଜର ପ୍ରକୃତ ଉଦ୍ଦେଶ୍ୟ ରଖି ପଢିଥାଏ । ଅଲ୍ଲାଃଙ୍କ ସହିତ ଯୋଗସୂତ୍ର ସ୍ଥାପନ କରିବା ପାଇଁ ସେ ନମାଜ ପଢିଥାଏ । ଯଦି କେହି ପଚାରେ ଅନ୍ୟମାନେ କଣ ଈଶ୍ୱରଙ୍କ ସହିତ ସମ୍ପର୍କ ବୃଦ୍ଧି କରିବା ଉଦ୍ଦେଶ୍ୟରେ ନମାଜ ପଢନ୍ତି ନାହିଁ ? ମୋର ଉତ୍ତର ହେବ ନା କଦାପି ନୁହେଁ । ଯଦି ଆପଣ ଧ୍ୟାନ ଦେବେ, ତେବେ ଜାଣିପାରିବେ ଯେ ଦୁର୍ଭାଗ୍ୟ ବଶତଃ ବର୍ତ୍ତମାନ ମୁସଲିମମାନଙ୍କ ମନରେ ଏହି ଧାରଣା ସୃଷ୍ଟି ହୋଇଗଲାଣି ଯେ ଈଶ୍ୱରଙ୍କ ସହିତ ସିଧା ସଳଖ ସମ୍ପର୍କ ସ୍ଥାପନ କରାଯାଇ ପାରିବ ନାହିଁ ଓ ତାହାଙ୍କ ସହିତ ପ୍ରତ୍ୟକ୍ଷ ଭାବେ ଯୋଗାଯୋଗ ସମ୍ଭବ ନୁହେଁ । ସେମାନେ ଏହି ଭ୍ରମ ଧାରଣାରେ ପଡିଛନ୍ତି ଯେ ଆଜି ଅଲ୍ଲାଃ ନିଜ ଭକ୍ତର ଡାକ ଶୁଣୁ ନାହାନ୍ତି କି ଭକ୍ତ ଅଳି କରି ତାଙ୍କଠାରୁ କୌଣସି ବିଷୟ ରାଜି କରାଇ ପାରିବ ନାହିଁ । ବର୍ତ୍ତମାନ ପ୍ରାୟ ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି, କିନ୍ତୁ ମୁସଲିମମାନେ ଐଶ୍ୱରିକ ବାଣୀ

ଅବତୀର୍ଣ୍ଣ ହେବାର ସମ୍ଭାବନାକୁ ଅସ୍ୱୀକାର କରି ଦେଇଛନ୍ତି । ଯାହା ନିଃସନ୍ଦେହରେ ଏଥିପୂର୍ବରୁ ମୁସଲମାନମାନଙ୍କ ମଧ୍ୟରେ ଅନେକ ସିଦ୍ଧ ପୁରଷ ଥିଲେ, ଯେଉଁମାନେ ଐଶ୍ୱରିକ ବାଣୀର ପ୍ରକଟନକୁ ବିଶ୍ୱାସ କରୁଥିଲେ । କେତେକ ଏହି ପ୍ରକଟିତ ଦୈବୀବାଣୀର ସତ୍ୟକୁ ପାଇବ । ଈଶ୍ୱରଙ୍କ ସହିତ ବାର୍ତ୍ତାଳାପ କରୁଥିବାର ଦାବି ମଧ୍ୟ କରିଥିଲେ । କିନ୍ତୁ ବର୍ତ୍ତମାନ ଏକ ଶତାବ୍ଦୀ ହେଲା ମୁସଲମାନମାନଙ୍କୁ ଏହି ବିଡମ୍ବନା ଗ୍ରାସ କରିଛି ଯେ ଐଶିବାଣୀର ଅବାରିତ ଧାରା ପ୍ରବାହକୁ ସଂପୂର୍ଣ୍ଣ ଭାବେ ଖଣ୍ଡନ କରିଛନ୍ତି । ଏପରି କି କେତେକ କ୍ଷମତା ସମ୍ପନ୍ନ ମୁସଲିମ ବିଦ୍ୱାନ ଏହି ବାସ୍ତବିକତାର ପରିପ୍ରକାଶକୁ କୁଫର ବା ଧର୍ମଦ୍ରୋହର ଆଖ୍ୟା ଦେଇଛନ୍ତି । ପ୍ରତିଶ୍ରୁତ ମସିହ ହଜରତ ଅହମଦ[ଅସ] ଆସି ସଂସାର ସମ୍ମୁଖରେ ଏହି ଦାବି କରିଥିଲେ ଯେ ମୋ ସହିତ ଈଶ୍ୱର କଥାବାର୍ତ୍ତା ହେଉଛନ୍ତି ଓ କେବଳ ମୁଁ ନୁହେଁ ଅନ୍ୟ ଯେ କେହି ମୋର ସତ୍ୟ ଅନୁଗାମୀ ହେବେ ଓ ମୋର ପଦାଙ୍କ ଅନୁସରଣ କରିବେ ତଥା ମୋ ଶିକ୍ଷାରେ ଅନୁପ୍ରାଣିତ ହୋଇ ମୋର ନିର୍ଦ୍ଦେଶକୁ ଗ୍ରହଣ କରିବେ, ଈଶ୍ୱର ସେମାନଙ୍କୁ ସାକ୍ଷାତ ଦର୍ଶନ ଦେବେ ଓ ତାଙ୍କ ସହିତ ବାର୍ତ୍ତାଳାପ କରିବେ ।  ସୁତରାଂ ସେ ଐଶି ପ୍ରାପ୍ତ ବାଣୀକୁ ନିରନ୍ତର ଭାବେ ମାନବ ଜଗତ ସମ୍ମୁଖରେ ଉପସ୍ଥାପନ କଲେ । ସେ ନିଜ ଅନୁଗାମୀମାନଙ୍କୁ ପ୍ରବର୍ତ୍ତାଇଲେ ଯେ ତୁମେମାନେ ମଧ୍ୟ ଈଶ୍ୱରଙ୍କ ଠାରେ ଭକ୍ତିପୂତ ନୈବେଦ୍ୟ ଅର୍ପଣ କର ଓ ତାହାଙ୍କ ଠାରୁ ପୁରସ୍କାର ଲାଭ କରିବାର ପ୍ରୟାସ କର । ସେ କହିଲେ ଯେ ମୁସଲମାନ ଦୈନିକ ପାଞ୍ଚବେଳା ଅଲ୍ଲାଃଙ୍କୁ ଏହି ଦୁଆ ମାଗିଥାନ୍ତି :

اِهۡدِنَا الصِّرَاطَ الۡمُسۡتَقِيۡمَ صِرَاطَ الَّذِيۡنَ اَنۡعَمۡتَ عَلَيۡهِمۡ

**ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମା ସିରାତଲ୍‌ଲଜିନା ଅନ୍‌ଅମ୍‌ତା ଆଲୈହିମ୍ ।।**

ଅର୍ଥାତ 'ହେ ଅଲ୍ଲାଃ ! ଆମମାନଙ୍କୁ ସରଳ ମାର୍ଗରେ ପରିଚାଳିତ କରାଅ ସେମାନଙ୍କ ମାର୍ଗରେ ଯାହାଙ୍କୁ ତୁମେ ପୁରସ୍କୃତ କରିଅଛ ।'

ଅର୍ଥାତ ପୂର୍ବତନ ଅବତାରମାନଙ୍କ ସତ୍‌ମାର୍ଗ । ପୁଣି ଏହା କିପରି ହୋଇପାରେ ଯେ ଏହି ପ୍ରାର୍ଥନା ସଦା ସର୍ବଦା ପାଇଁ ବ୍ୟର୍ଥ ଓ ଅକାରଣ ହୋଇଯିବ ? ଏବଂ ପ୍ରଭୁ ମୁସଲମାନମାନଙ୍କ ମଧ୍ୟରୁ କାହା ପାଇଁ ମଧ୍ୟ ସେହି ରାସ୍ତା ଖୋଲି ନଥାନ୍ତେ ଯାହା

ପୂର୍ବରୁ ଆସି ଥିବା ନବୀମାନଙ୍କ ପାଇଁ ଖୋଲା ଯାଇଥିଲା । ଏବଂ କୌଣସି ବ୍ୟକ୍ତି ସହ ସେପରି ବାର୍ତ୍ତାଳାପ କରନ୍ତେ ନାହିଁ, ଯେପରି ପୂର୍ବବର୍ତ୍ତୀ ନବୀମାନଙ୍କ ସହିତ ବାର୍ତ୍ତାଳାପ କରୁଥିଲେ ? ଏହିପରି ଭାବରେ ହଜରତ ଅହମଦ[ଅସ] ସକଳ ଅବାସ୍ତବ ଚିନ୍ତାଧାରାକୁ ସଂପୂର୍ଣ୍ଣ ରୂପେ ଦୂର କରିଦେଲେ, ଯାହା ମୁସଲମାନମାନଙ୍କ ହୃଦୟରେ ବସା ବାନ୍ଧିଥିଲା । ମୁଁ ଏହା କହୁ ନାହିଁ ଯେ ପ୍ରତ୍ୟେକ ଅହମଦୀ ନମାଜକୁ ଯଥାର୍ଥ ଭାବେ ସମ୍ପାଦନ କରନ୍ତି । ବରଂ ସେହିପରି ପ୍ରତ୍ୟେକ ଅହମଦୀ ଯେଉଁମାନେ ହଜରତ ମସିହ ମଉଦ[ଅସ]ଙ୍କ କହିବାର ଉଦ୍ଦେଶ୍ୟକୁ ବୁଝି ନେଇଛନ୍ତି, ସେମାନେ ନମାଜକୁ କେବଳ କର୍ତ୍ତବ୍ୟ ଦୃଷ୍ଟିରୁ ନୁହେଁ, ବରଂ ନମାଜକୁ ଏପରି ପାଠ କରନ୍ତି ଯେପରି ସେ ପ୍ରଭୁଙ୍କ ଠାରୁ କିଛି ଆଣିବାକୁ ଯାଉଛନ୍ତି । ସେ ଅଲ୍ଲାଃଙ୍କ ସହିତ ନିବିଡ଼ ସମ୍ପର୍କ ସ୍ଥାପନ କରିବା ସକାଶେ ଯାଇଛନ୍ତି । ଏହି ଉଦ୍ଦେଶ୍ୟ ଓ ସଂକଳ୍ପ ନେଇ ଯେଉଁ ବ୍ୟକ୍ତି ନମାଜ ପଢିବ, ଏଥିରୁ ଜଣେ ବୁଝି ପାରିବ ଯେ ତା'ର ନମାଜ ଓ ଅନ୍ୟମାନଙ୍କ ନମାଜ କେବେ ଏକା ପରି ହୋଇପାରିବ ନାହିଁ । ସେ ଅଲ୍ଲାଃଙ୍କ ସହିତ ସମ୍ପର୍କ ଯୋଡିବା ପ୍ରତି ଏପରି ଜୋର ଦେଇଥିଲେ ଯାହାକୁ ସତ୍ୟସିଦ୍ଧ କରିବା ପାଇଁ କହିଥିଲେ : 'ମୋର ଏହି ଦାବିକୁ ମାନ୍ୟତା ଦେବା ପାଇଁ ଈଶ୍ୱର ଅନେକ ପ୍ରମାଣକୁ ନିଦର୍ଶନ କରି ଦେଖାଇଛନ୍ତି । ମାତ୍ର ମୁଁ ତୁମକୁ ଏହା କହୁ ନାହିଁ ଯେ ତୁମେ ଏହି ପ୍ରମାଣଗୁଡିକ ଉପରେ ଚିନ୍ତା କର ଓ ଏଥିପ୍ରତି ଅଯଥା ଧ୍ୟାନ ଦିଅ । ଯଦି ଏହିସବୁ ଚିହ୍ନ ପ୍ରତି ତୁମମାନଙ୍କର ବିଚାର କରିବାକୁ ସମୟ ନାହିଁ ବା ତୁମକୁ ଏହାର ପ୍ରୟୋଜନ ନାହିଁ ଅଥବା ଭାବୁଛନ୍ତି ଯେ ଆମର ନିଜସ୍ୱ ବିଚାର ବୁଦ୍ଧି ଦ୍ୱାରା ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବା ବେଳେ କାଳେ କୌଣସି ଭୁଲ କରି ବସିବୁ, ତେବେ ମୁଁ ତୁମମାନଙ୍କୁ ଏଥିପ୍ରତି ଧ୍ୟାନ ଦେବାକୁ କହୁଛି ଯେ ତୁମେ ଅଲ୍ଲାଃଙ୍କ ନିକଟରେ ମୋ ସମ୍ବନ୍ଧରେ ପ୍ରାର୍ଥନା କର ଓ ପ୍ରଭୁଙ୍କ ଠାରୁ ସାହାଯ୍ୟ ଭିକ୍ଷା କର ଯେ ଯଦି ଏହି ବ୍ୟକ୍ତି ସତ୍ୟବାଦୀ, ତା'ହେଲେ ତୁମ୍ଭେ ଆମର ସଠିକ ମାର୍ଗ ଦର୍ଶନ କରନ୍ତୁ । କିନ୍ତୁ ଯଦି ସେ ଏହି ଦାବୀରେ ମିଥ୍ୟ କହୁଛି ତେବେ ଆମକୁ ତା'ଠାରୁ ଦୁରେଇ ରଖନ୍ତୁ । ସେ ପୁଣି କହିଥିଲେ ଯଦି କୌଣସି ବ୍ୟକ୍ତି ନିର୍ମଳ ହୃଦୟରେ ମନରେ କୌଣସି ଦ୍ୱିଧା ନରଖି କିଛି ଦିନ ପର୍ଯ୍ୟନ୍ତ ଏହିପରି ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କରି ପାରିବେ, ତେବେ ଅଲ୍ଲାଃତାଲା ନିଶ୍ଚୟ ତା ପାଇଁ ସତଶିକ୍ଷାର ପଥ ଖୋଲିଦେବେ ଓ ମୋର ସତ୍ୟତାର ଆଲୋକରେ ତାକୁ ଆଲୋକିତ କରିଦେବେ । ଏପରି ଶତ ସହସ୍ର ବ୍ୟକ୍ତି ଅଛନ୍ତି, ଯେଉଁମାନେ ଏହି ଧରଣର ପ୍ରୟାସ କରିଛନ୍ତି ଓ

ଅଲ୍ଲାଃଙ୍କ ଠାରୁ ଦିଗଦର୍ଶନ ପାଇଛନ୍ତି । ଏହା କେତେ ବଡ ଉଜ୍ଜ୍ୱଳ ପ୍ରମାଣ ! ମନୁଷ୍ୟ ନିଜ ବୁଦ୍ଧିରେ ଭୁଲ କରି ବାଟବଣା ହୋଇପାରେ । କିନ୍ତୁ ଈଶ୍ୱର ନିଜର ମାର୍ଗଦର୍ଶନ କରିବାରେ କେବେ ଭୁଲ କରିପାରିବେ ନାହିଁ । ପ୍ରତିଶ୍ରୁତ ମସିହ ହଜରତ ମିର୍ଜା ଗୁଲାମ ଅହମଦ[ଅସ] ନିଜ ବିଶ୍ୱାସରେ କେତେ ଅଟଳ ଯେ ନିଜ ସତ୍ୟତାକୁ ଚିହ୍ନିବା ପାଇଁ ଏହି ଧରଣର ଯଥାର୍ଥ ଉପାୟ ସଂସାର ସମ୍ମୁଖରେ ରଖିଲେ । ସେ ଉପଯୁକ୍ତ ପରାମର୍ଶ ଦେଇ ଦିଗହରା ଲୋକଙ୍କୁ ସତ୍‌ପଥ ଦେଖାଇଲେ । କ'ଣ ଜଣେ ମିଥ୍ୟାବାଦୀ ଏହା କହି ପାରିବ ଯେ ଯାଅ, ପ୍ରଭୁଙ୍କୁ ମୋ ବିଷୟରେ ପଚାର ? କ'ଣ କେହି ମିଥ୍ୟାବାଦୀ ଏହି ଧାରଣା କରି ବସିବ ଯେ ଏହି ପ୍ରକାର ନିଷ୍ପତ୍ତି ମୋ ସପକ୍ଷରେ ନିର୍ଦ୍ଧାରିତ କରାଯାଇ ସାରିଛି ? ଯେଉଁ ବ୍ୟକ୍ତି ଈଶ୍ୱର ପ୍ରେରିତ ନୁହେଁ ଅଥଚ ଏହି ଧରଣର ନିର୍ଣ୍ଣାୟକ ପରୀକ୍ଷାର ସମ୍ମୁଖୀନ ହେବାର ଉପାୟକୁ ସମର୍ଥନ କରୁଛି, ସେ ତ ନିଜ ବିରୁଦ୍ଧରେ ସତେ ଯେପରି ଉତ୍ତୀର୍ଣ୍ଣ ହେବାର ଡିଗ୍ରୀ ପ୍ରଦାନ କରିଦେଉଛି ଏବଂ ନିଜ ଗୋଡରେ କୁରାଢି ମାରୁଛି ! ମାତ୍ର ହଜରତ ମସିହ ମଉଦ[ଅସ]ଙ୍କର ଏହି ଯୁଗାନ୍ତକାରୀ ଘୋଷଣା କରିବାର ସତ୍‌ସାହାସ ଥିଲା । ସେ ସର୍ବଦା ମାନବ ଜାତି ସମ୍ମୁଖରେ ଏହି ଦାବି ଉପସ୍ଥାପନ କରି ଆସୁଛନ୍ତି ଯେ ମୁଁ ନିଜ ପାଇଁ ହଜାର ହଜାର ପ୍ରମାଣ ରଖିଛି ସତ, କିନ୍ତୁ ମୁଁ କହୁଛି ଯେ ଯଦି ତୁମେମାନେ ଏହି ପ୍ରମାଣଭିତ୍ତିକ ଚିହ୍ନ ସବୁରେ ସନ୍ତୁଷ୍ଟ ନୁହଁ, ତାହେଲେ ମୋର କଥା ଶୁଣ ନାହିଁ କି ବିରୁଦ୍ଧାଚରଣ ବ୍ୟକ୍ତିଙ୍କ କଥା ଶୁଣ ନାହିଁ । ବରଂ ଈଶ୍ୱରଙ୍କ ଦରବାରକୁ ଯାଅ ଓ ତାଙ୍କୁ ପଚାର ଯେ ମୁଁ ସତ୍ୟବାଦୀ ନା ମିଥ୍ୟାବାଦୀ । ଯଦି ଈଶ୍ୱର କହିଦେବେ ମୁଁ ମିଥ୍ୟାବାଦୀ, ତେବେ ନିଃସନ୍ଦେହରେ ମୁଁ ମିଥ୍ୟାବାଦୀ । କିନ୍ତୁ ଯଦି ଈଶ୍ୱର ତୁମକୁ ଏହା କୁହନ୍ତି, ଯେ ମୁଁ ସତ୍ୟବାଦୀ, ତେବେ ମୋର ସତ୍ୟତାକୁ ଗ୍ରହଣ କରିବାରେ ଏତେ କୁଣ୍ଠାବୋଧ କାହିଁକି ?

ପ୍ରିୟ ବନ୍ଧୁଗଣ ! ପ୍ରତିଶ୍ରୁତ ମସିହ ଓ ମେହଦୀ[ଅସ]ଙ୍କ ଦାବିକୁ ପରୀକ୍ଷା କରିବାର ଶୈଳୀ କିପରି ସିଧା ଓ ସରଳ ଥିଲା ! ହଜାର ହଜାର ଲୋକ ଏଥିରୁ ଉପକୃତ ହୋଇ ଚାଲିଛନ୍ତି । ଏବେ ମଧ୍ୟ ଯେଉଁମାନେ ଏହି ନିଷ୍ପତ୍ତି ନେବା ପଦ୍ଧତିକୁ ଗ୍ରହଣ କରିବେ, ସେମାନେ ଏଥିରୁ ଅବଶ୍ୟ ଲାଭାନ୍ୱୀତ ହୋଇପାରିବେ । ଏହି ଉପାୟରେ ପ୍ରକୃତ ଭେଦ ଥିଲା ଯେ ହଜରତ ଅହମଦ ଭଲ ଭାବରେ ବୁଝିଥିଲେ ଯେ ଧର୍ମ ସଂସାର ଠାରୁ ଉର୍ଦ୍ଧ୍ୱରେ ରହିଛି । ସେ କହୁଥିଲେ ଈଶ୍ୱର ପାର୍ଥୀବ ବସ୍ତୁକୁ ଦେଖିବା ପାଇଁ ଚକ୍ଷୁ ଦେଇଛନ୍ତି । ପାର୍ଥୀବ ବସ୍ତୁକୁ ବୁଝିବା ପାଇଁ ବୁଦ୍ଧି ଦେଇଛନ୍ତି । ଏବଂ

ଭୌତିକ ସାମଗ୍ରୀକୁ ଦେଖିବା ପାଇଁ ସେ ନିଜ ସୂର୍ଯ୍ୟର ପ୍ରକାଶ ସୃଷ୍ଟି କରିଛନ୍ତି ଓ ନଭୋମଣ୍ଡଳୀୟ ବସ୍ତୁ ଯେପରି ଗ୍ରହ ନକ୍ଷତ୍ରାଦିର ଉତ୍ପତ୍ତି କରିଛନ୍ତି । ତେବେ ଏହା କିପରି ସମ୍ଭବ ହୋଇପାରେ ଯେ ଆଧ୍ୟାତ୍ମିକ ସତ୍‌ପଥ ଦେଖାଇବା ପାଇଁ ସେ କୌଣସି ପନ୍ଥା ସ୍ଥିର କରିନାହାନ୍ତି । ନିଶ୍ଚିତ ଭାବରେ ଯେତେବେଳେ ବି କୌଣସି ବ୍ୟକ୍ତି ତାହାଙ୍କ ଠାରୁ ଆଧ୍ୟାତ୍ମିକ ଉପାଦାନଗୁଡିକୁ ଦେଖିବା ପାଇଁ ଇଚ୍ଛା ପ୍ରକାଶ କରେ, ସେହି ପ୍ରଭୁ ତା'ସକାଶେ ମାର୍ଗ ଉନ୍ମୁକ୍ତ କରି ଦିଅନ୍ତି । ସେ ସ୍ୱୟଂ ପବିତ୍ର କୁରଆନରେ କହିଛନ୍ତି :

وَالَّذِيْنَ جَاهَدُوْا فِيْنَا لَنَهْدِيَنَّهُمْ سُبُلَنَا

**ୱଲ୍ଲଜିନା ଜାହଦୁ ଫୀନା ଲନହ୍‌ଦିୟନ୍ ନହୁମ୍ ସୁବୁଲନା ॥**

"ଏବଂ ଯେଉଁମାନେ ଆମ ସହିତ ମିଳିତ ହେବା ପାଇଁ ଅଭିଳାଷ ରଖି ସଂଘର୍ଷ ଚଳାଇଥାନ୍ତି, ଆମ୍ଭେ ସେମାନଙ୍କୁ ନିଶ୍ଚୟ ଆମ୍ଭ ପଥରେ ପରିଚାଳିତ ହେବାର ସୁଯୋଗ ଦେଇଥାଉ ।" (ଅଲ ଅନକବୁତ୍ 29:70)

ଏହି ଉକ୍ତିର ସାରାଂଶ ହେଉଛି ପ୍ରତିଶ୍ରୁତ ମସିହ ଓ ମେହଦୀ[ଅସ] ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବାର ଉପାୟ ନିଜ ଜମାଅତ ସକାଶେ ମଧ୍ୟ ବତାଇ ଦେଇଥିଲେ ଏବଂ ନିଜର ଅବଜ୍ଞାକାରୀଙ୍କ ନିକଟରେ ମଧ୍ୟ ଏହି ପ୍ରସ୍ତାବ ରଖିଥିଲେ । ସେ ଦୃଢ କଣ୍ଠରେ ଘୋଷଣା କରିଥିଲେ ଯେ ଆମମାନଙ୍କ ଈଶ୍ୱର ଏକ ଜୀବିତ ଈଶ୍ୱର । ସେ ଏବେ ମଧ୍ୟ ବିଶ୍ୱ କାରଖାନା ପରିଚାଳନା କରୁଛନ୍ତି । ଉଭୟ ସାଂସାରିକ ଓ ଆଧ୍ୟାତ୍ମିକ ରୂପେ ସେ ମାନବ ଜଗତକୁ ନିୟନ୍ତ୍ରଣ କରୁଛନ୍ତି । ଜଣେ ବିଶ୍ୱାସକାରୀ ପକ୍ଷେ ଏହା ଜରୁରୀ ଯେ ଅଧିକରୁ ଅଧିକ ସେ ବିଶ୍ୱନିୟନ୍ତାଙ୍କ ସହିତ ସମ୍ପର୍କ ପ୍ରତିଷ୍ଠା କରୁ ଓ ତାଙ୍କ ସାନିଧ୍ୟ ଲାଭ କରିବା ପାଇଁ ତାଙ୍କର ନିକଟବର୍ତ୍ତୀ ହୋଇ ଚାଲିଥାଉ । ସେହି ବ୍ୟକ୍ତି ଯାହା ପ୍ରତି ସତଶିକ୍ଷା ପ୍ରକଟିତ ହୋଇ ନାହିଁ, ତାହା ପାଇଁ ଏହା ଜରୁରୀ ଯେ ସେ ପ୍ରଭୁଙ୍କ ଠାରୁ ହିଁ ସେହି ଆଲୋକର ସନ୍ଧାନ କରୁ ଏବଂ ତାଙ୍କ ଠାରୁ ସାହାଯ୍ୟ ଭିକ୍ଷା କରି ବାସ୍ତବତାକୁ ପାଇବା ପାଇଁ ପ୍ରୟାସ କରୁ । ସୁତରାଂ ହଜରତ ମସିହ ମଉଦ[ଅସ]ଙ୍କ ଅସଲ କାର୍ଯ୍ୟ ଓ ମୌଳିକ ବାର୍ତ୍ତା ଏହା ହିଁ ଥିଲା ଯେ ସେ ସଂସାରର ସୁଧାର କରିବେ । ମାନବ ଜାତିକୁ ପୁଣି ଥରେ ଈଶ୍ୱରଙ୍କ ଆଡକୁ ଲେଉଟାଇ ନେବେ । ଯେଉଁମାନେ ଈଶ୍ୱରଙ୍କୁ ସାକ୍ଷାତ କରିବାରେ ନିରାଶ ହୋଇଛନ୍ତି, ସେମାନଙ୍କ ହୃଦୟରେ ପରମାତ୍ମାଙ୍କ ସହିତ ମିଳିତ ହେବାର ବିଶ୍ୱାସ

ଜନ୍ମାଇବେ । ଲୋକମାନଙ୍କୁ ଏପରି ଜୀବନ ଲାଭ କରିବା ପାଇଁ ଆଶାର ଜ୍ୟୋତି ଜଳାଇବେ, ଯାହା ମୋସେସ, ଯୀଶୁ ତଥା ଅନ୍ୟାନ୍ୟ ଅବତାରଙ୍କ ଯୁଗର ଲୋକମାନଙ୍କ ଭାଗ୍ୟରେ ଜୁଟିଥିଲା ।

ହେ ବନ୍ଧୁଗଣ ! ପୁରାତନ ଗ୍ରନ୍ଥ ପଢି ଦେଖନ୍ତୁ ଓ ନିଜର ପୂର୍ବପୁରୁଷଙ୍କ ଇତିହାସ ପଢନ୍ତୁ । କ'ଣ ସେମାନେ ବସ୍ତୁବାଦୀ ଜୀବନ ବିତାଉଥିଲେ ?କ'ଣ ସେମାନେ କେବଳ ଭୌତିକ ସାଧନ ଉପରେ ନିର୍ଭର କରିଥିଲେ ? ସେହି ଲୋକମାନେ ଦିବାରାତ୍ରି ଈଶ୍ୱରଙ୍କ ପ୍ରେମ ହାସଲ କରିବା ପାଇଁ ଅଧିର ହୋଇ ପଡୁଥିଲେ । ସେଥିରେ ସଫଳତା ପ୍ରାପ୍ତ କରିଥିବା କୃତାର୍ଥ ବ୍ୟକ୍ତିମାନେ ଈଶ୍ୱରଙ୍କ ଅଲୌକିକ ନିଦର୍ଶନ ଓ ଦୈବୀ ଚିହ୍ନରେ ଅଂଶୀଦାର ହୋଇ ପରମ ତୃପ୍ତି ଲାଭ କରୁଥିଲେ । ଏହା ତାଙ୍କର ପରମାର୍ଥ ଜୀବନ ଥିଲା ଯାହା ଅନ୍ୟ ଜାତିର ଲୋକଙ୍କ ଆଗରେ ଶ୍ରେଷ୍ଠ କରି ଦେଖାଉଥିଲା । କିନ୍ତୁ ଆଜିର ମୁସଲମାନମାନେ ହିନ୍ଦୁ, ଖ୍ରୀଷ୍ଟିୟାନ ତଥା ଅନ୍ୟ ଧର୍ମର ଲୋକଙ୍କ ମୁକାବିଲାରେ କେଉଁ ପ୍ରକାର ଶ୍ରେଷ୍ଠତ୍ୱ ଅର୍ଜନ କରିଛନ୍ତି ? ଯଦି କୌଣସି ଏପରି ବୈଶିଷ୍ଟ୍ୟ ସେମାନଙ୍କୁ ଦେଖା ଯାଉ ନାହିଁ, ତେବେ ପୁଣି ଇସଲାମର କ'ଣ ଆବଶ୍ୟକତା ରହିଛି ? କିନ୍ତୁ ବାସ୍ତବିକ କଥା ହେଉଛି ଏହି ବୈଶିଷ୍ଟ୍ୟକୁ ମୁସଲମାନମାନେ ପାଶୋରି ପକାଇଛନ୍ତି । ତେବେ ଏହି ସୂକ୍ଷ୍ମ ରୁଚି ସଂପନ୍ନ ଧର୍ମ ଇସଲାମ ମଧ୍ୟରେ ସଦାସର୍ବଦା ପାଇଁ ଈଶ୍ୱରଙ୍କ ବାଣୀ ସଂଚାରିତ ହୋଇ ଚାଲିଛି ଏବଂ ସର୍ବଦା ଈଶ୍ୱରଙ୍କ ସହିତ ପ୍ରତ୍ୟକ୍ଷ ରୂପେ ସମ୍ପର୍କ ସ୍ଥାପନ କରାଯାଇ ପାରିବ । ତେବେ ମୁହମ୍ମଦ[ସଅ]ଙ୍କ ବଦାନ୍ୟତାର ତ ଏହା ହିଁ ଅର୍ଥ । ମହାଭାଗଙ୍କ ଆଧାତ୍ମିକ ଅନୁଗ୍ରହ ଓ ପ୍ରେରଣା ମୂଳକ ପୁରସ୍କାରର ଅର୍ଥ । ଏହାତ କଦାପି ହୋଇ ପାରିବ ନାହିଁ ଯେ ମୁସଲମାନମାନେ ବି.ଏ. ଓ ଏମ୍.ଏ ଡିଗ୍ରୀର ପରୀକ୍ଷାରେ ପାସ କରିଯିବେ, ଅଥଚ କ'ଣ ଜଣେ ଖ୍ରୀଷ୍ଟିୟାନ ବି.ଏ. ବା ଏମ୍. ଏ. ଡିଗ୍ରୀଧାରୀ ହୋଇପାରିବ ନାହିଁ ? ଦିବ୍ୟ ଅବତାର[ସଅ]ଙ୍କ ବଦାନ୍ୟତା ମୂଳକ ପୁରସ୍କାରର ଅର୍ଥ ଏହା ନୁହେଁ ଯେ ଆମେ କୌଣସି ବଡ କାରଖାନା ଚଳାଉଛୁ । କଣ ଖ୍ରୀଷ୍ଟିୟାନ, ହିନ୍ଦୁ ବା ଶିଖ୍ ଏପରି କାରଖାନା ଚଳାଇ ନାହାନ୍ତି ? ମହାଭାଗଙ୍କ ସଂସାର ପ୍ରତି ଉପକାରର ଅର୍ଥ ଏହା ନୁହେଁ ଯେ କୌଣସି ବଡ ବାଣିଜ୍ୟ ଶିଳ୍ପ ଆମେ ଖୋଲି ଦେଇଛୁ ଓ ଦୂର ଦୂରାନ୍ତ ଦେଶକୁ ଯାଇ ଆମେ ବାଣିଜ୍ୟ କାରବାର ପ୍ରଚଳନ କରିଦେଲୁ । ଏହାକୁ ମଧ୍ୟ ସବୁ ହିନ୍ଦୁ, ଖ୍ରୀଷ୍ଟିୟାନ ଓ ଇହୁଦିମାନେ କରୁଛନ୍ତି ।

କିନ୍ତୁ ପବିତ୍ର ବାର୍ତ୍ତାବହ ମୁହମ୍ମଦ[ସଅ]ଙ୍କ ସ୍ୱର୍ଗୀୟ ଆଶୀର୍ବାଦର ଏହି ଅର୍ଥ ହେଉଛି ଯେ ତାଙ୍କ ମାଧ୍ୟମରେ ମନୁଷ୍ୟର ଈଶ୍ୱରଙ୍କ ସହିତ ସିଧାସଳଖ ସମ୍ପର୍କ ପ୍ରତିଷ୍ଠା ହୋଇଯାଉ । ମନୁଷ୍ୟର ହୃଦୟ ପ୍ରଭୁଙ୍କୁ ଦର୍ଶନ କରୁ । ଆତ୍ମାର ପରମାତ୍ମାଙ୍କ ସହିତ ମିଳନ ହୋଇଯାଉ । ସେ ତାହାଙ୍କ ଅମୃତ ବାଣୀକୁ ଶ୍ରବଣ କରୁ ଏବଂ ପ୍ରଭୁଙ୍କର ନିତ୍ୟ ନୂତନ ଦୈବୀ ନିଦର୍ଶନ ଓ ଦିବ୍ୟ ବାଣୀ ତାହାଠାରେ ସଦ୍ୟ ପରିପ୍ରକାଶ ହେଉ । ଏହା ସେହି ଅମୂଲ୍ୟ ବସ୍ତୁ ଯାହା ମୁହମ୍ମଦ[ସଅ]ଙ୍କ ଦାସତ୍ୱ ବିନା ଅନ୍ୟ କାହାରିକୁ ପୃଥିବୀରେ ମିଳିପାରିବ ନାହିଁ । ଏହି ଦିବ୍ୟ ରସାମୃତ ମଧ୍ୟରେ ହଜରତ ମୁହମ୍ମଦ[ସଅ]ଙ୍କ ଅନୁସରଣ ଦ୍ୱାରା ଅନ୍ୟ ସମସ୍ତ ଜାତି ଉପରେ ବୈଶିଷ୍ଟ୍ୟ ପ୍ରତିପାଦିତ ହୋଇଛି । ସୁତରାଂ ଏହି ବିଷୟ ପ୍ରତି ହଜରତ ମସିହ ମଉଦ[ଅସ] ମୁସଲମାନମାନଙ୍କ ଧ୍ୟାନ ଆକର୍ଷଣ କରାଇଛନ୍ତି ଏବଂ ଏହି ବିଷୟକୁ ନିଜର ଅମାନ୍ୟକାରୀମାନଙ୍କ ଆଗରେ ପ୍ରମାଣିତ କରି ଦେଖାଇଛନ୍ତି ଯେ ହଜି ଯାଇଥିବା ଏହି ଦୁର୍ଲଭ ମୋତି ପ୍ରଭୁ ମୋତେ ଅର୍ପଣ କରିଛନ୍ତି । ଏହି ବିନଷ୍ଟ ଓ ବିଲୁପ୍ତ ସମ୍ପଦର ଭଣ୍ଡାର ମୋତେ ପ୍ରଦାନ କରାଯାଇଛି । ହଜରତ ମୁହମ୍ମଦ[ସଅ]ଙ୍କ ମଧ୍ୟସ୍ଥତାରେ ଓ ତାଙ୍କରି ଶରଣାଗତ ହେବାରେ ଏ ସବୁକିଛି ମୋତେ ମିଳିଛି ଏବଂ ତାହାଙ୍କ ବଦାନ୍ୟତା ଯୋଗୁଁ ମୁଁ ଏହି ସ୍ଥାନରେ ପହଞ୍ଚି ପାରିଛି । ସୁତରାଂ ଏହା ବ୍ୟତୀତ ଆହୁରି ଅନେକ କାର୍ଯ୍ୟ ପ୍ରତିଶ୍ରୁତ ମସିହ[ଅସ]ଙ୍କ ଦ୍ୱାରା ସମ୍ପାଦିତ ହୋଇଛି । କିନ୍ତୁ ଏସବୁ ଅଳ୍ପ ଗୁରୁତ୍ୱ ବହନ କରିଥାଏ । ତଥାପି ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । କିନ୍ତୁ ଅସଲ କାର୍ଯ୍ୟ ହେଉଛି, ସେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବା ଓ ବସ୍ତୁବାଦ ଉପରେ ଆଧ୍ୟାତ୍ମିକବାଦକୁ ବିଜୟୀ କରାଇବାର ଅଭିଯାନ ଆରମ୍ଭ କଲେ । ଏହା ନିଶ୍ଚିତ ଯେ ଇସଲାମ ଅନ୍ୟ ଧର୍ମଗୁଡିକ ଉପରେ ଏହି ମାର୍ଗରେ ବିଜୟ ଲାଭ କରିବ । ଆମେମାନେ ତୋପ, କମାଣ ଓ ବନ୍ଧୁକ ଦ୍ୱାରା ନିଜ ଦେଶର ସୁରକ୍ଷା ଅବଶ୍ୟ କରିବା । ଆମେ ଅନେକାଂଶରେ ଏହି ହତିଆର ସାହାଯ୍ୟରେ ଶତ୍ରୁଙ୍କୁ ପରାଭୂତ କରି ସେମାନଙ୍କ ଉପରେ ବିଜୟ ହାସଲ କରିବା । କିନ୍ତୁ ସମଗ୍ର ପୃଥିବୀରେ ଇସଲାମ ଧର୍ମର ଯେଉଁ ବିଜୟ ହେବ, ତାହା ଏହି ଆଧ୍ୟାତ୍ମିକ ଉପାୟ ଦ୍ୱାରା ହିଁ ସାଧିତ ହେବ । ଯେବେ ମୁସଲମାନ ଜଣେ ନୈଷ୍ଠିକ ମୁସଲମାନରେ ପରିଣତ ହୋଇଯିବ, ଯେବେ ସେ ଧର୍ମକୁ ସଂସାର ଉପରେ ପ୍ରାଧାନ୍ୟ ଦେବ, ଯେବେ ସେ ଆଧ୍ୟାତ୍ମିକ ବସ୍ତୁକୁ ଭୌତିକ ବସ୍ତୁ ଉପରେ ଶ୍ରେଷ୍ଠତା ପ୍ରଦାନ କରିବ, ସେତେବେଳେ ତାର ସାଂସାରିକ ବିଳାସିତ ଜୀବନ ଯାହାକୁ ସେ ଏବେ ପାଶ୍ଚାତ୍ୟ

ଦେଶ ଠାରୁ ଅନୁକରଣ କରିବାରେ ଲାଗିଛି ଓ ଆମ ଦେଶରେ ଯେଉଁ ପାଶ୍ଚାତ୍ୟ ଅପସଂସ୍କୃତି ଧସେଇ ପଶିଯାଇଛି, ତାହା ଆପେ ଆପେ ଅବଶ୍ୟ ଲୋପ ପାଇଯିବ। କାହାର କହିବା ଯୋଗୁଁ ନୁହେଁ, ବରଂ ନିଜ ମନର ଇଚ୍ଛା ଓ ବିବେକ ଦ୍ୱାରା ପରିଚାଳିତ ହୋଇ ଏସବୁ ବସ୍ତୁ ଲାଳସା ଓ ଆତ୍ମସ୍ୱାର୍ଥକୁ ତ୍ୟାଗ କରିଦେବ । ଫଳତଃ ସେ ଏକ ସଂଯମଶୀଳ ଜୀବନ ନିର୍ବାହ କରିବାକୁ ଲାଗିବ। ତା' ମୁଖରେ ଏକ ପ୍ରଭାବଶାଳୀ ସ୍ୱର ସୃଷ୍ଟି ହେବ। ତା'ର ପ୍ରତିବେଶୀ ସେହି ଜୀବନର ରଙ୍ଗରେ ନିଜ ଜୀବନକୁ ରଙ୍ଗାୟିତ କରିବ । ହିନ୍ଦୁ, ଖ୍ରୀଷ୍ଟିୟାନ ତଥା ଅନ୍ୟ ଧର୍ମର ଲୋକମାନେ ସେହିପରି କହିବା ଆରମ୍ଭ କରିଦେବେ ଯେପରି ଅତୀତରେ ମକ୍କାବାସୀ କହିଥିଲେ :

**ଲୌକାନୁ ମୁସଲିମିନ୍** لَوْ كَانُوْا مُسْلِمِيْنَ

ଅର୍ଥାତ 'ହାୟ ! କାଳେ ସେମାନେ ପୂର୍ବରୁ ମୁସଲମାନ ହୋଇଥାନ୍ତେ କି ?'

ଏହିପରି ଚାହୁଁ ଚାହୁଁ ମକ୍କାର ଲୋକଙ୍କ ସଦୃଶ ସେମାନଙ୍କ କଥା କାର୍ଯ୍ୟରେ ପରିଣତ ହୋଇଯିବ ଓ ସେମାନେ ମୁସଲମାନ ହୋଇଯିବେ । କାରଣ କୌଣସି ବ୍ୟକ୍ତି ଅଧିକ ସମୟ ପର୍ଯ୍ୟନ୍ତ ଉତ୍ତମ କାର୍ଯ୍ୟ ଠାରୁ ଦୂରେଇ ରହି ପାରିବେ ନାହିଁ। ପ୍ରଥମେ ଆଗ୍ରହ ଜନ୍ମିବ, ପୁଣି ମନରେ ଉତ୍ସୁକତା ବଢିବ, ପୁଣି ସେ ଏଥିପ୍ରତି ଲାଳାୟୀତ ହେବ ଓ ହୃଦୟରେ ପ୍ରୟାସ ଜାଗ୍ରତ ହେବ । ଏବଂ ପରିଶେଷରେ ମନୁଷ୍ୟ ଥଳକୂଳ ନମାନି ସେହି ଆଡକୁ ଆକର୍ଷିତ ହୋଇ ଚାଲି ଆସିବ । ଏବେ ତାହା ହିଁ ହେଉଛି, ପ୍ରଥମେ ଇସଲାମ ମୁସଲମାନ ହୃଦୟରେ ପ୍ରବେଶ କରିବ । ପୁଣି ସେମାନଙ୍କ ଶରୀର ମଧ୍ୟରେ ଶୀହରଣ ସୃଷ୍ଟି କରିବ । ପୁନଶ୍ଚ ଅଣମୁସଲିମ ଲୋକମାନେ ଆପଣା ଛାଏଁ ଏପରି ନିଷ୍ପାପର ମୁସଲମାନମାନଙ୍କୁ ନକଲ କରିବାକୁ ବିବଶ ହୋଇଯିବେ। ପୃଥିବୀ ମୁସଲମାନଙ୍କ ଦ୍ୱାରା ଭରପୁର ହୋଇଯିବ ଓ ସମଗ୍ର ବିଶ୍ୱ ଇସଲାମରେ ଅନୁବନ୍ଧିତ ହୋଇଯିବ।

ପ୍ରିୟ ବନ୍ଧୁଗଣ! ଏହି କ୍ଷୁଦ୍ର ଆଲେଖ୍ୟ ମଧ୍ୟରେ ମୁଁ ବିସ୍ତୃତ ଭାବରେ ପ୍ରମାଣଗୁଡିକ ବର୍ଣ୍ଣନା କରିପାରିବି ନାହିଁ। ଅହମଦୀୟତର ବାର୍ତ୍ତାର ସମସ୍ତ ଦିଗକୁ ଆପଣମାନଙ୍କ ସମ୍ମୁଖରେ ବ୍ୟାଖ୍ୟା କରିପାରିବି ନାହିଁ। ମୁଁ କେବଳ ଏହାର ସଂକ୍ଷିପ୍ତ ସାରକୁ ବର୍ଣ୍ଣନା କରି ଅହମଦୀୟତର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ଆପଣମାନଙ୍କ ନିକଟରେ ଉପସ୍ଥାପନ କରିଛି। ଆପଣମାନଙ୍କୁ ନିବେଦନ କରୁଛି ଯେ ଏହି ପ୍ରସଙ୍ଗ ଉପରେ ଆପଣମାନେ ଗୁରୁତର ସହିତ ଚିନ୍ତା କରନ୍ତୁ । ସଂସାରରେ

କେବେହେଲେ ମଧ୍ୟ ଧାର୍ମୀକ ଆବାହ୍ନ କେବଳ ଧର୍ମ ତତ୍ତ୍ୱକୁ ଲଦିଦେବା ଫଳରେ ପ୍ରଭାବ ବିସ୍ତାର କରିପାରେ ନାହିଁ । ଏହି ଆଧ୍ୟାତ୍ମିକ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ହେଲେ ଏହା ସହିତ ଆତ୍ମଶୁଦ୍ଧି, ପ୍ରଚାର ଓ ତ୍ୟାଗ ସବୁବେଳେ ଆବଶ୍ୟକ ପଡିଥାଏ । ହଜରତ ଆଦମ[ଅସ]ଙ୍କ ଯୁଗରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଯାହା ହୋଇ ନାହିଁ, ତାହା ଆଜି ମଧ୍ୟ ହେବ ନାହିଁ । ଯେଉଁ ମାଧ୍ୟମ ଓ ଉପାୟ ଦ୍ୱାରା ଆଜି ପର୍ଯ୍ୟନ୍ତ ଈଶ୍ୱରଙ୍କ ବାର୍ତ୍ତା ବିଶ୍ୱରେ ପରିବ୍ୟାପ୍ତ ହୋଇ ଚାଲିଛି, ସେହିପରି ଆଜି ମଧ୍ୟ ମୁହମ୍ମଦ[ସଅ]ଙ୍କ ଅମୀୟ ବାର୍ତ୍ତା ବିଶ୍ୱରେ ବ୍ୟାପି ଚାଲିଥିବ । ସୁତରାଂ ନିଜ ପ୍ରାଣର ଦ୍ୱାହି ଦେଇ, ନିଜ ସନ୍ତାନଙ୍କ ଉପରେ ଦୟା ଦେଖାଇ, ନିଜ ପରିବାର ଓ ନିଜ ସମାଜ ପ୍ରତି ଆନ୍ତରିକତା ଦେଖାଇ, ନିଜ ଜାତି ଓ ଦେଶ ପ୍ରତି ଅନୁରାଗ ଦେଖାଇ ସର୍ବଜନ ହିତ ପାଇଁ ପରମେଶ୍ୱରଙ୍କ ବାର୍ତ୍ତାକୁ ମନଧ୍ୟାନ ଦେଇ ଶୁଣିବା ଓ ବୁଝିବା ସକାଶେ ପ୍ରୟାସ କରନ୍ତୁ । ଯଦ୍ୱାରା ଅଲ୍ଲାଃଙ୍କ କରୁଣାର ଦ୍ୱାର ଆପଣମାନଙ୍କ ପାଇଁ ଶୀଘ୍ର ଖୋଲିଯିବ ଏବଂ ଏହା ଦେଖିବାକୁ ହେବ ଯେପରି ଇସଲାମର ପ୍ରଗତି ପଛୁଆ ହୋଇ ନ ରହିଯିବ । ଏବେ ବହୁତ କାମ ଆମକୁ କରିବାର ଅଛି । ମାତ୍ର ଏଥିପାଇଁ ଆମେ ଆପଣମାନଙ୍କୁ ଆସିବା ବାଟକୁ ଅନାଇ ବସିଛୁ । କାରଣ ଏପରି ସ୍ୱର୍ଗୀୟ ପ୍ରଗତିର ଧାରା ଐଶି ନିଦର୍ଶନ ବ୍ୟତୀତ ଧର୍ମର ପ୍ରସାର ସହିତ ମଧ୍ୟ ଜଡିତ । ଆପଣମାନେ ଆଗେଇ ଆସନ୍ତୁ । ଏହି ଦାୟୀତ୍ୱକୁ ଆମ ସହିତ ମିଶି ବହନ କରନ୍ତୁ, ଯେଉଁ ଗୁରୁ ଦାୟୀତ୍ୱର ବୋଝ ଉଠାଇବା ଇସଲାମର ବିକାଶ ଓ ସମୃଦ୍ଧି ସକାଶେ ଅତ୍ୟନ୍ତ ଆବଶ୍ୟକ । ଏଥିରେ ସନ୍ଦେହ ନାହିଁ ଯେ ନିଃସ୍ୱାର୍ଥପର ତ୍ୟାଗ ସ୍ୱୀକାର କରିବା, ତିରସ୍କାର ଓ ନିନ୍ଦାର ଗଞ୍ଜଣା ସହ୍ୟ କରିବା ଓ ଏସବୁ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବା ଏହି ମାର୍ଗରେ ଅତ୍ୟନ୍ତ ଜରୁରୀ । ମାତ୍ର ଈଶ୍ୱରଙ୍କ ମାର୍ଗରେ କେବଳ ମୃତ୍ୟୁ ହିଁ ପ୍ରକୃତ ଜୀବନ ଦାନ କରିଥାଏ । ଏବଂ ମରଣକୁ ବରଣ କରିବା ବିନା କୌଣସି ବ୍ୟକ୍ତି ଈଶ୍ୱରଙ୍କ ନିକଟରେ ପହଞ୍ଚି ପାରିବ ନାହିଁ । ମୃତ୍ୟୁକୁ ଆଲିଙ୍ଗନ କରିବା ବ୍ୟତିରେକେ ଇସଲାମର ବିଜୟ ମଧ୍ୟ ସମ୍ଭବ ନୁହେଁ । ତେଣୁ ଦମ୍ଭ ଧର ଓ ସାହସିକତାର ପରିଚୟ ଦିଅ ଓ ମୃତ୍ୟୁର ପିଆଲା ମୁହଁରେ ଲଗାଅ । ଆମର ଓ ଆପଣମାନଙ୍କର ପ୍ରାଣବଳୀ ଦ୍ୱାରା ଇସଲାମ ପ୍ରାଣବନ୍ତ ହୋଇ ଉଠିବ ଓ ପୁନର୍ଜୀବିତ ହେବ । ହଜରତ ମୁହମ୍ମଦ ରସୁଲୁଲ୍ଲା[ସଅ]ଙ୍କ ଧର୍ମ ପୁନର୍ବାର ସତେଜ ହୋଇଯିବ । ଏହି ମୃତ୍ୟୁକୁ ସ୍ୱୀକାର କରି ଆମେମାନେ ମଧ୍ୟ ନିଜ ପ୍ରିୟତମ ପ୍ରାଣସଖାଙ୍କ କୋଳରେ ଚୀରସ୍ଥାୟୀ ଜୀବନର ଆନନ୍ଦ ଉପଭୋଗ କରିବା । ଅଲ୍ଲାହୁମ୍ମା ଆମିନ୍ ।

**ମିର୍ଜା ମହମୁଦ୍ ଅହମଦ**

ଇମାମ୍ ଜମାଅତ ଅହମଦୀୟା ,ଅକ୍ଟୋବର ୨୭,୧୯୪୮

❁❁❁❁❁❁❁